ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୮/୨୦୨୨ (୮+୪=୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, January 8/2022 ★★

୧୮ଶ ଭାଗ ୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଜନି ବେୟାରଷ୍ଟୋଙ୍କ ଅପରାଜିତ ଶତକ**

ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଇଂଲଣ୍ଡ ବ୍ୟାଟର ଜନି ବେୟାରଷ୍ଟୋ ଅପରାଜିତ ଶତକ ହାସଲ କରିଛନ୍ତି।

୦୮

୦୫

**ମୋଦିଙ୍କ ଭାଷଣ ଶୁଣିଥାନ୍ତେ ଖାଲି ଆସନ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫିରୋଜପୁର ଯାଇ ସଭାରେ ଖାଲି ଆସନଗୁଡ଼ିକୁ ଭାଷଣ ଶୁଣାଇଥିଲେ ଭଲ ହୋଇଥାନ୍ତା ବୋଲି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ କଟାକ୍ଷ କରିଛନ୍ତି।



# ୧୦ରୁ ସର୍ବସାଧାରଣ ଦର୍ଶନ ମନା

## ତଦନ୍ତ ସ୍ଥଗିତ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତବେଳେ ସୁରକ୍ଷାରେ ତ୍ରୁଟି ସମ୍ପର୍କିତ ତଦନ୍ତକୁ ସୁପ୍ରିମକୋର୍ଟ ସୋମବାର ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏଥିସହ ମୋଦିଙ୍କ ଗସ୍ତ ବେଳେ ହୋଇଥିବା ସୁରକ୍ଷା ବନ୍ଦୋବସ୍ତର ସମସ୍ତ ରେକର୍ଡ ରାଜ୍ୟ ସରକାର, ପୋଲିସ ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକଠାରୁ ସଂଗ୍ରହ କରିବାକୁ



ଶୁକ୍ରବାର ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ୩ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ବୁଧବାର ପଞ୍ଜାବର ଫିରୋଜପୁର ଯାଉଥିବାବେଳେ କୃଷକମାନେ ଏହାକୁ ବିରୋଧକରି ରାସ୍ତା ଅବରୋଧ କରିଥିଲେ। ଫଳରେ ମୋଦି ଏକ ଫ୍ଲାଏଓଭର ଉପରେ ପ୍ରାୟ ୨୦ ମିନିଟ ଧରି ଫସିରହିବା ପରେ ସଭା ବାତିଲକରି

### ମୋଦିଙ୍କ ସୁରକ୍ଷାରେ ତ୍ରୁଟି

**ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ରେକର୍ଡ ସଂଗ୍ରହ ପାଇଁ ନିର୍ଦ୍ଦେଶ**

ଦିଲ୍ଲୀ ଫେରିଯାଇଥିଲେ। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ତାହା ସୁନିଶ୍ଚିତ କରିବା ସକାଶେ ବରିଷ୍ଠ ଆଇନଜୀବୀ ମନିନ୍ଦର ସିଂ ଗୁରୁବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରି ଏହାର ତ୍ୱରିତ ଶୁଣାଣି ନିମନ୍ତେ ନିବେଦନ କରିଥିଲେ। ସିଜେଆଇ ଏନ୍‌.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍‌ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହାର ଶୁଣାଣି କରି ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ସମସ୍ତ ରେକର୍ଡ ପ୍ରଦାନ ପୂର୍ବକ ସହଯୋଗ କରିବା ଲାଗି ପଞ୍ଜାବ ସରକାର, ପୋଲିସ ଅଧିକାରୀ, ଏସ୍‌ପିଜି ଏବଂ ଅନ୍ୟ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଦିଙ୍କ ଗସ୍ତ ସମୟର ୱାୟରଲେସ୍‌ ମେସେଜ୍‌ ସମେତ ଅନ୍ୟ ପ୍ରମାଣ ସଂଗ୍ରହ ବେଳେ ରେଜିଷ୍ଟ୍ରାର ଜେନେରାଲଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଜଣେ ଅଧିକାରୀ ସହଯୋଗ କରିବେ। ଆସନ୍ତା ୧୦ରେ ଏହି ପ୍ରସଙ୍ଗରେ ପୁଣି ଶୁଣାଣି କରାଯିବ। ସେତେବେଳେ ଯାଏ ଉଭୟ ପଞ୍ଜାବ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠିତ ତଦନ୍ତ କମିଟି କୌଣସି ତଦନ୍ତ କରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ☞ପୃଷ୍ଠା-୪

ପୁରୀ ଅଫିସ,୭।୧

ଆସନ୍ତା ୧୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶୁକ୍ରବାର ଭର୍ଚୁଆଲ୍‌ ମୋଡ୍‌ରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ରାଜ୍ୟରେ କ୍ରମାଗତ ଭାବେ କୋଭିଡ୍‌ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ୍‌ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପରିଚାଳନା କମିଟିର ସଦସ୍ୟ ଏବଂ ଛତିଶା ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, କୋଭିଡ୍‌ର ଡେଲ୍ଟା ଏବଂ ଓମିକ୍ରନ୍‌ ଷ୍ଟ୍ରେନ୍‌ର ସଂକ୍ରମଣ ବଢ଼ିବାରେ ଲାଗିଛି। ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀ ମଧ୍ୟ ସଂକ୍ରମଣର ଶିକାର ହେଲେଣି। ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ଲୋକ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏଭଳି ହେବା ଦ୍ୱାରା ସଂକ୍ରମଣ ଅଧିକ ବ୍ୟାପିବାର ଆଶଙ୍କା ରହୁଛି।

### ପତିତପାବନଙ୍କ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ



ସହରବାସୀ ଓ ସେବାୟତମାନଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବୈଠକରେ ମଧ୍ୟ ସମସ୍ତେ ପରାମର୍ଶ ଦେଇଥିଲେ। ତେବେ ମହାପ୍ରଭୁଙ୍କ ନୀତିକାନ୍ତି ପୂର୍ବ ଭଳି ନିର୍ଦ୍ଧାରିତ ସମୟରେ କରାଯିବ ଓ ଏହା ପ୍ରଭାବିତ ହେବ ନାହିଁ। ପତିତପାବନ ଦର୍ଶନ ଉପରେ କଟକଣା ନାହିଁ। ଲୋକେ ପତିତପାବନଙ୍କୁ ଦର୍ଶନ କରିପାରିବେ, ମାତ୍ର କୋଭିଡ୍‌ ଗାଇଡ୍‌ଲାଇନ୍‌ ମାନିବେ। ଶନିବାର ଶ୍ରୀମନ୍ଦିରରେ ଶେଷ ସର୍ବସାଧାରଣ ଦର୍ଶନ ରହିବ। ଏହାପରେ ପୂର୍ବଭଳି ରବିବାର ଶ୍ରୀମନ୍ଦିର ବନ୍ଦ ରହିବ। ସୋମବାରଠାରୁ ନୂଆ ଏସ୍‌ଓପି ଆଧାରରେ ସର୍ବସାଧାରଣ ଦର୍ଶନକୁ ବନ୍ଦ କରାଯିବ। ଅନ୍ୟପକ୍ଷରେ ସେବାୟତମାନଙ୍କ ପାଇଁ କୋଭିଡ୍‌ କେୟାର ସେଣ୍ଟର, ରାପିଡ୍‌ ରେସପନ୍ସ ଟିମ୍‌, ଆମ୍ବୁଲାନ୍ସ ବ୍ୟବସ୍ଥା, ଚିକିତ୍ସା ସେବାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଦଇତାପତି ନିଯୋଗର ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ସଂକ୍ରମଣ ବଢୁଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଶ୍ରୀମନ୍ଦିର ପ୍ରଶାସନର ଅନେକ ଅଧିକାରୀ ଓ ସେବାୟତଙ୍କୁ କରୋନା ହୋଇସାରିଲାଣି। ତେଣୁ ବୈଠକରେ ସମସ୍ତେ ଏକସ୍ୱରରେ ଶ୍ରୀମନ୍ଦିର ବନ୍ଦ କରାଯିବା ସପକ୍ଷରେ ମତ ଦେଇଥିଲେ। ତେବେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ଯୋଗୁ ସେବାୟତଙ୍କ ଆର୍ଥିକ ସ୍ଥିତି ଉପରେ ସିଧାସଳଖ ପ୍ରଭାବ ପଡ଼ିବ। ଏଣୁ ଏଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି କରାଯାଇଛି।

## ସୋମବାରରୁ କଲେଜ, ବିଶ୍ୱବିଦ୍ୟାଳୟ ବନ୍ଦ

ଭୁବନେଶ୍ୱର,୭।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୨୭ ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ଜାନୁୟାରୀ ୧୦ରୁ ରାଜ୍ୟରେ ଥିବା ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ। ସେହିପରି ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟର ମଧ୍ୟ ବନ୍ଦ ରହିବ। କେବଳ ମେଡିକାଲ କଲେଜ ଓ ନର୍ସିଂ କଲେଜ ଖୋଲାରହିବ। ସ୍ୱତନ୍ତ୍ର ରିଲିଫ୍‌ କମିଶନର(ଏସ୍‌ଆରସି) କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏ ନେଇ ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ନୂଆ ଗାଇଡ୍‌ଲାଇନ ଆଧାରରେ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବା ବେଳେ ଅନ୍‌ଲାଇନରେ ପାଠପଢ଼ା ଜାରି ରହିବ। ଅନ୍ୟପକ୍ଷରେ ଏବେ ଚାଲିଥିବା ସମସ୍ତ ଅଫ୍‌ଲାଇନ ପରୀକ୍ଷାଗୁଡ଼ିକ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଚାଲିପାରିବ ବୋଲି ଏସ୍‌ଆରସିଙ୍କ ନିର୍ଦ୍ଦେଶନାମାରେ କୁହାଯାଇଛି। ସମସ୍ତ ଶିକ୍ଷକ ଓ ଅନ୍ୟ କର୍ମଚାରୀ ପୂର୍ବଭଳି ନିଜର ଡ୍ୟୁଟି କରିବେ। କଲେଜ ଓ ବିଶ୍ୱବିଦ୍ୟାଳୟ ଅନ୍‌ଲାଇନ କ୍ଲାସ୍‌ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ। ଯେଉଁ ଛାତ୍ରୀଛାତ୍ରମାନେ ଗବେଷଣା କରୁଛନ୍ତି, ସେମାନେ ଚାହିଁଲେ ହଷ୍ଟେଲରେ ରହିପାରିବେ। ତେବେ ଏଥିପାଇଁ ସେମାନଙ୍କୁ ସମ୍ପୃକ୍ତ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଅଣ୍ଡରଟେକିଂ ଲେଖି ଦେବାକୁ ପଡ଼ିବ। ଏହି କ୍ଷେତ୍ରରେ ସମ୍ପୃକ୍ତ ବିଭାଗ ସେମାନଙ୍କ ପାଇଁ ଏସ୍‌ଓପି ବା ଗାଇଡ୍‌ଲାଇନ ଜାରି କରିବ। ସୂଚନାଯୋଗ୍ୟ, ପୂର୍ବରୁ ସରକାର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍‌ ଓ କଲେଜଗୁଡ଼ିକୁ ବନ୍ଦ ଘୋଷଣା କରିଥିଲେ।

# ଦେଇଥିବା କଥା ରଖିଛୁ: ମୁଖ୍ୟମନ୍ତ୍ରୀ

### ଘର ମରାମତି: ୩୧ ଲକ୍ଷ ପରିବାରକୁ ଦିଆଗଲା ୧୪୪୪ କୋଟି

**■ ପକ୍କାଘର ମରାମତି ପାଇଁ ମିଳିବ ୫ ହଜାର**

ଭୁବନେଶ୍ୱର,୭।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘର ପାଇଥିବା ହିତାଧିକାରୀମାନଙ୍କୁ ୩ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟର ସମୁଦାୟ ୩୧ ଲକ୍ଷ ପରିବାରକୁ ୧୪୪୪ କୋଟି ଟଙ୍କାର ସହାୟତା ଦିଆଯାଇଛି। ଏହି ସହାୟତା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଛି।

ସୂଚନାଯୋଗ୍ୟ ଯେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ଗୃହ ନିର୍ମାଣ




ଘର ମରାମତି ବାବଦରେ ସହାୟତା ଅର୍ଥ ପ୍ରଦାନ କରାଯିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନ୍‌।

ଯୋଜନାର ହିତାଧିକାରୀଙ୍କୁ ଘର ମରାମତି ପାଇଁ ଆର୍ଥିକ ସହାୟତା ଦିଆଯାଉଛି। ୨୦୨୧ ଡିସେମ୍ବର ୨୧ରେ ରାଜ୍ୟ କ୍ୟାବିନେଟରେ ଘର ମରାମତି ସହାୟତା ନିଷ୍ପତ୍ତି କରାଯାଇଥିଲା। ନିଷ୍ପତ୍ତିର ୧୫ ଦିନ ମଧ୍ୟରେ ହିତାଧିକାରୀମାନଙ୍କୁ ସହାୟତା ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ଦେଇଥିବା କଥା ଆମେ ରଖିଛୁ। ୨୦୧୪ରେ ରାଜ୍ୟ କ୍ୟାବିନେଟର ପ୍ରଥମ ବୈଠକରେ ରାଜ୍ୟର ସବୁ କଚ୍ଚାଘରକୁ ପକ୍କାଘର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ☞ପୃଷ୍ଠା-୪

# ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ୧୦% କୋଟାକୁ ଅନୁମତି

ନୂଆଦିଲ୍ଲୀ,୭।୧(ପି.ଟି.)

ସୁପ୍ରିମକୋର୍ଟ ୨୦୨୧-୨୨ ଶିକ୍ଷାବର୍ଷ ନିମନ୍ତେ ଏନ୍‌ଇଇଟି-ପିଜି ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି କାଉନ୍‌ସେଲିଂ ପୁନର୍ବାର ଆରମ୍ଭ କରିବାକୁ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ନିମନ୍ତେ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍‌)ଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି। ଅନ୍ତରୀଣ ନିର୍ଦ୍ଦେଶନାମାର ସବିଶେଷ କାରଣକୁ ଅନୁପାଳନ କରି ବିଜ୍ଞପିତ ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଏନ୍‌ଇଇଟି-ପିଜି ପାଇଁ କାଉନସେଲିଂ କରିବାକୁ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍‌. ବୋପନ୍ନାଙ୍କ ଖଣ୍ଡପୀଠ କହିଛନ୍ତି।

୨୦୨୧ ଜୁଲାଇ ୨୯ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବଭାରତୀୟ ସ୍ତରରେ ଏମ୍‌ବିବିଏସ୍‌ ଏବଂ ଏମ୍‌ଡି ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଓବିସିଙ୍କ ପାଇଁ ୨୭% ଏବଂ ଇଡବ୍ଲ୍ୟୁଏସ୍‌ଙ୍କ ନିମନ୍ତେ

### ଏନ୍‌ଇଇଟି-ପିଜି ମେଡିକାଲ କାଉନସେଲିଂ

**■ ଇଡବ୍ଲ୍ୟୁଏସ୍‌ ଚୟନ ମାପଦଣ୍ଡର ବାସ୍ତବତାକୁ ବିଚାର କରିବେ ସୁପ୍ରିମକୋର୍ଟ**

୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖାଯାଇଥିଲା। ଖଣ୍ଡପୀଠ ଏହାକୁ କାଏମ ରଖିଛନ୍ତି। ତେବେ ଇଡବ୍ଲ୍ୟୁଏସ୍‌ ପ୍ରାର୍ଥୀ ଚିହ୍ନଟ ଲାଗି ବାର୍ଷିକ ୮ ଲକ୍ଷ ଟଙ୍କା ଆୟ ମାପଦଣ୍ଡର ବାସ୍ତବତା ଉପରେ ମାର୍ଚ୍ଚ ତୃତୀୟ ସପ୍ତାହରେ ବିଚାର କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ଏନ୍‌ଇଇଟି-ୟୁଜି ଏବଂ ଏନ୍‌ଇଇଟି-ପିଜି କାଉନସେଲିଂ ଜୁଲାଇ ୨୯ ନୋଟିସ ଅନୁଯାୟୀ କରାଯିବାକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଅଜୟ ଭୂଷଣ ପାଣ୍ଡେ କମିଟି ଇଡବ୍ଲ୍ୟୁଏସ୍‌ ନିର୍ଦ୍ଧାରଣ ନିମନ୍ତେ ବାର୍ଷିକ ୮ ଲକ୍ଷ ଟଙ୍କା ଆୟକୁ ମାପଦଣ୍ଡ ଭାବେ ଗ୍ରହଣ କରିବାକୁ ସୁପାରିସ କରିଥିଲେ।

ଏନ୍‌ଇଇଟି ପିଜି ଏବଂ ୟୁଜି ନାମଲେଖାରେ ସର୍ବଭାରତୀୟ ସ୍ତରରେ ଓବିସିଙ୍କ ପାଇଁ ୨୭% ଏବଂ ଇଡବ୍ଲ୍ୟୁଏସ୍‌ଙ୍କ ନିମନ୍ତେ ୧୦% ସଂରକ୍ଷଣ ଲାଗି ଜୁଲାଇ ୨୯ ମେଡିକାଲ କାଉନସେଲିଂ କମିଟି (ଏମ୍‌ସିସି)ର ବିଜ୍ଞପ୍ତିକୁ ଆବେଦନକାରୀ ଚ୍ୟାଲେଞ୍ଜ କରିଥିଲେ। କେଉଁ ଆଧାରରେ ୮ ଲକ୍ଷ ଟଙ୍କା ବାର୍ଷିକ ଆୟକୁ ମାପଦଣ୍ଡ କରାଗଲା ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିବା ପରେ ଏହାର ପୁନର୍ବିଚାର ପାଇଁ କେନ୍ଦ୍ର ସରକାର ଗତବର୍ଷ ନଭେମ୍ବର ୨୫ରେ ୪ ସପ୍ତାହ ସମୟ ମାଗିଥିଲେ। ସରକାରଙ୍କ ପ୍ରତିଶ୍ରୁତି ପରେ ରେସିଡେଣ୍ଟ ଡାକ୍ତରମାନେ ଧର୍ମଘଟ ବନ୍ଦ କରିଥିଲେ। ସରକାର ଗଠନ କରିଥିବା ୩ ଜଣିଆ କମିଟି ଇଡବ୍ଲ୍ୟୁଏସ୍‌ ଚୟନରେ ୨୦୧୯ରୁ ଚାଲିଆସୁଥିବା ୮ ଲକ୍ଷ ଆୟସୀମାକୁ ବଳବତ୍ତର ରଖିବା ଲାଗି ସରକାରଙ୍କୁ ପରାମର୍ଶ ଦେଇଥିଲେ।

## ୧୦ରୁ ହାଇକୋର୍ଟରେ ଭର୍ଚୁଆଲ ଶୁଣାଣି

କଟକ ଅଫିସ,୭।୧

କରୋନା ମହାମାରୀ ଦୃଷ୍ଟିରୁ ଆସନ୍ତା ୧୦ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ହାଇକୋର୍ଟରେ କେବଳ ଭର୍ଚୁଆଲ ଶୁଣାଣି ହେବ। ହାଇକୋର୍ଟଙ୍କ କାର୍ଯ୍ୟାଳୟ ୫୦% କର୍ମଚାରୀଙ୍କୁ ନେଇ ଚାଲିବ। ଏଥିପାଇଁ ହାଇକୋର୍ଟ ପକ୍ଷରୁ ରୋଷ୍ଟର ଡ୍ୟୁଟି ବଣ୍ଟନ କରାଯିବ। ହାଇକୋର୍ଟ ଭିତରକୁ କେବଳ କର୍ମଚାରୀ ଓ ଅଫିସର ଯାଇପାରିବେ। ଇ-ଫାଇଲିଂ ପୋର୍ଟାଲରେ କେସ୍‌ ଫାଇଲ କରାଯିବ। ପୂର୍ବରୁ ମିଳୁଥିବା ସାର୍ଟିଫାଏଡ କପି ସେବାକୁ ଫେବୃୟାରୀ ୪ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ଆଇନଜୀବୀଙ୍କ ସୁବିଧା ପାଇଁ ରାଜ୍ୟ ବାର୍‌ କାଉନ୍‌ସିଲରେ ଅତିରିକ୍ତ ଗୋଟିଏ ଭିଡିଓ କନ୍‌ଫରେନ୍ସ କ୍ୟାବିନ କାର୍ଯ୍ୟ କରିବ ବୋଲି ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

**ଆଜିର ସମ୍ପାଦକୀୟ**

**କି ପରିବର୍ତ୍ତନ**

# ୨୬ ବର୍ଷ ପରେ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷ

ଦେବଗଡ଼,୭।୧(ଡି.ଏନ.ଏ.)

ଏକ ହତ୍ୟା ଘଟଣାର ଦୀର୍ଘ ୨୬ ବର୍ଷ ପରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଉକ୍ତ ମାମଲା ବିଚାର କରି ଦେବଗଡ଼ ଅତିରିକ୍ତ ଜିଲା ଓ ଦୌରାଜଜ୍‌ ଚିନ୍ମୟ ଗୋଚ୍ଛାୟତ ମତୁଆ ମୁଣ୍ଡା ଓରଫ୍‌ ଗାଗାରିନ ନାମକ ଜଣେ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନା ଅନୁଯାୟୀ, ସୁନ୍ଦରଗଡ ଜିଲା ଟିକାୟତପାଲି ଥାନା ଅଧୀନ ଦଲକୀ ଗ୍ରାମର ମତୁଆ ମୁଣ୍ଡା ଓରଫ୍‌ ଗାଗାରିନ ସେହି ଗ୍ରାମର ଦୀନବନ୍ଧୁ ବାଙ୍କିରାଙ୍କ ଘରେ କାମ କରୁଥିଲେ। ଦୀନବନ୍ଧୁଙ୍କ ମୃତ୍ୟୁ ପରେ ତାଙ୍କ (ଦୀନବନ୍ଧୁଙ୍କ) ବିଧବା ସ୍ତ୍ରୀ ରଜନୀ ଓରଫ ରାଇମନି ମୁଣ୍ଡାଙ୍କ ସହ ମତୁଆଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କ ମଧ୍ୟରେ ଅନୈତିକ ସମ୍ପର୍କରୁ ରଜନୀ ଗର୍ଭବତୀ ହେବା ପରେ ଘଟଣା ଜଣାପଡ଼ିଥିଲା। ଏହା ପରେ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ ମତୁଆ ରଜନୀଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରି ନିଜ ଘରକୁ ନେଇଥିଲେ। ଉଭୟେ



କିଛିଦିନ ସେଠାରେ ଏକାଠି ରହିବା ପରେ ସମ୍ବଲପୁର ଯିବା ପାଇଁ ଗତ ୧୯୯୫ ମସିହା ଫେବୃୟାରୀ ୨୦ ତାରିଖରେ ବସ୍‌ ଧରିବା ପାଇଁ ଦେବଗଡ ଥାନା ଅଧୀନ ଲଇମୁରା ଗ୍ରାମକୁ ଯାଇଥିଲେ। ସେହିଦିନଠାରୁ ଉଭୟଙ୍କ ଆଉ କୌଣସି ଖବର ମିଳି ନ ଥିଲା। ଏହାର ୭ ଦିନ ପରେ ରଜନୀଙ୍କ ମୃତଦେହ ଦେବଗଡ ଥାନା (ଲଇମୁରା ଫାଣ୍ଡି) ଅଧୀନ ଢେଙ୍ଗୁରଯୋର ଗ୍ରାମର ଏକ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ମତୁଆ ରଜନୀଙ୍କୁ ହତ୍ୟା କରି ଉକ୍ତ ପୋଖରୀରେ ଫିଙ୍ଗିଦେଇଥିବା ଅଭିଯୋଗ ହେବା ପରେ ଦେବଗଡ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମତୁଆ ଫେରାର ଥିବାରୁ ତାଙ୍କୁ ଗିରଫ କରିବା ଉଭୟ ଦେବଗଡ ଏବଂ ସୁନ୍ଦରଗଡ ଜିଲା ପୋଲିସ ପାଇଁ ଏକ ବଡ ଆହ୍ୱାନ ସାଜିଥିଲା। ଉଭୟ ଜିଲା ପୋଲିସର ମିଳିତ ସହଯୋଗରେ ୨୦୧୪ ମସିହା ଏପ୍ରିଲ ୧୯ ତାରିଖରେ ମତୁଆଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ଆବେଦନ ଖାରଜ ହେବା ପରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ତାଙ୍କର ଜାମିନ ନାମଞ୍ଜୁର କରିବାରୁ ସେହି ଦିନଠାରୁ ଦୀର୍ଘ ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ଜେଲ ହାଜତରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଏହି ଘଟଣା ସେହି ସମୟରେ ଉଭୟ ଦେବଗଡ ଏବଂ ସୁନ୍ଦରଗଡ ଜିଲାରେ ଆଲୋଡନ ସୃଷ୍ଟି କରିଥିଲା। ଶେଷରେ ଉକ୍ତ ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ଦୌରାଜଜ୍‌ ଗୋଚ୍ଛାୟତ ପ୍ରମାଣ ଅଭାବରୁ ମତୁଆଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ ଓ ସିଦ୍ଧେଶ୍ୱର ଗୁରୁ ମକଦ୍ଦମା ପରିଚାଳନା କରୁଥିଲେ।

## ୭୨ ଘଣ୍ଟାର ଆର୍‌ଟି-ପିସିଆର୍‌ ରିପୋର୍ଟ ନେଗେଟିଭ୍‌ ଥିଲେ ବିମାନ ବନ୍ଦରରେ ଟେଷ୍ଟ ହେବନି




### ଗାଇଡ୍‌ଲାଇନ୍‌ ସଂଶୋଧନ କଲା ବିଏମ୍‌ସି

ଭୁବନେଶ୍ୱର, ୭।୧(ବ୍ୟୁରୋ)

ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍‌ ଜାରି କରାଯାଇଛି। ସମସ୍ତ ବିମାନ ଯାତ୍ରୀଙ୍କ ଆର୍‌ଟିପିସିଆର୍‌ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଶୁକ୍ରବାରଠାରୁ ଏହା ଲାଗୁ ହୋଇଛି। ତେବେ ଏହି ନିର୍ଦ୍ଦେଶନାମାରେ ବିଏମ୍‌ସି ସାମାନ୍ୟ ସଂଶୋଧନ କରିଛି। ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଯେଉଁ ଯାତ୍ରୀଙ୍କର ୭୨ ଘଣ୍ଟା ମଧ୍ୟରେ ଆର୍‌ଟିପିସିଆର୍‌ ରିପୋର୍ଟ ନେଗେଟିଭ୍‌ ରହିଥିବ ସେମାନଙ୍କର ଆଉ ଟେଷ୍ଟ କରାଯିବ ନାହିଁ। ତେବେ କୌଣସି ଯାତ୍ରୀଙ୍କଠାରେ କରୋନା ଲକ୍ଷଣ ଦେଖାଦେଲେ ସେମାନଙ୍କୁ ଆଇସୋଲେଶନରେ ରଖାଯିବା ସହ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଗୁରୁବାର ଜାରି ହୋଇଥିବା ☞ପୃଷ୍ଠା-୪

# ଦୁଃଖ ଖୋଜୁଥିବା ମଣିଷ

**ବିଜୟ କୁମାର ପଣ୍ଡା**

ଗଳ୍ପ

ଚାକିରିଆ ସ୍ତ୍ରୀ ଆଉ ପୁଅକୁ ନେଇ ଦାସବାବୁଙ୍କ ଛୋଟିଆ ପରିବାର। ଅବସରପ୍ରାପ୍ତ ମା'ବାପା ରୁହନ୍ତି ଗାଁରେ।

ସପ୍ତାହରେ ଦୁଇ ତିନି ଦିନ ସ୍ତ୍ରୀ ଆଉ ପୁଅକୁ ଧରି ପାଖାପାଖି ତିନି ଚାରି କିଲୋମିଟର ଗାଡ଼ିରେ ବୁଲି ଆସନ୍ତି ଦାସବାବୁ କିଛି ଗୋଟେ ସନ୍ଧାନରେ। ଘରେ ରହି ତାଙ୍କୁ ବହୁତ ବୋର ଲାଗୁଛି ଆଉ ତାଙ୍କ ଗାଡ଼ିକୁ ମଧ୍ୟ। ଫିଚର ଲୋଡେଡ୍ ଦାମୀ ଗାଡ଼ିଟାକୁ କେହି ନ ଦେଖିଲେ ଗାଡ଼ି ଆଉ ମାଲିକ ଉଭୟଙ୍କ ମନ ଦୁଃଖ। ଘର ପାଖାପାଖି ଛୋଟିଆ ବଜାରଟିଏ, ଯେଉଁଠି ଠେଲା ଗାଡ଼ିଠୁଁ ଆରମ୍ଭ କରି ଛୋଟରୁ ବଡ଼ ଦୋକାନ ମାନ ଅଛି, ପରିବାରଟିଏ ଚଳିବା ପାଇଁ ସବୁକିଛି ଉପଲବ୍ଧ।

ଏତେ ସବୁ ମଧ୍ୟରେ ଦାସବାବୁଙ୍କର ଏକ ବଡ଼ ଦୁଃଖ ଯେ, ସେ ରହୁଥିବା ସୋସାଇଟିରେ କେହି ଦୁଃଖୀ ନାହାନ୍ତି। ସମସ୍ତଙ୍କର ଦାମୀ ଗାଡ଼ି କିମ୍ବା ଗୋଟିଏ ଦୁଇଟା ପ୍ଲଟ ନଥିଲେ ମଧ୍ୟ ପ୍ରାୟ ସମସ୍ତେ ନିଜ ଦୁନିଆର ଖୁସିରେ ଅଛନ୍ତି। ତାଙ୍କୁ ଏଇ କଥାଟା ଅନେକ ଦୁଃଖୀ କରାଉଥିଲା। ଏଇ ଯେମିତି ମାଗିଖିଆ ଲୋକଟିଏ ଅବା ଦାରିଦ୍ର୍ୟରେ ପୀଡ଼ିତ ଲୋକଟିଏ ଅବା ପରିସ୍ଥିତିରେ ପଡ଼ି ଅତ୍ୟନ୍ତ ଅସହାୟ ହୋଇପଡ଼ିଥିବା ମଣିଷଟିଏ... ଏମିତି କାହିଁକି କେହି ତାଙ୍କୁ ଦେଖା ଯାଉନାହାନ୍ତି ସେ ରହୁଥିବା ଜାଗାରେ!

ସେମିତି ଲୋକମାନଙ୍କୁ ଦେଖିଲେ ହୁଏତ ଟଙ୍କା ପଚାଶ କି ଶହେ ଦେଇ ନିଜର ବଡ଼ପଣ ଆଉ ଉଦାରତା ଦେଖେଇ ହୁଅନ୍ତେ ନିଜ ପରିବାର ଆଗରେ, ଆଉ ସୋସିଆଲ ମିଡିଆରେ ବି। ତାଙ୍କ ହୁକୁମ ମାନୁନଥିବା ସ୍ତ୍ରୀ ଆଗରେ ଦୁଃଖୀମାନଙ୍କୁ ଦେଖାଇ କୁହନ୍ତେ "ଏଇ ଲୋକମାନଙ୍କୁ ଦେଖି ଚିନ୍ତାକର... ତମେ କେତେ ଭାଗ୍ୟବାନ୍। ଦାମୀ ଗାଡ଼ିରେ ବୁଲୁଛ... ଦୁଇ ମହଲା ଘରେ ରହୁଛ... ନନା ଆସି ରୋଷେଇ କରିଦେଇ ଯାଉଛି। ଚବିଶ ଘଣ୍ଟା ପାଣି ଆଉ ବିଜୁଳି ତମ ପାଇଁ ଉପଲବ୍ଧ। କେଉଁଥିରେ ତୁମର ଅଭାବ ରଖିନାହିଁ ମୁଁ।''



ଦୁଃଖର ଅନୁସନ୍ଧାନରେ ବାହାରିବା ବେଳେ କାର୍ ଭିତରେ ଥାଇ ବାହାର ଦୁନିଆକୁ ଅନୁଧ୍ୟାନ କରି ସେ ସ୍ତ୍ରୀକୁ କୁହନ୍ତି ''ଏଇ ସହରରେ, ଲୋକଗୁଡ଼ାକ ଏତେ ସ୍ୱାଭିମାନୀ କେମିତି କେଜାଣି? ଆଖ ପାଖରେ ଭିକାରିଟିଏ ବି ଦିଶୁନି? ସମସ୍ତେ ଛୋଟ ବଡ଼ କାମରେ ବ୍ୟସ୍ତ। ଏଠି ବଡ଼ ସାନ ବୋଲି ଗୋଟେ କାହାର ଖାତିର ନାହିଁ।''

ଦାସବାବୁଙ୍କ ସ୍ତ୍ରୀ ଆଉ ପୁଅ ଏସବୁକୁ ଧ୍ୟାନ ଦିଅନ୍ତିନି। ଦିନକୁ ଦିନ ଦାସ ବାବୁଙ୍କ ଏଇ ଗୋଟିଏ ଦୁଃଖଟି ବଢ଼ିବଢ଼ି ଗଲା। ରାତିରେ ନିଦ ନ ହେବାରୁ ଦିନସାରା ଚିଡ଼ିଚିଡ଼ି ହେଉଥିଲେ। ଧୀରେ ଧୀରେ ବ୍ଲଡ୍‌ପ୍ରେସର ରୋଗରେ ପୀଡ଼ିତ ହେଲେ। ଦିନେ ତାଙ୍କୁ ଲାଗିଲା ଏଭଳି ଜାଗାରେ ଘରକରି ରହିବା ହିଁ ତାଙ୍କ ଦୁଃଖର କାରଣ। ଏ ଘରଟାକୁ ବିକ୍ରି କରିଦେଇ ଅନ୍ୟ ଜାଗାକୁ ଚାଲିଯିବେ, କିନ୍ତୁ ତାଙ୍କ ସ୍ତ୍ରୀ ରାଜି ହେଲେନି। ''ଏ ଘରର ପ୍ରତି କୋଣ ଅନୁକୋଣରେ ମୋର ସ୍ୱପ୍ନ ଆଉ ସ୍ମୃତି ବାନ୍ଧି ହୋଇଅଛି। ଏଘର ଛାଡ଼ି ମୁଁ ଯାଇପାରିବିନି।'' ଦାସବାବୁଙ୍କ ସ୍ତ୍ରୀ ମନା କରିଦେଲେ।''

ରାଗରେ ଦାସବାବୁ ଘରଛାଡ଼ି ଭଡ଼ାଘର ଖୋଜାଖୋଜି କରି ବସ୍ତି ପାଖାପାଖି ରହିଲେ। ତାଙ୍କ ଦାମୀ ଗାଡ଼ିଟି ସେ ଭଡ଼ାଘରକୁ ନେଇଗଲେ। ସୀମା ସେପାଖରୁ କିଛି ଅନୁପ୍ରବେଶକାରୀମାନେ ଆସି ଜାଗା ମାଡ଼ି ଧୀରେଧୀରେ ବସ୍ତି ବସେଇ ଦେଇଥା'ନ୍ତି। ସେକଥା ଦାସବାବୁଙ୍କୁ ଜଣା ନଥିଲା। ସେ ତାଙ୍କ କାରରେ ଯେତେବେଳେ ବାହାରନ୍ତି, ଲୋକେ ଘଡ଼ିଏ ଚାହାନ୍ତି। ପିଲାଗୁଡ଼ାକ ଗାଡ଼ି ପଛରେ ଦଉଡ଼ନ୍ତି। ଦାସବାବୁଙ୍କୁ ଖୁବ୍ ଖୁସି ଲାଗେ।

ପିଲାମାନଙ୍କୁ ଚକୋଲେଟ, ବିସ୍କୁଟ ଦିଅନ୍ତି।

ସେଦିନ ରାତିରେ ଦାସବାବୁ ଫୋନ୍ କରି ବସ୍ତିରେ ଥିବା ଦୁଃଖୀ ଲୋକଙ୍କ କଥା ସ୍ତ୍ରୀକୁ କହୁଥିଲେ। ସ୍ତ୍ରୀ କହିଲେ ''ତମେ ସେଇଠି ଖୁସିରେ ରୁହ। ମୁଁ ଅମ୍ବାନୀ କି ଅଦାନୀ ନୁହେଁ। ମୋର ବି ଅନେକ ଦୁଃଖ ଅଛି।''

ସକାଳୁ ଉଠି ଦାସବାବୁ ଦେଖିଲେ ଗାଡ଼ିର ପଛ ଚକ ଦୁଇଟା ନାହିଁ। ଦାସ ବାବୁଙ୍କ ମୁଣ୍ଡଟା ଖରାପ ହୋଇଗଲା। ପୋଲିସ୍‌ରେ କମ୍ପ୍ଲେନ ଦେଲେ। ସପ୍ତାହେ ବିତିଗଲା, କିନ୍ତୁ କିଛି ଚୋରର କିଛି ସନ୍ଧାନ ମିଳିଲା ନାହିଁ। ସେଦିନ ସକାଳୁ ସକାଳୁ ଉଠି ଦେଖିଲେ ଆଗଚକ ଦୁଇଟା ବି ନାହିଁ। ଆହୁରି ଦୁଃଖୀ ହୋଇଗଲେ। ଥାନାରେ ପହଞ୍ଚିଲେ। ଥାନାବାବୁ ତାଙ୍କୁ ଆଶ୍ୱାସନା ଦେଲେ ଯେ କିଛିଦିନ ଭିତରେ ଚୋର ଧରାପଡ଼ିଯିବ। ଦାସବାବୁ ଥାନାବାବୁଙ୍କ ଉପରେ ରାଗିଗଲେ।

''ଦେଖନ୍ତୁ...ଆମର ଆହୁରି କେତେ ଗୁରୁତ୍ୱପୂର୍ଣ୍ଣ କାମ ଅଛି। ଆମେ ଦିନରାତି ଗାଡ଼ିର ଚକ ଖୋଜିବାପାଇଁ ଏଠି ଖାଲିରେ ବସିନୁ। ତା'ଛଡ଼ା ନିଜଘର ଛାଡ଼ି ତମେ ଏ ଅନୁପ୍ରବେଶକାରୀଙ୍କ ବସ୍ତି ପାଖରେ ରହୁଛ? ଆପଣଙ୍କ ଅସୁବିଧା କ'ଣ ଅଛି କୁହନ୍ତୁ?''

ଦାସବାବୁଙ୍କ ଦୁଃଖ ଦୁଇଗୁଣା ହୋଇଗଲା।

ଫେରିଲା ବେଳକୁ ଦୂରରୁ ଦେଖିଲେ ତାଙ୍କଠୁଁ ଚକୋଲେଟ୍ ବିସ୍କୁଟ ନେଉଥିବା ପିଲାଟିଏ ତାଙ୍କ ଗାଡ଼ିର ଗୋଟିଏ ଚକସହ ଖେଳୁଛି। ଏ ଚକଟା ତୁ କେଉଁଠି ପାଇଲୁ ବୋଲି ପଚାରିବାରୁ ସେ କହିଲା, ''ସାର୍ ଏଇ ଚକଟାରେ ଛ' ମାସ ହେଲାଣି ମୁଁ ଖେଳୁଛି।''

ଦାସବାବୁ ତା'ର ମିଛ ଠିକ୍ ବୁଝିପାରିଲେ।

ତା' ପରଦିନ ଗୁଡ଼ାଏ ଟଙ୍କା ଦେଇ ଗାଡ଼ିର ଚାରୋଟି ଚକ କିଣି ଭଡ଼ାଘର ଛାଡ଼ି ନିଜ ଘରକୁ ଫେରିଆସିଲେ।

ଘରେ ପହଞ୍ଚି ଜାଣିଲେ ସ୍ତ୍ରୀକୁ ଜନ୍ମଦିନରେ ଉପହାର ଦେଇଥିବା ହୀରା ମୁଦିଟା ଚୋରି ହୋଇଯାଇଛି। ସ୍ତ୍ରୀ କହୁଥିଲେ, ''ରୋଷେଇ କରୁଥିବା ନନା ଦୁଇ ସପ୍ତାହ ତଳେ କହିଲେ ସେ ଗୋଟିଏ ମାସ ପାଇଁ ଗାଁକୁ ପଳେଇବେ, ସେଥିପାଇଁ ଜଣେ ସ୍ତ୍ରୀ ଲୋକକୁ ମୁଁ ରୋଷେଇ ପାଇଁ ରଖିଥିଲି। ଗତକାଲି ସକାଳ ସକାଳେ ମୋ ଆଙ୍ଗୁଠିଟା ଟିକେ କଟିଯିବାରୁ ମୁଁ ମୁଦିଟା ଡାଇନିଂ ଟେବୁଲ୍ ଉପରେ ରଖିଦେଇ ଭୁଲିଗଲି। ସନ୍ଧ୍ୟାରେ ଖୋଜିଲା ବେଳକୁ ଆଉ ମିଳୁନି। ସେ ସ୍ତ୍ରୀ ଲୋକଟା କାଲି ସନ୍ଧ୍ୟାରୁ ଆଜି ସନ୍ଧ୍ୟା ଯାଏଁ କାମକୁ ଆସିନି।''

ଦୁଃଖ ଖୋଜୁଥିବା ମଣିଷ ଦାସବାବୁ ଏବେ ଦୁଃଖ ଲାଘବର ଉପାୟ ଖୋଜୁଥିଲେ।

ମୋ: ୯୭ ୩୯୫୯୧୮୧୬

## ପୁସ୍ତକ ପରିଚୟ

**ସୀତାକାନ୍ତ ମହାପାତ୍ରଙ୍କ ଶ୍ରେଷ୍ଠ ଗଦ୍ୟକୃତି**

### ଅକ୍ଷରରେ ପୁନର୍ଜନ୍ମ




**ସଂପାଦନା:** ପ୍ରମୋଦ ସର
**ପ୍ରକାଶକ :** ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
**ପ୍ରଥମ ପ୍ରକାଶ :** ୨୦୧୯, **ମୂଲ୍ୟ :** ଟ. ୩୫୫/-

ଆଲୋଚ୍ୟ ଗ୍ରନ୍ଥରେ ପରିଶିଷ୍ଟକୁ ବାଦ୍ ଦେଇ ରହିଛି ୭ଟି ବିଭାଗ। ବିଭାଗଗୁଡ଼ିକର ଶୀର୍ଷକ ରହିଛି– ୧. କବିତାର ଇଲାକା (୮ଟି ପ୍ରବନ୍ଧ), ୨. ସାହିତ୍ୟ: ସ୍ୱପ୍ନ ଓ ସାହସ (୬ଟି ପ୍ରବନ୍ଧ), ୩. ବିଶ୍ୱ-ସାହିତ୍ୟ ଚର୍ଚ୍ଚା (୪ଟି ପ୍ରବନ୍ଧ), ୪. ଓଡ଼ିଆ ସାହିତ୍ୟ ଚିନ୍ତା (୪ଟି ପ୍ରବନ୍ଧ), ୫. କଳା, ସଂସ୍କୃତି ଓ ସମାଜ (୫ଟି ପ୍ରବନ୍ଧ), ୬. ଆଦିବାସୀ ସାହିତ୍ୟ ଓ ସଂସ୍କୃତି (୪ଟି ପ୍ରବନ୍ଧ) ଓ ୭. ଭ୍ରମଣ-ଅନୁଭୂତି (୫ଟି ପ୍ରବନ୍ଧ)। ପରିଶିଷ୍ଟରେ ରହିଛି– ମୁଁ କାହିଁକି ଲେଖେ, ଭାଷଣ (କାଳିସୀ ଓ ପଡ଼ୋଶୀ, ଶବ୍ଦ, ସ୍ୱପ୍ନ ଓ ନିର୍ଭୀକତା, ସାହିତ୍ୟର ଅଭିଯାତ୍ରା: ନିର୍ଭୀକ ଅନୁସନ୍ଧିତ୍ସା)। ଦୁଇଟି ଚିଠି (ସଂସାର ଦୁର୍ଜୟ ଦୁଃଖ ଓ ଭିତରର କାବ୍ୟ ପୁରୁଷକୁ)। ସମ୍ପାଦକ ଗ୍ରନ୍ଥାରମ୍ଭରେ 'ଅକ୍ଷରରେ ପୁନର୍ଜନ୍ମ' ଶୀର୍ଷକ ଗଦ୍ୟଲେଖରେ ଲେଖିଛନ୍ତି: ''ଶବ୍ଦଙ୍କୁ ନେଇ ସେ (କବି) ଭାଗ୍ୟ ସହ ଲଢ଼ିଛନ୍ତି, ଶବ୍ଦ ଭିତରେ ଆନନ୍ଦ ଓ କଲ୍ୟାଣର ସ୍ୱପ୍ନ ଦେଖିଛନ୍ତି, ସୃଜନର ଫୁଲ ଫୁଟାଇଛନ୍ତି। ଶବ୍ଦରୁ ସମ୍ପର୍କ, ସମ୍ପର୍କରୁ ସ୍ମୃତି, ସ୍ମୃତିରୁ ସ୍ୱପ୍ନ, ସ୍ୱପ୍ନରୁ ସାହସ ଓ ସାହସରୁ ସୃଜନ।'' ଗଦ୍ୟ ରଚନା କ୍ଷେତ୍ରରେ ସୀତାକାନ୍ତଙ୍କ ପାରଦର୍ଶିତାର ପ୍ରମାଣ ହେଉଛି ଏ ବହି। 'ସାହିତ୍ୟର ଅଭିଯାତ୍ରା: ନିର୍ଭୀକ ଅନୁସନ୍ଧିତ୍ସା' ଶୀର୍ଷକ ଭାଷଣରେ ସୀତାକାନ୍ତ କହନ୍ତି: ''ମୋର ମନେହୁଏ, ଯେ କୌଣସି ସୃଜନଶୀଳ କଳାକାର ସୃଜନଶୀଳ ହୋଇ ରହେ, ଯେ ପର୍ଯ୍ୟନ୍ତ ପିଲାଟିଏ ତା' ଭିତରେ ଜିଇ ରହିଛି। ଯେଉଁଦିନ ତା'ର ସେହି ପିଲାଦିନ ମରିଯାଏ, ସୃଜନଶୀଳ କଳା ତା'ଠୁ ଅପହୃତ ହୋଇଯାଏ।'' ବହିଟିର ଜନାଦୃତି ନିଃସନ୍ଦେହ।

### ସବୁଠି କବିତା




**କବି :** ପ୍ରଭାକର ଶତପଥୀ
**ପ୍ରକାଶକ :** ପେନ୍ ଇନ୍ ବୁକ୍ସ
**ପ୍ରଥମ ପ୍ରକାଶ :** ୨୦୨୧, **ମୂଲ୍ୟ:** ଟ.୧୯୯/-

ମୋଟ ୯୩ଟି କ୍ଷୁଦ୍ର କବିତା ଏଥିରେ ସ୍ଥାନିତ। କବିତାଗୁଡ଼ିକ ଆକାରରେ କ୍ଷୁଦ୍ର, କିନ୍ତୁ ଶକ୍ତିଶାଳୀ ଭାବାବେଗରେ ପରିପୂର୍ଣ୍ଣ। 'ଆଃ, କବିତା: ସବୁଠି କବିତା' ଶୀର୍ଷକ ଗଦ୍ୟଲେଖରେ କବି ଲେଖିଛନ୍ତି: ''ସବୁ ବୁଝି ହେଉଥିବା କବିତା ଭଲ କବିତା ହୁଏ ନାହିଁ। ଶବ୍ଦର ଅର୍ଥ କବିତାର ଅର୍ଥ ହୁଏ ନାହିଁ। ସେଇଠି କବିତା ଶବ୍ଦଠୁଁ, ଅର୍ଥଠୁଁ ଊର୍ଦ୍ଧ୍ୱକୁ ଉଠିଯାଏ। ସେଇ ଊର୍ଦ୍ଧ୍ୱରେତା କବିତା ପରିବେଶକୁ କେବଳ ନୁହେଁ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ କାହିଁ କେଉଁ ଉଚ୍ଚତାକୁ ନେଇଯାଏ।'' (ପୃ: ୦୯)। ପ୍ରତିଟି କବିତାର ପ୍ରାୟ ଧାଡ଼ି ନାନା ଅର୍ଥର ଭରନ୍ତ ବିଭବରେ ଟିଣ୍‌ଟିଣ୍ ହେଇ ରହିଛି। 'ବେଶ୍ୟା'କୁ ସଂଜ୍ଞାୟିତ କରୁଛନ୍ତି କବି: 'ନା ଅତୀତ ନା ଭବିଷ୍ୟତ/କିଛି ନ ଥିବା ବର୍ତ୍ତମାନଟିଏ।' ('ବେଶ୍ୟା': ପୃ: ୯୫)। ନର୍ତ୍ତକୀକୁ ପଚାରୁଛନ୍ତି କ୍ୱଚିତ୍ ଉତ୍ତର ଥିବା ପ୍ରଶ୍ନ: 'ତୁମ ଘୁଙ୍ଗୁରର ଆଦ୍ୟ ମୂର୍ଚ୍ଛନାରେ/ଲୁଚାଇ ପାରିବ ମଣିଷର ଆର୍ତ୍ତନାଦ?' ('ନର୍ତ୍ତକୀକୁ', ପୃ : ୧୦୭)। 'ପ୍ରତ୍ୟୟ' ବଡ଼ କଥା କବିତାରେ। ପ୍ରଭାକର କହନ୍ତି ତାଙ୍କର 'ସୂର୍ଯ୍ୟାସ୍ତ' କବିତାରେ: ''ପ୍ରତ୍ୟେକଟି ସୂର୍ଯ୍ୟାସ୍ତ ପରେ/ ମୋ' ପତ୍ର କୁଡ଼ିଆରେ/ ଜାଳିଦିଏ ଲଣ୍ଠନ, ମୋର ମନେହୁଏ/ ମୋ' କୁନିହାତରେ/ ମୁଁ ଜାଳିଦିଏ/ ଆଉ ଏକ ସୂର୍ଯ୍ୟ।'' (ପୃ: ୪୨)। 'ମଣିଷକୁ ମଣିଷ ହେଇ ରହିବାର ମନ୍ତ୍ର' ବୋଲି କବିତାକୁ ବିଚାର କରୁଥିବା ଏହି ବହିଟି ଓଡ଼ିଆ କବିତାଭଣ୍ଡାରକୁ ଶ୍ରୀସମ୍ପନ୍ନ କରିବ ବୋଲି ଆଶା କରାଯାଏ।

## କାଳକାଳକୁ

**''ଜୀବନ ବଞ୍ଚିବା ଖେଳଘର ନୁହେଁ।
ଆଗ ପଛକୁ ଚାହିଁ ବଞ୍ଚ,
ଯେମିତି ବଞ୍ଚେ ଗୁଣ୍ଡୁଚିମୂଷା।
ବଞ୍ଚିବା ଏକ ପୂର୍ଣ୍ଣ ପେସା।''**

**- ନାଜିମ୍ ହିକ୍‌ମତ୍**



**ନାଜିମ୍ ହିକ୍‌ମତ୍‌ଙ୍କ** ଜନ୍ମ ୧୫ ଜାନୁୟାରୀ ୧୯୦୨ରେ, ଗ୍ରୀସ୍‌ର ଥେସାଲୋନିକିରେ ଓ ପରଲୋକ ୩ ଜୁନ୍ ୧୯୬୩ରେ, ରୁଷ୍‌ର ମସ୍କୋରେ। ସେ ଏକାଧାରରେ ଥିଲେ କବି, ନାଟ୍ୟକାର, ଔପନ୍ୟାସିକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ। ତାଙ୍କ କବିତା ୫୦ଟିରୁ ଊର୍ଦ୍ଧ୍ୱ ଭାଷାରେ ଅନୂଦିତ। ନିଜର ରାଜନୈତିକ ମତବାଦ ପାଇଁ ସେ ବାରବାର ରାଜ ଆକ୍ରୋଶର ଶିକାର ହୋଇ ଗିରଫ ହୋଇଥିଲେ ଓ ତାଙ୍କ ଜୀବନର ଦୀର୍ଘକାଳ ଜେଲ୍ ଭିତରେ କଟିଥିଲା। ବକ୍ତବ୍ୟ ପ୍ରକାଶରେ ଗୀତିମୟତା ପାଇଁ 'ରୋମାଣ୍ଟିକ୍ କମ୍ୟୁନିଷ୍ଟ' ଭାବେ ସେ ପାଠକ ମହଲରେ ପରିଚିତ ଥିଲେ।

## କବିତା

### ଅସରାଏ ଅପରାହ୍ଣ

**ବଳରାମ ପୂଜାରୀ**

ଏଠି! ଜୀବନ ସବୁ ଦୌଡ଼ୁଥିଲେ
ମୁଠାମୁଠା ପରମାୟୁ ସନ୍ଧାନରେ
ଅଧା ଜିଆଁ, ଦରମରା ଅୟୁତ ଆୟୁଷ୍ମାନ୍‌ମାନଙ୍କ
ଭିଡ଼ ଭିତରେ ଖୋଜୁଥିଲେ
ନିଜ ନିଜ ସୁରକ୍ଷିତ ସ୍ଥାନ
କାକୁସ୍ଥ କରୁଥିଲା ସମୟର ଡାକ
ତେବେ, ଛାଡ଼ିଯିବାକୁ ହେବ ଏ ପିଣ୍ଡ
ଏ ସମଗ୍ର ସମଗ୍ରତାର ଅକଥନୀୟ ଆୟୁଷକୁ
ଆଜି ଏଇ ମୁହୂର୍ତ୍ତରେ...

ନିଜେ ହଜି ହଜାଇବାକୁ ଚେଷ୍ଟା କରୁଥିଲେ
ଅସହ୍ୟ ଯନ୍ତ୍ରଣାମାନଙ୍କ ଯୁଆନ ଅତ୍ୟାଚାରକୁ
ଏ ମୁଗ୍ଧ ଅନ୍ଧକାରର ଉପପାଦ୍ୟକୁ
ଛକି ଶୂନ ଏଇ ଖେଳରେ ହାରିଯାଉଥିଲେ
ମୋ' ତମାମ ସମ୍ପର୍କର ସଶକ୍ତ ମନସ୍ତତ୍ତ୍ୱମାନେ....

ଜୀବନ ଖାଇ ଗୋଡ଼ାଉଥିଲା
ମୋ' ମୃତ୍ୟୁମୁହାଁ ସଂଜ୍ଞାମାନଙ୍କୁ
ଆଖି ଆରପାଖରେ ଆତ୍ମୀୟଙ୍କ ଗଣହତ୍ୟା
ମଶାଣିମୁହାଁ ସବୁ ନିର୍ଣ୍ଣୟମାନେ
ଏବେ ମୋ' ଘର ଆଗରେ
ପ୍ଲାକାର୍ଡରେ ଲେଖାଯାଇଛି
ମୋ' ବିରୋଧରେ ଅନେକ ଅଭିଯୋଗ
ସବୁ ଆଶୀର୍ବାଦ ଓ ଶୁଭେଚ୍ଛାମାନେ
ଏବେ ଅସହଯୋଗ ଆନ୍ଦୋଳନରେ...

କିଛି ତ କରିବାର ଅଛି
ଦାୟିତ୍ୱର ଦୟନୀୟ ଦର୍ଶନରେ
ସନ୍ତୁଳି ହେଉଥିଲେ
ମୋ' ପରିଧିର ତଥାସ୍ତୁମାନେ
ଦେହ ତ୍ୟାଗ କରୁଥିଲେ କିଛି ଆଶା, ଆକାଂକ୍ଷା
ଓ ଅନଭିଜ୍ଞ ଅନ୍ଧାରମାନେ
ବିଛାଡ଼ି ହେଉଥିଲା ସମସ୍ତ କଳଙ୍କିଲଗା ଅଭିଶାପର
ଚିତ୍ରଗୁପ୍ତ ପାଞ୍ଜିରୁ ପୃଷ୍ଠାଏ...

ଖାଁ ଖାଁ ଜୀବନମାନଙ୍କୁ
ବାଣ୍ଟୁଥିଲି ମନ୍ତୁରା ପାଣିର ମୁଠାଏ ଫୋଟକା
ବାପର କାନ୍ଧରେ ଉଠୁଥିଲା
ଭେଣ୍ଡାଭେଣ୍ଡା ଆଶା ଭରସାର କୋକେଇ
ଛାଇ ଭଳି କିଛି, ଅନ୍ଧାରୁଆରେ କେହି ଜଣେ!
ବାଟ କଢ଼ାଉଥିଲା ଆଗରେ ଆଗରେ
ଏବେ ଜାଣିଲି, ସେ ଆଉ କିଏ ନୁହେଁ
ମୋ' ନିର୍ବାଣମୁହାଁ ପରମାୟୁ ଫଳକର
ଅସରାଏ 'ଅସରାଏ ଅପରାହ୍ଣ'...

ମୋ: ୯୬୬୮୬୮୮୪୭୪

### ମୁଖା

**ସନ୍ତୋଷ କୁମାର ମିଶ୍ର**

ଆସ
ନିଜ ଇଚ୍ଛାରେ ମୁଁ ମାଖିଦିଏ
ମନଲାଖି ରଙ୍ଗ ତୁମ ଚେହେରାରେ
ତେବେ ନିଶ୍ଚୟ ଲୁଚିଯିବ ତୁମ 'ମୁଁ'
ସନ୍ଦେହୀ ସବୁ ଆଖି ସାମ୍ନାରୁ
କିଛି ସମୟ ପାଇଁ
ଅନେକ ପବିତ୍ର ପାପର ଚାନ୍ଦୁଆ ଭିତରେ।

କିଏ ଜାଣେ?
ତା' ପରେ ତୁମେ କେମିତି ଯେ ଦିଶିବ,
ନର କି ବାନ୍ଦର?
ଯାହା ବି ଦିଶ, ଯେମିତି ବି ଦିଶ, କିନ୍ତୁ
ତୁମ ବ୍ୟଭିଚାରକୁ କିଛି ସମୟ ଲୁଚେଇ ଦେବାକୁ
ସେତିକି ନିଶ୍ଚୟ ଯଥେଷ୍ଟ।

ତୁମେ ଜାଣିରଖ
ମୋ' ପାଖରେ ମୁଁ ରଖିଥିବା ରଙ୍ଗ
ଜମା ଏମିତି ସେମିତି ରଙ୍ଗ ନୁହେଁ ଯେ
ଏ ଓଳି ମାଖିଦେଲେ ଆର ଓଳିକୁ ଧୋଇଯିବ
ତୁମର ଘର୍ମାକ୍ତ ବିଦ୍ରୋହରେ,
ବରଂ, ଏ ରଙ୍ଗ ରହିଥିବ କାଳକାଳକୁ
କୃତ୍ରିମ ମୁଖାଟିଏ ପରି
ଚପେଇ ଛପେଇ ପାରୁଥିବ ତୁମ କଳା କର୍ମମାନ
ଦୁନିଆଦାରିର ଆଢ଼ୁଆଳରେ।

ଅବଶ୍ୟ ବ୍ୟବହାର କଲେ ତୁମେ ବିଶ୍ୱାସ କରିବ
ଏ ରଙ୍ଗର କିଛି ଖାସ୍ ଧର୍ମକୁ
ମାଖିଲାବାଲା ବି ଖୁସି, ମଖେଇଲାବାଲା ବି ଖୁସି
ଶୁଖିଲା ମରୁଭୂମିରେ
ଜୁଲୁଜୁଲୁ ଚାହିଁ ଜଳର ସନ୍ଧାନ କରୁଥିବା ଓଟର
ତୃଷ୍ଣା ଭରା ଆଖି ପରି
କୋରଡ଼ିଆ ଆଖିମାନଙ୍କରେ ସ୍ୱପ୍ନ ଖୁନ୍ଦି ଦେବା ପାଇଁ
ଏତିକି କଅଣ ଯଥେଷ୍ଟ ନୁହେଁ।

ତେବେ ଆସ ଡେରି କାହିଁକି,
ନିଜ ଇଚ୍ଛାରେ ମୁଁ ମାଖିଦିଏ
ମନଲାଖି ରଙ୍ଗ ତୁମ ଚେହେରାରେ।

ଓଗାଳପଡ଼ା, ଜାଆଁଳା, ଖୋର୍ଦ୍ଧା

## ଗୀତି-କବିତା

### ନୂଆବର୍ଷ

**ଧନଞ୍ଜୟ ସ୍ୱାଇଁ**

କେଉଁ ନବାଗତ ଅତିଥି ପରି ଏ
ନୂଆବର୍ଷ ଆସିଲାଣି
ଫୁକିଆ ତାରାର ଫିକା ହସ ପରି
ସାତ ଦୀପ ଜଳିଲାଣି ।।୦।।

ପଉଷର କେଉଁ ପୋରୁହାଁ ତିଥି ସେ
ମାଈ କାକରରେ ମୁହଁ ଧୋଇ ଆସେ
ତା' ଲାଗି କନକ କେଣ୍ଡାରେ କେଣ୍ଡାରେ
ନୂଆ ଧାନ ହସିଲାଣି
ନୂଆବର୍ଷ ଆସିଲାଣି... ।।୧।।

ଗେରୁଆ ଗେଣ୍ଡୁର ମାଳା ହାତେ ଧରି
କୁହୁଡ଼ି-କାଛରେ ଝୋଟିଚିତା ପାରି
ତା'ଲାଗି ତୋରଣ ତଳେ କିଏ
ଆଠ କଳସ ବସେଇଲାଣି?
ନୂଆବର୍ଷ ଆସିଲାଣି... ।।୨।।

ଅରୁଣ ଉଷାର ପରାଟୀ ତୁଠରେ
ମଙ୍ଗଳ-ମହୁରି ବିହଗ କଣ୍ଠରେ
ତା' ଲାଗି ପଉଷ ପ୍ରଭାତୀ ପ୍ରଣାମ
ମଥାନୂଆଁ ବାଢ଼ିଲାଣି
ନୂଆବର୍ଷ ଆସିଲାଣି... ।।୩।।

ମୋ: ୯୪୩୭୦୦୦୬୩୬

# କାଲି ଥିଲି କଳ୍ପନାବିଳାସୀ, ଆଜି ବାସ୍ତବବାଦୀ

## ସୃଜନ-ସ୍ମୃତି



**ବୈକୁଣ୍ଠନାଥ ସାହୁ**

**କବି ବୈକୁଣ୍ଠନାଥ ସାହୁଙ୍କ ଜନ୍ମ ଅବିଭକ୍ତ କଟକ ଜିଲ୍ଲାର ଆଳି ବ୍ଲକ୍ ଅନ୍ତର୍ଗତ ମାନପୁର ଗାଁରେ, ୧୯୪୮ରେ। ଏକାଧାରରେ ସେ କବିତା, ଗଳ୍ପ ଓ ନାଟକ ରଚନାକରି ଓଡ଼ିଆ ପାଠକଙ୍କ ମଧ୍ୟରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରକାଶିତ କବିତାଗ୍ରନ୍ଥ 'ସତ୍ୟପାଠ', 'ସମୟର ଛବିଦେଖା', 'ପାଣିରେ ଘର ଓ ଗାଁ', 'କୁତବମୀନାର କାନ୍ଦିପାରେନା', 'ବାଟବଣା ନଦୀ', 'ମୁଁ ଖଣ୍ଡେ ଭାସମାନ ମେଘ', 'ହୃଦୟକୁଞ୍ଜ' ଓ 'ତାରିଖ ବଦଳିଯାଏ'।**

କଜଳଲୋଚନା ନଈ, ପତ୍ରଗହଳରେ ମୁହଁ ଲୁଚୋଉଥିବା ଗାଁ, ସୀମାହୀନ ଜଳସ୍ରୋତ, ନୌକାର ନକ୍ସା, ସାଧାରଣ ମଣିଷର ସଜଳ ମୁହଁ ମୋତେ ମନ୍ତ୍ରମୁଗ୍ଧ କରେ। ପିଲାଦିନର ସରଳ ନିରାଡ଼ମ୍ବର ଜୀବନ ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପଡ଼ୋଶୀଙ୍କର ସ୍ନେହଶ୍ରଦ୍ଧା ଉତ୍ସାହବାଣୀ ମୋତେ ସେଇଠିକି ନେଇଯାଏ, ଯେଉଁଠି ଗୋଟିଏ ସ୍ୱପ୍ନ, ସୁଷମାଭରା ଏକ ପୃଥିବୀ ମୋତେ ଅପେକ୍ଷା କରିଥାଏ ଅନେକ ଦିନରୁ! ମୁଁ ଯେପରି ଏକ ଅନାବିଳ କଳ୍ପନାମୟ ଭୂସ୍ୱର୍ଗରେ ମୋର କୈଶୋର ବାଲ୍ୟ ଜୀବନ ଅତିବାହିତ କରେ। ତା'ରି ଭିତରେ ଅନେକ ସାଧାରଣ ଚିତ୍ର, ଚରିତ୍ର ଓ ସାଧାରଣ ମଣିଷର ଅସାଧାରଣ ବ୍ୟକ୍ତିତ୍ୱକୁ ଚିହ୍ନିବାକୁ ଆରମ୍ଭ କରେ।

ଉଚ୍ଚଶିକ୍ଷା ପାଇଁ କଟକ ଆସିଲି। କଟକରେ ରେଭେନ୍ସା କଲେଜ ମୋର କଳ୍ପନାର ପୃଥିବୀକୁ ବହୁଗୁଣରେ ବିସ୍ତାରିତ କରିଦେଲା। ଜୀବନର କଳ୍ପନା, ସ୍ୱପ୍ନ, ଆବିଷ୍କାର, ଉଦ୍ଭାବନ ପ୍ରଭୃତି ଅବଲୋକନ କରି ଏକ ବିରାଟ ଲେଖକୀୟ ଜୀବନ ମୋ ଆଗରେ ଉନ୍ମୋଚିତ ହେଇଗଲା।

ତା'ପରେ ମୁଁ ଯୋଗଦିଏ ଓଡ଼ିଶା ପ୍ରଶାସନିକ ସେବାରେ; ସ୍ୱଚ୍ଛନ୍ଦରେ ମିଳିଗଲା ଗୋଟିଏ ପ୍ରଦେଶର ଏକାଧିକ ଜିଲ୍ଲା, ସହର, ନଗର, ଗାଁ, ବ୍ଲକ୍, ତହସିଲ୍, ସବ୍‌ଡିଭିଜନ ଇତ୍ୟାଦି ଭ୍ରମଣ କରିବାର ଅପର୍ଯ୍ୟାପ୍ତ ସୁଯୋଗ। ଏଇ ଅବସରରେ ଓଡ଼ିଶାର ନରନାରୀ, ସାଧାରଣ ମଣିଷ, ଆଦିବାସୀ ଚଳଣି, ଆଭିଜାତ୍ୟପୂର୍ଣ୍ଣ ଜୀବନ, ଅର୍ଥନୈତିକ ଅନଗ୍ରସର ସମାଜର ନିଚ୍ଛକ ଚିତ୍ର ମୋ ଭିତରେ ଏକ ଲେଖକୀୟ ସତତାର ଶିଳାନ୍ୟାସ କଲା। ରେଭେନ୍ସା କଲେଜରେ ପଢ଼ିଲାବେଳେ ପ୍ରାୟ ଶହେ ଗଳ୍ପ ଲେଖିଥିଲି; ଓ. ଏ. ଏସ୍. ରେ ଯୋଗଦେଇ ପ୍ରାୟ ତିରିଶଟି ନାଟକ ଲେଖିଲି ଏବଂ ସେଗୁଡ଼ିକ ବିଭିନ୍ନ ସ୍ଥାନରେ ମଂଚସ୍ଥ ହେବା ସଂଗେ ସଂଗେ ଆକାଶବାଣୀ ଓ ଦୂରଦର୍ଶନରେ ପ୍ରସାରିତ ହେଲା।




୧୯୮୦ ମସିହାରୁ କବିତା କ୍ଷେତ୍ରକୁ ଆସିଲି। ମୋର ପ୍ରଥମ କବିତା 'କନ୍ୟାଦାନ', ତା'ପରେ ଲେଖିଲି ରାଜପୁତ୍ର: ଲୁହ, ଲେଖିଲି ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ମୀନାର ଆଖିରେ ଲୁହ, ପାଣିରେ ଘର ଓ ଗାଁ, ବାଟବଣା ନଦୀ, ହେ ରାମ, ଇତିହାସର ପ୍ରଥମ ପୃଷ୍ଠା, ହେ ଗାନ୍ଧୀ ବିଦାୟ ଆଦି।

ଓଡ଼ିଶାକୁ ଦେଖିଲି ପାଖରୁ, ଭେଟିଲି ତା'ର ସାଧାରଣ ମଣିଷକୁ, ଛୁଇଁଲି ତା'ର ପ୍ରାଚୁର୍ଯ୍ୟ ଓ ଦାରିଦ୍ର୍ୟକୁ। ବେଳେବେଳେ ମୁଁ ମୁଗ୍ଧ ହେଇଗଲି ତା'ର ଶୁଭ୍ର, ସୁନ୍ଦର, ସମୃଦ୍ଧ, ପ୍ରାଚୁର୍ଯ୍ୟଭରା ଜୀବନରେ ତ ତା'ର ନଗ୍ନ ଦରିଦ୍ର ଅଶ୍ରୁଭରା ରୂପଦେଖି ଅନେକ ସମୟରେ ମର୍ମାହତ ହେଲି। ପ୍ରିୟ ଓଡ଼ିଶାକୁ ନେଇ ଲେଖିଲି ଅନେକ ଦରଦଭରା କବିତା: ସେଥିରେ କଳ୍ପନା ବିଳାସର ଲେଶମାତ୍ର ଛଟା ନଥାଏ, ଥାଏ ବାସ୍ତବତାଭରା ସମବେଦନାରେ ଜଡ଼ିତ ମୋ' କବି ଜୀବନର ଅନାବିଳ ସ୍ୱର ଓ ସ୍ୱାକ୍ଷର।

ମୋ: ୯୪୩୭୧୪୮୮୫୫

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୧୪,୯୩,୧୧୯ | ୫୪,୯୨,୭୨୮ | ୨୫,୭୮,୨୪,୮୧୩ |
| ଭାରତ | ୩,୫୨,୨୬,୩୮୬ | ୪,୮୩,୧୭୮ | ୩,୪୩,୭୧,୮୪୫ |
| ଓଡ଼ିଶା | ୧୦,୬୨,୪୭୬ | ୮୪୬୮(+୫୩) | ୧୦,୪୫,୯୭୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କରୋନା

ଭୁବନେଶ୍ୱର, ୭।୧(ବ୍ୟୁରୋ)- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ଲକ୍ଷଣ ବିହୀନ ଥିଲେ। ତେବେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ହୋମ୍ ଆଇସୋଲେଶନରେ ରହିଛନ୍ତି। ଏ ନେଇ ମନ୍ତ୍ରୀ ନିଜେ ଶୁକ୍ରବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଗୁରୁବାର ତାଙ୍କର କରୋନା ରିପୋର୍ଟ ପଜିଟିଭ୍ ବାହାରିଥିବା ସେ ଜଣାଇଛନ୍ତି। ଏଥିସହିତ ଗତ ୩ ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କରୋନା ଟେଷ୍ଟ କରାଇ ନେବାକୁ ମନ୍ତ୍ରୀ ଦାସ ପରାମର୍ଶ ଦେଇଛନ୍ତି।

### ୧୦ ସୁଦ୍ଧା ଜବାବ ତଲବ କରିବାକୁ ନିର୍ଦ୍ଦେଶ

**ପଞ୍ଚାୟତ ସଂରକ୍ଷଣ ମାମଲା**

**କଟକ ଅଫିସ,୭।୧:** ପଞ୍ଚାୟତ ସଂରକ୍ଷଣ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ସୋନପୁର ଓ ଖୋର୍ଦ୍ଧା ଜିଲାପାଳ, ରାଜ୍ୟ ନିର୍ବାଚନ କମିଶନ ଏବଂ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବଙ୍କୁ ଜବାବ ତଲବ କରିଛନ୍ତି। ଆସନ୍ତା ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହି ତାରିଖ ସୁଦ୍ଧା ସେମାନେ ନିଜର ଉତ୍ତର ସତ୍ୟପାଠ ଆକାରରେ ହାଇକୋର୍ଟରେ ଦାଖଲ କରିବେ। ମାମଲାର ବିବରଣୀରୁ ପ୍ରକାଶ, ସୋନପୁର ଜିଲାରେ ମୋଟ୍ ୧୦୯ ଓ ଖୋର୍ଦ୍ଧା ଜିଲାରେ ୧୯୦ଟି ପଞ୍ଚାୟତ ରହିଛି। କିନ୍ତୁ ସରକାରଙ୍କ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲେ ମଧ୍ୟ ଉକ୍ତ ଜିଲା ସମେତ ରାଜ୍ୟର ୨୩ ଜିଲାରେ ଆଦିବାସୀଙ୍କ ନିମନ୍ତେ ସରପଞ୍ଚ ପଦବୀ ପାଇଁ କୌଣସି ସଂରକ୍ଷିତ ସ୍ଥାନ ନାହିଁ। ଫଳରେ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବାରୁ ଉକ୍ତ ସଂରକ୍ଷଣ ତାଲିକାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୋନପୁର ଜିଲାର ବଳଭଦ୍ର କଅଁର, ଖୋର୍ଦ୍ଧା ଜିଲାର ଟୁକୁ ମାଝି ଓ ଅନ୍ୟ ୫ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ ଦଳେଇ, ନିରଞ୍ଜନ ହୋତା ଓ ଶାନ୍ତନୁ ଷଡଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

### ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ବ୍ରଜକିଶୋର ସାହୁଙ୍କ ପରଲୋକ

**ଭୁବନେଶ୍ୱର, ୭।୧(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ବ୍ରଜ କିଶୋର ସାହୁଙ୍କର ବୁଧବାର ଭୁବନେଶ୍ୱରସ୍ଥିତ ଆମ୍ରୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ୧୯୭୧ ମସିହାରେ ସେ ଭାରତୀୟ ରାଜସ୍ୱ ସେବା ପାଇବା ପରେ ଆୟକର ବିଭାଗର ବିଭିନ୍ନ ପଦପଦବୀରେ କୋଲକାତା, ଭୁବନେଶ୍ୱର, ହାଇଦ୍ରାବାଦ, ବମ୍ବେ, କୋଚି ଆଦି ସ୍ଥାନରେ କାର୍ଯ୍ୟ କରି ଜଣେ ଦକ୍ଷ ଅଧିକାରୀ ଭାବରେ ସୁନାମ ଅର୍ଜନ କରିଥିଲେ। ଖୋର୍ଦ୍ଧା ଜିଲା ବାଣପୁର ନିକଟ କହ୍ନେଇପୁରରେ ଜନ୍ମଗ୍ରହଣ କରିଥିବା ବ୍ରଜକିଶୋର ଜଣେ ମେଧାବୀ ଛାତ୍ର ଥିଲେ। ୧୯୬୫ରେ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେ ଜଣେ ଅମାୟିକ ତଥା ବଳିଷ୍ଠ ବ୍ୟକ୍ତିତ୍ୱର ସମନ୍ୱୟ ଥିଲେ। ତାଙ୍କ ବିୟୋଗରେ ଆୟକର ବିଭାଗ ତଥା ଜନ୍ମସ୍ଥାନ କହ୍ନେଇପୁରରେ ଶୋକର ଛାୟା ଖେଳିଯାଇଛି।

# ରେଡ୍ ଜୋନ୍‌ରେ ଖୋର୍ଦ୍ଧା

**ଦିନକରେ ୨,୭୦୩ ପଜିଟିଭ୍ ଚିହ୍ନଟ**
- ଦୈନିକ ସଂକ୍ରମଣ ହାର ୩.୯୨%କୁ ବୃଦ୍ଧି
- ସୁନ୍ଦରଗଡ଼ରେ ସର୍ବାଧିକ ୧୦.୮%

ଭୁବନେଶ୍ୱର, ୭।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ିଚାଲିଛି। ଦୈନିକ ସଂକ୍ରମଣ ୨ହଜାର ଡେଇଁ ତିନି ହଜାର ମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୮,୯୭୦ ନମୁନା ପରୀକ୍ଷା କରାଯାଇଥିବା ବେଳେ ୨,୭୦୩ ଜଣ ପଜିଟିଭ୍ ବାହାରିଛନ୍ତି। ରାଜ୍ୟର ସମସ୍ତ ୩୦ଜିଲାରୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ୩.୯୨%କୁ ବଢ଼ିଯାଇଛି। ତେବେ ସୁନ୍ଦରଗଡ଼ ଜିଲାରେ ଦୈନିକ ସଂକ୍ରମଣ ହାର ସର୍ବାଧିକ ରହିଛି। ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡର ତଥ୍ୟ ଅନୁସାରେ, ଏହି ଜିଲାରେ ସଂକ୍ରମଣ ହାର ୧୦.୮% ଥିବାବେଳେ ଖୋର୍ଦ୍ଧାରେ ୯.୯%, ଦେବଗଡ଼ ୬.୧, ସମ୍ବଲପୁର ୫.୪, ଝାରସୁଗୁଡ଼ା ୪.୭, ବରଗଡ଼ ୩.୬, କଟକ ୩.୧ ଓ ଯାଜପୁରରେ ୩% ରହିଛି। ଏଥିସହ ଖୋର୍ଦ୍ଧା ଜିଲା ରେଡ୍ ଜୋନ୍‌କୁ ଓ ସୁନ୍ଦରଗଡ଼ ୟେଲୋ ଜୋନ୍‌କୁ ଚାଲି ଆସିଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନାନୁସାରେ, ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯୨୬ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୪୫୪, କଟକ ୧୯୧, ସମ୍ବଲପୁର ୧୭୯, ଝାରସୁଗୁଡ଼ା ୧୦୬, ଯାଜପୁର ୭୮, ବରଗଡ଼ ୭୫, ବାଲେଶ୍ୱର ୭୩, ବଲାଙ୍ଗୀର ୫୪, ପୁରୀ ୫୪ଜଣ ଏବଂ ବାକି ସବୁ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳେ ଥିବାବେଳେ ମାଲକାନଗିରିରେ ସର୍ବନିମ୍ନ ଜଣେ ପଜିଟିଭ୍ ବାହାରିଛନ୍ତି। ତେବେ ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନା ଆକ୍ରାନ୍ତ ସଂଖ୍ୟା ୧୦,୬୨,୪୭୬କୁ ବୃଦ୍ଧି ପାଇଛି।

ସେପଟେ ଶୁକ୍ରବାର ରାଜ୍ୟରେ ଆଉ ୨୫୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୦,୪୫,୯୭୧ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ୭,୯୮୪ଜଣ ସକ୍ରିୟ ରୋଗୀ ରହିଛନ୍ତି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୯୧୪ଜଣ ରହିଥିବାରୁ ଏହି ଜିଲା ରେଡ୍ ଜୋନ୍‌କୁ ଚାଲି ଆସିଛି। ସେହିଭଳି ୧,୦୧୦ଜଣ ସକ୍ରିୟ ରୋଗୀ ସହ ସୁନ୍ଦରଗଡ଼ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଗ୍ରୀନ୍ ଜୋନ୍‌ରୁ ୟେଲୋ ଜୋନ୍‌କୁ ଚାଲି ଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଖୋର୍ଦ୍ଧା ଜିଲାର ଜଣେ ୭୮ ବର୍ଷୀୟା ମହିଳା। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୪୬୮ରେ ପହଞ୍ଚିଛି।


ଗତ ୩ ତାରିଖରୁ ପିଲାଙ୍କୁ ଟିକାକରଣ ଚାଲିଥିବାବେଳେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏମ୍‌ବିଏସ୍ ପବ୍ଲିକ ସ୍କୁଲ୍ କେନ୍ଦ୍ରରେ ଜଣେ ଛାତ୍ରଙ୍କୁ ଟିକା ଦିଆଯାଉଛି।

## ଏମ୍‌ପିଙ୍କ ଚାଳଘରେ ଖାଇଲେ ରେଳମନ୍ତ୍ରୀ


ବାଲେଶ୍ୱର ଏମ୍‌ପିଙ୍କ ଗୋପୀନାଥପୁରସ୍ଥିତ ଚାଳଘରେ ଦୁଇ କେନ୍ଦ୍ର ମନ୍ତ୍ରୀ ଓ ଅନ୍ୟମାନେ ଭୋଜନ କରୁଛନ୍ତି।

ସଜନାଗଡ଼,୭।୧(ଡି.ଏନ.ଏ.)

ବାଲେଶ୍ୱର ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଷ୍ଟେଶନରେ ମେମୁ ଟ୍ରେନ ଚଳାଚଳ ଶୁଭାରମ୍ଭ ଓ ନୀଳଗିରି ଗୋପୀନାଥପୁରରେ ଷ୍ଟେଶନ ଶିଳାନ୍ୟାସ କରିବା ପରେ ଅପରାହ୍ନରେ ଏମ୍‌ପି ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ଗାଁ ଗୋପୀନାଥପୁରରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ। ଏହାପରେ ରେଳମନ୍ତ୍ରୀ ଅଶ୍ୱିନୀ ଏମ୍‌ପିଙ୍କ ଚାଳଘରେ କଦଳୀପତ୍ରରେ ଭୋଜନ କରିଥିଲେ। ଭାତ, ଡାଲି, ଘାଣ୍ଟ, ମିକ୍ସ ତରକାରୀ, ଦହି ବାଇଗଣ, ବିଲାତି ଖଟା, ବୋଇତାଳୁ ଫୁଲ ବଡ଼ା, କାନିକା, ମଣ୍ଡା ପିଠା, ପୋଡ଼ ପିଠା, ଜହ୍ନି ଆଳୁ ପୋସ୍ତ, ଶାଗ, ଫୁଟ୍‌ଗୁଡ଼ି-ଆଳୁ ଭଜା, କଦଳୀ ଚୋପା ପତୁଆ, କଦଳୀ ଚିପ୍ସ, ଶିମ୍ବ ଭଜା, ବଡ଼ିଚୁରା, ଇଞ୍ଚଡ଼ ତରକାରୀ, ପନିର ତରକାରୀ ଆଦି ମନ୍ତ୍ରୀଙ୍କୁ ପରସା ଯାଇଥିଲା। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ତଳେ ବସି ବେଶ୍ ଆଗ୍ରହର ସହ ଖାଇବା ସହ ନଳକୂପରୁ ପାଣି ମଧ୍ୟ ପିଇଥିଲେ। ରେଳମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଅନ୍ୟ ଭାଜପା ନେତୃବୃନ୍ଦ ଭୋଜନରେ ସାମିଲ ଥିଲେ।

## ପିଜି ବଳକା ସିଟ୍ ପାଇଁ ହେବ ସ୍ୱତନ୍ତ୍ର ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୭।୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଖାଲି ପଡ଼ିଥିବା ପିଜି ସିଟ୍‌ରେ ନାମଲେଖା ପାଇଁ ସ୍ୱତନ୍ତ୍ର ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି ଚେୟାରମ୍ୟାନ ଓ କଲେଜ(ଯେଉଁଠାରେ ପିଜି ଶିକ୍ଷାଦାନ ହେଉଛି) ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଯେଉଁ ଛାତ୍ରୀଛାତ୍ର କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୧ରେ ଉତ୍ତୀର୍ଣ୍ଣ ହୋଇଥିବେ, କିନ୍ତୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଏବଂ ପ୍ରଥମ ଓ ଦ୍ୱିତୀୟ ସ୍ପଟ୍‌ରେ ନାମଲେଖାଇ ନ ଥିବେ, ସେମାନଙ୍କର ଏକ ଚୂଡ଼ାନ୍ତ ତାଲିକା(ମାଷ୍ଟର ଲିଷ୍ଟ) ପ୍ରସ୍ତୁତ କରିବାକୁ କୁହାଯାଇଛି। ବିଷୟ ଅନୁସାରେ ଏହି ଚୂଡ଼ାନ୍ତ ତାଲିକାକୁ ସାମ୍ସ ପ୍ରସ୍ତୁତ କରିବ ଏବଂ ୧୧ ତାରିଖ ଅପରାହ୍ନ ୨ଟା ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ଉପଲବ୍ଧ ହେବ। ତେବେ ପୂର୍ବ ନାମଲେଖା ପର୍ଯ୍ୟାୟରେ ଯେଉଁ ଛାତ୍ରୀଛାତ୍ରଙ୍କ ପାଖକୁ ଇଣ୍ଟିମେଶନ ଲେଟର ଯାଇଥିଲା ଓ ସେମାନେ ନାମ ଲେଖାଇ ନାହାନ୍ତି, ସେମାନଙ୍କୁ ଏହି ପର୍ଯ୍ୟାୟ ନାମଲେଖାରେ ବିଚାରକୁ ନିଆଯିବ ନାହିଁ। ସେହି ଚୂଡ଼ାନ୍ତ ତାଲିକାରୁ ବିଶ୍ୱବିଦ୍ୟାଳୟ/କଲେଜଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରିବେ ଏବଂ ନାମ ଲେଖାଇବେ। ଯଦି ଚୂଡ଼ାନ୍ତ ତାଲିକାରେ ଥିବା ଛାତ୍ରୀଛାତ୍ରଙ୍କ ସହିତ ଯୋଗାଯୋଗ ହୋଇ ନ ପାରେ, ତେବେ ବିଶ୍ୱବିଦ୍ୟାଳୟ/କଲେଜଗୁଡ଼ିକ ସେମାନଙ୍କ ଉଦ୍ୟମରେ ଓଜେଇଇ ମେରିଟ୍ ଲିଷ୍ଟ/ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା କିମ୍ବା ଜାତୀୟ ସଂସ୍ଥା ଦ୍ୱାରା ପରିଚାଳିତ ଯେକୌଣସି ପରୀକ୍ଷାର ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରି ନାମ ଲେଖାଇ ପାରିବେ।

## ସରିଲା ଦଶମ ସମେଟିଭ ଥିଓରି

- କପିକରି ଧରାପଡ଼ିଲେ ୧୩
- ଆଜି ପ୍ରାକ୍ଟିକାଲ, ମଧ୍ୟମା ପରୀକ୍ଷା

**କଟକ ଅଫିସ, ୭।୧:** ଦଶମ ସମେଟିଭ ଥିଓରି ପରୀକ୍ଷା ଶୁକ୍ରବାର ଶେଷ ହୋଇଛି। ରାଜ୍ୟର ୩୦୯୩ କେନ୍ଦ୍ରରେ ୩ ଦିନ ଧରି ଏହି ପରୀକ୍ଷା ହୋଇଥିଲା। ମୋଟ୍ ୫ ଲକ୍ଷ ୭୬ ହଜାର ୨୨୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ଶନିବାର ପ୍ରାକ୍ଟିକାଲ ଏବଂ ମଧ୍ୟମା ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର ପ୍ରଥମ ଦିନରେ ୨, ଦ୍ୱିତୀୟ ଦିନରେ ଜଣେ ଏବଂ ତୃତୀୟ ଦିନରେ ୧୦ ଜଣ କପି କରି ଧରା ପଡିଥିବା ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି। ସେହିପରି ତୃତୀୟ ଦିନରେ ଜିଲାର ୩୨,୩୭୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦,୨୨୩ ପରୀକ୍ଷା ଦେଇଥିଲେ ବୋଲି ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

## ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀକୁ ଚାଲିଲା ସରକାରୀ ବସ୍


ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପତାକା ଦେଖାଇ ବସ୍ ସେବା ଶୁଭାରମ୍ଭ କରୁଛନ୍ତି।

ଅମରପାଲି,୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ଶୁକ୍ରବାରଠାରୁ ସରକାରୀ ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସବୁଜ ପତାକା ଦେଖାଇ ବସ୍‌ସେବାର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ବସ୍ ପାତାଳୀ ଶ୍ରୀକ୍ଷେତ୍ରରୁ ବାହାରି ଯାଲୋଏ, ଉଲୁଣ୍ଡା, ବିନିକା, ସୋନପୁର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ସୁବର୍ଣ୍ଣପୁର ଜିଲା ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ, ପାତାଳୀ ଟ୍ରଷ୍ଟର ସମସ୍ତ ସଦସ୍ୟ ଏବଂ ଦଳୀୟ କର୍ମୀମାନେ ଉପସ୍ଥିତ ରହିଥିଲେ। ପୁରୀକୁ ବସ ସେବା ଆରମ୍ଭ ପରେ ପାତାଳୀ ଶ୍ରୀକ୍ଷେତ୍ର କୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି।

## କୋଡ଼ିଙ୍ଗାରେ ଦୋକାନ ବଜାର ବନ୍ଦ

**ରିଲେ ଅନଶନ କରିବ କୋଡ଼ିଙ୍ଗା ଅଞ୍ଚଳ ବିକାଶ ପରିଷଦ**

କୋଡ଼ିଙ୍ଗା,୭।୧(ଡି.ଏନ୍.ଏ.)

୮ଦଫା ଦାବି ନେଇ ଶୁକ୍ରବାର ରିଲେ ଅନଶନରେ ବସିଛନ୍ତି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଅଞ୍ଚଳ ବିକାଶ ପରିଷଦ ସଦସ୍ୟ। ଦାବି ପୂରଣ ନ ହେବା ଯାଏ ହଟିବେ ନାହି ବୋଲି ଚେତାଇ ଦେଇଛି ବିକାଶ ପରିଷଦ। ଦୋକାନ ବଜାର ସାଙ୍ଗକୁ ଚକଅଖ ସବୁ ବନ୍ଦ ରହିଛି।

କୋଡ଼ିଙ୍ଗାଠାରେ ସବ୍‌ଟ୍ରେଜେରି, +୩ କଲେଜ, ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜେଏମ୍‌ଏଫ୍‌ସି କୋର୍ଟ, ନୂତନ ବ୍ଲକ୍ ଗଠନ, ଏକଲବ୍ୟ ଆବାସିକ ବିଦ୍ୟାଳୟ, ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ, ଷ୍ଟେଟ ବ୍ୟାଙ୍କ ଶାଖା ନିର୍ମାଣ ଦାବି ନେଇ ପରିଷଦ ଧର୍ମଘଟ ଡାକରା ଦେଇଥିଲା। ଏହାକୁ ବଣିକ ସଂଘ ସମର୍ଥନ ଜଣାଇ ଦୋକାନ ବଜାର ବନ୍ଦ କରିଛି। ପରିଷଦର ସଭ୍ୟମାନେ ନ ଖାଇ ୨୪ଘଣ୍ଟିଆ ରିଲେ ଅନଶନରେ ବସିଛନ୍ତି। ୪ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୫ମ ଦିନରୁ ଆମରଣ ଅନଶନ ହେବ ବୋଲି ପରିଷଦ ଚେତାବନୀ ଦେଇଛି। ଜରୁରିକାଳୀନ ସେବା ଓ ପରୀକ୍ଷାର୍ଥୀଙ୍କୁ ଛାଡ଼ିଦେଲେ ସକାଳ ୭ରୁ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଛି। ପୂର୍ବାହ୍ନରେ ପରିଷଦ ତରଫରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ସେବା ବନ୍ଦ କରାଯାଇଛି। କୋଡ଼ିଙ୍ଗା ତହସିଲଦାର ଶିବ ପ୍ରସାଦ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଷାଗୁମୁଡ଼ା ଥାନାଧିକାରୀ ଗୋବିନ୍ଦ ବୃନ୍ଦା, କୋଡ଼ିଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଦୁର୍ଗାମାଧବ ବାଗ ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଧର୍ମଘଟ ଉଗ୍ରରୂପ ଧାରଣ କରିବ ବୋଲି କୋଡ଼ିଙ୍ଗା ଅଞ୍ଚଳ ବିକାଶ ପରିଷଦ ଚେତାବନୀ ଦେଇଛି। ଏଥିସହ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଅଞ୍ଚଳ ବିକାଶ ପରିଷଦ କର୍ମକର୍ତ୍ତା ଅନନ୍ତରାମ ମାଝି, ବଦ୍ରିନାରାୟଣ ସିଂ, ଧରମ ସିଂ, ବାବୁଲା ଦାସ, ବାବୁଲି ବାଘ, ପଦମସାଏ ମାଳୀ, ସାହେବ ଚାଲାଣ, ଡମାଇ ଭତରା, ଜଗନ୍ନାଥ ନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ଡିଙ୍କିଆରେ ମାନବିକ ଅଧିକାର ଭୂଲୁଣ୍ଠିତ



ଖବରଦାତା ସମ୍ମିଳନୀରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆବାହକ ସୁରେଶ ପାଣିଗ୍ରାହୀ ଓ ଅନ୍ୟମାନେ ସୂଚନା ଦେଉଛନ୍ତି।

**ସଂଯୁକ୍ତ କିଷାନ ମୋର୍ଚ୍ଚାର ଅଭିଯୋଗ**

ଭୁବନେଶ୍ୱର,୭।୧(ବ୍ୟୁରୋ)

ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ରାଜ୍ୟସ୍ତରୀୟ ତଥ୍ୟ ଅନୁସନ୍ଧାନକାରୀ ପ୍ରତିନିଧି ଦଳ ଜଗତ୍‌ସିଂହପୁର ଜିଲା ଡିଙ୍କିଆ ଅଞ୍ଚଳ ଗସ୍ତ କରି ଫେରିଛନ୍ତି। ଏହି ଅଞ୍ଚଳରେ ଜିନ୍ଦଲ ପକ୍ଷରୁ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ଓ ଜମି ଅଧିଗ୍ରହଣକୁ ବିରୋଧ କରି ଡିଙ୍କିଆବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ଗୁରୁବାର ଡିଙ୍କିଆରେ ଆନ୍ଦୋଳନରତ ଲୋକଙ୍କ ମନୋବଳ ଦୃଢ଼ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ହୋଇଥିଲା। ଏନେଇ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୋର୍ଚ୍ଚା ଆବାହକ ସୁରେଶ ପାଣିଗ୍ରାହୀ କହିଛନ୍ତି, ଡିଙ୍କିଆରେ ଗଣତାନ୍ତ୍ରିକ, ସାମ୍ବିଧାନିକ ଓ ମାନବିକ ଅଧିକାର ଭୂଲୁଣ୍ଠିତ ହୋଇଛି। ଡିଙ୍କିଆବାସୀଙ୍କୁ ପୋଲିସ ଛାଉଣି ଦ୍ୱାରା ଘେରାବନ୍ଦୀ କରି ରଖାଯାଇଛି। ପାନବରଜ ଦଖଲ, ରାତିଅଧିଆ ଗିରଫଦାରି ସହିତ ଲୋକଙ୍କ ଜୀବନ ଓ ଯାତାୟାତକୁ ବନ୍ଦ କରାଯାଇଛି। ମହିଳା, ବୃଦ୍ଧା, ବୃଦ୍ଧ ଓ ଶିଶୁ କେହିବି ଏ ଆକ୍ରମଣରୁ ବାଦ୍ ପଡୁନାହାନ୍ତି। ମିଥ୍ୟା ମକଦ୍ଦମା ଦାଏର କରି ମାନସିକ ନିର୍ଯାତନା ଦିଆଯାଉଛି। ଲୋକଙ୍କ ଜୀବିକା ଏବଂ ରୋଜଗାର ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏଣୁ ସମଗ୍ର ଡିଙ୍କିଆ ଅଞ୍ଚଳରୁ ପୋଲିସ ବଳକୁ ସଂପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯାଉ। ଲୋକଙ୍କ ଜୀବନ ଏବଂ ସ୍ୱାଭାବିକ ଯାତାୟାତ ପାଇଁ ସୁନିଶ୍ଚିତ ବ୍ୟବସ୍ଥା କରାଯାଉ। ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ସହିତ ଜେଲରେ ଥିବା ସାଧାରଣ ଲୋକଙ୍କୁ ମୁକ୍ତ କରାଯାଉ। ବଳ ପ୍ରୟୋଗ କରି ପାନବରଜ ଭାଙ୍ଗିବା କାର୍ଯ୍ୟ ବନ୍ଦ କରାଯାଉ। ନିରନ୍ତର କୃଷି ଅର୍ଥନୀତିକୁ ସର୍ବନାଶ କରି ଜିନ୍ଦଲ କମ୍ପାନୀର ଲାଭ ଏବଂ ଲୋଭ ପାଇଁ ଉଦ୍ଦିଷ୍ଟ ଏହି ଯୋଜନାକୁ ସେଠାରୁ ରାଜ୍ୟ ସରକାର ପ୍ରତ୍ୟାହାର କରନ୍ତୁ। ପୋସ୍କୋ ପାଇଁ ଅଧିଗ୍ରହଣ ହୋଇଥିବା ୨୯୦୦ ଏକର ଜମିକୁ ଲୋକଙ୍କୁ ଫେରେଇ ଦିଆଯାଉ ବୋଲି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏହି ସମ୍ମିଳନୀରେ ସୁରେଶ ପାଣିଗ୍ରାହୀଙ୍କ ସମେତ ପ୍ରଫୁଲ୍ଲ ସାମନ୍ତରା, ମହେନ୍ଦ୍ର ପରିଡା, ଶ୍ରୀକାନ୍ତ ମହାନ୍ତି, ପ୍ରମିଳା ବେହେରା, ନିରଞ୍ଜନ ମହାନ୍ତି, ଜ୍ୟୋତି ରଞ୍ଜନ ମହାପାତ୍ର, ଶଙ୍କର ସାହୁ, ନରେନ୍ଦ୍ର ମହାନ୍ତି, ଅରୁଣ ଜେନା ଓ ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆକଳନ ସରିନି, ଆଶଙ୍କାରେ କ୍ଷତିପୂରଣ

**ବର୍ଷା, କୁଆପଥର ମାଡ଼ରେ ଫସଲକ୍ଷତି**

ବରଗଡ଼ ଅଫିସ୍,୭।୧


କ୍ଷତିଗ୍ରସ୍ତ ପରିବା ଧରି ଚାଷୀମାନେ ଜିଲାପାଳ ଅଫିସକୁ ଆସିଛନ୍ତି।

ବରଗଡ଼ ଜିଲାରେ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଥିରେ ବ୍ୟାପକ ଫସଲକ୍ଷତି ହୋଇଥିବା ସତ୍ତ୍ୱେ କୌଣସି ଅଧିକାରୀ କ୍ଷତିଗ୍ରସ୍ତ ଫସଲ ପରିଦର୍ଶନ କରିନାହାନ୍ତି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଜିଲାର ସୋହେଲା ବ୍ଲକ ଚକରକେନ୍ଦ ପଞ୍ଚାୟତ ଅନ୍ତର୍ଗତ ଶସ୍ତୁପାଲି ଗ୍ରାମର ଚାଷୀମାନେ ଜିଲାପାଳଙ୍କ ଅଫିସ୍‌କୁ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ସେମାନେ କ୍ଷତିପୂରଣ ଦାବିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବରଗଡ଼ ଜିଲାରେ ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ଗତ ଡିସେମ୍ବର ୨୯ରେ ବର୍ଷା ସହିତ କରାମାଡ଼ ହୋଇଥିଲା। ଏଥିରେ ଅମଳ ଧାନ ନଷ୍ଟ ହୋଇଥିବାବେଳେ ଅମ୍ବାଭୋନା, ଭଟଲି, ସୋହେଲା ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ପରିବା ଫସଲ ଉଜୁଡ଼ି ଯାଇଥିଲା। କୋବି, ବାଇଗଣ, ଟମାଟୋ, ବିନ୍, ସୋରିଷ ଆଦି ଫସଲ ଧୂଳିସାତ୍ ହୋଇ ଯାଇଥିଲା। କୃଷି, ରାଜସ୍ୱ କର୍ମଚାରୀମାନେ କେତେକ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ଆହୁରି ଅନେକ ଏଭଳି ପ୍ରଭାବିତ ଅଞ୍ଚଳକୁ ସେମାନେ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ବୃଷ୍ଟିପାତ, କରାମାଡ଼କୁ ଇତିମଧ୍ୟରେ ଏକ ସପ୍ତାହରୁ ଅଧିକ ବିତିଯାଇଥିବା ସତ୍ତ୍ୱେ ଆକଳନ ସରି ନାହିଁ। ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ ଚୂଡ଼ାନ୍ତ ହୋଇପାରିନାହିଁ। ପ୍ରାରମ୍ଭିକ ଆକଳନ ଅନୁସାରେ ବୃଷ୍ଟିପାତ, କରାମାଡ଼ ଯୋଗୁ ଜିଲାରେ ୧୨୨୫ ହେକ୍ଟର ପରିବା ଫସଲ ପ୍ରଭାବିତ ହୋଇଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ କ୍ଷତିଗ୍ରସ୍ତ ପରିବା ଫସଲ ପରିମାଣ ଆହୁରି ଅଧିକ ହେବ ବୋଲି ଚାଷୀମାନେ କହିଛନ୍ତି। ଅମ୍ବାଭୋନା ବ୍ଲକ ନାରଙ୍ଗପୁର ଗ୍ରାମର ଚାଷୀ ଯୋଶେଫ ଚୌଧୁରୀ କହିଛନ୍ତି, ସେ ୮ଏକର ଜମିରେ ସୋରିଷ ଚାଷ କରିଥିଲେ। କରାମାଡ଼ରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏହି ଗ୍ରାମର ଦୁର୍ଗାପ୍ରସାଦ ନାଏକ କହିଛନ୍ତି, ସେ ୧୨ଏକର ଜମିରେ ଫୁଲକୋବି ଚାଷ କରିଥିଲେ। ତାହା ଅମଳକ୍ଷମ ଅବସ୍ଥାକୁ ଆସି ଯାଇଥିଲା। ମାତ୍ର ବର୍ଷା ସହିତ କରାମାଡ଼ ଯୋଗୁ ତାହା ନଷ୍ଟ ହୋଇଗଲା। ସୋହେଲା ବ୍ଲକ ଶସ୍ତୁପାଲି ଗ୍ରାମର ଚାଷୀ ବୈଷ୍ଣବ ସାହୁ କହିଛନ୍ତି, ସେ ଅଧ ଏକର ଜମିରେ ଆଳୁ, ଅଧ ଏକର ଜମିରେ ବିନ୍ ଏବଂ ୩୦ ଡେସିମିଲ ଜମିରେ ଝୁନଗା ଚାଷ କରିଥିଲେ। କରାମାଡ଼ ଯୋଗୁ ସବୁ ଫସଲ ନଷ୍ଟ ହୋଇଯାଇଛି। ହେଲେ କୌଣସି ଅଧିକାରୀ କ୍ଷୟକ୍ଷତି ଆକଳନ ପାଇଁ ତାଙ୍କ କ୍ଷତିଗ୍ରସ୍ତ ଫସଲ ପରିଦର୍ଶନ କରି ନ ଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଅନ୍ୟ ଜଣେ ଚାଷୀ କାଳିଆ ସାହୁ କହିଛନ୍ତି, ସେ ୧ଏକର ଜମିରେ ବିନ୍ ଚାଷ କରିଥିଲେ। ଏପରିକି ଚାଷକାର୍ଯ୍ୟ ପାଇଁ ସେ ପ୍ରାୟ ୫୦ହଜାର ଟଙ୍କା ଋଣ କରିଛନ୍ତି। ଫସଲ ଭଲ ହୋଇଥିଲା। ତାହା ବିକ୍ରି କଲେ ସେ ଋଣ ପରିଶୋଧ କରିବାକୁ ଚିନ୍ତା କରିଥିଲେ। ମାତ୍ର ଅମଳ ପୂର୍ବରୁ ଫସଲ ନଷ୍ଟ ହୋଇଯିବାରୁ ସେ ଚିନ୍ତିତ ହୋଇପଡ଼ିଥିବା କହିଛନ୍ତି। ଏ ସମ୍ପର୍କରେ ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଆଗରୁ ଚାଷୀମାନେ ଏଭଳି ବର୍ଷା, କରାମାଡ଼ର ସମ୍ମୁଖୀନ ହୋଇ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ମାତ୍ର ସେମାନଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରିନାହିଁ। ବିପର୍ଯ୍ୟୟରେ କ୍ଷତିଗ୍ରସ୍ତଙ୍କ ପ୍ରତି ଏଭଳି ମନୋଭାବରୁ ସରକାରଙ୍କ ଆନ୍ତରିକତା ସ୍ପଷ୍ଟ ବାରି ହେଉଛି ବୋଲି ମହାପାତ୍ର ପ୍ରକାଶ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅମନ୍ ପ୍ରତାପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଭୂତ ହୋଇ ଲାଗିବା, ଗୁଣିଆ ହୋଇ ଝାଡ଼ିବା।

କିଛି ବ୍ୟକ୍ତି ଏ ପାଖରେ କ୍ଷତି କରି ସେ ପାଖରେ ସମାଧାନ ବା ତା'ର ପ୍ରତିକାର ବାହାର କରୁଥିବାର ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

### ଭଣ୍ଡାରି ଦେଖିଲେ ନଖ କଅଁଳେ।

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବା ମାତ୍ରେ କିଛି ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍ଫୁଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍ସିତ କାର୍ଯ୍ୟ କରାଇଦେବା ଲାଗି ଆଗଭର ହୋଇଯାଇଥାନ୍ତି। କରିବା ଲୋକ ତ ହାବୁଡ଼େ ପଡ଼ିଗଲା, କାମଟା କରେଇନେବା ଚକରରେ ରହିଥାନ୍ତି। ସୁବିଧାବାଦୀ ଲୋକଙ୍କ ଏତାଦୃଶ ପ୍ରକୃତି ବା ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୋଲିସ ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା ଜାରି

କୁଜଙ୍ଗ,୭।୧ (ଡି.ଏନ୍.ଏ.) ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପୋଲିସ ଓ ବିରୋଧୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଗତ ୪ ତାରିଖରେ ଢିଙ୍କିଆ ଗାଁରେ ପୋଲିସକୁ ଆକ୍ରମଣ ଘଟଣାରେ ସସ୍ମିତା ଓ ଲକ୍ଷ୍ମୀ ମଲ୍ଲିକଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଉଭୟ ଅଭିଯୁକ୍ତ ମାରଣାସ୍ତ୍ର ଧରି ଢିଙ୍କିଆ ଜଙ୍ଗଲ ନିକଟ ପାନବରଜ ଅଞ୍ଚଳରେ ବୁଲୁଥିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

### ଲୁଟ୍ ଘଟଣାରେ ୭, ପୋଲିସକୁ ଆକ୍ରମଣ ମାମଲାରେ ୨ ଗିରଫ


ଢିଙ୍କିଆ ପ୍ରବେଶ ପଥରେ ହୋଇଥିବା ଫାଟକର ଉଭୟ ପାର୍ଶ୍ୱରେ ପୋଲିସ ଓ ବିରୋଧୀ ଗୋଷ୍ଠୀ।

ସେହିପରି ଉକ୍ତ ଗ୍ରାମର ସୁଶୀଲ ସ୍ୱାଇଁଙ୍କୁ ଆକ୍ରମଣ ଓ ଲୁଟ୍ ଅଭିଯୋଗରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ଆଇଓସିଏଲ୍‌ରୁ ଡ୍ୟୁଟି ସାରି ଫେରୁଥିବାବେଳେ ଗାଁମୁଣ୍ଡ ରାସ୍ତାରେ ସୁଶୀଲଙ୍କୁ ୯ ଜଣ ଆକ୍ରମଣ କରି ୭ ହଜାର ଟଙ୍କା ଓ ଏକ ସୁନାମୁଦି ଛଡାଇ ନେଇଥିବା ଅଭିଯୋଗ ହୋଇଥିଲା। ପରେ ଅଭିଯୁକ୍ତଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଆହତମାନେ ଚିକିତ୍ସା ନିମନ୍ତେ ପାରାଦୀପର ଅଠରବାଙ୍କିସ୍ଥିତ ବିଜୁ ସ୍ମାରକୀ ଡାକ୍ତରଖାନାକୁ ଯାଇଥିବାବେଳେ ସେଠାରୁ ପୋଲିସ ସେମାନଙ୍କୁ ଗିରଫ କରିଛି ବୋଲି ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି। ସେମାନେ ହେଲେ ସୁଜନ ମଲ୍ଲିକ୍, ଶରତ ମଲ୍ଲିକ୍, ଶଙ୍କର ମଲ୍ଲିକ୍, ଶିବ ମଲ୍ଲିକ୍, କୁସୁମ ମଲ୍ଲିକ୍, ପାର୍ବତୀ ମଲ୍ଲିକ୍ ଏବଂ ଝିନି ମଲ୍ଲିକ୍। ସେଠାରୁ ୨ ଜଣ ଖସିଯିବାକୁ ସକ୍ଷମ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଫୋର୍ସ ସହ ପାଟଣାପଟୁ ଢିଙ୍କିଆକୁ ପ୍ରବେଶ ପଥରେ ହୋଇଥିବା ଫାଟକ ନିକଟରେ ପହଞ୍ଚିଥିଲେ। ମାତ୍ର ବିରୋଧୀମାନେ ଗେଟ୍ ନ ଖୋଲିବାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଫୋର୍ସ ସହ ଫାଟକ ସମ୍ମୁଖରେ ଜଗି ରହିଥିଲା। ଅପରପକ୍ଷେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜାରି ରହିଛି। ଏପର୍ଯ୍ୟନ୍ତ ଢିଙ୍କିଆ ପଞ୍ଚାୟତର ଗୋବିନ୍ଦପୁର, ପାଟଣା, ମାହଳ ଓ ଢିଙ୍କିଆ ଗ୍ରାମର ୨୬୧ ପାନବରଜ ମାପଚୁପ ହୋଇଥିବା ବେଳେ ୧୧୮ଟି ଅଧିଗ୍ରହଣ କରାଯାଇଛି ଏବଂ ଏହାର ମାଲିକମାନଙ୍କ ମଧ୍ୟରୁ ୬୩ ଜଣଙ୍କୁ ୧ କୋଟି ୬୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିବା ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ କହିଛନ୍ତି।

# ପୁରୀରେ ରାଜ୍ୟପାଳ

ପୁରୀ ଅଫିସ, ୭।୧: ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୪ ଦିନିଆ ପୁରୀ ଗସ୍ତରେ ଆସିଛନ୍ତି। ଶୁକ୍ରବାର ଅପରାହ୍ନରେ ରାଜ୍ୟପାଳ ପୁରୀସ୍ଥିତ ରାଜଭବନରେ ପହଞ୍ଚିଥିଲେ। ତାଙ୍କୁ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ପ୍ରମୁଖ ସ୍ୱାଗତ ଜଣାଇଥିଲେ। ପରେ ରାଜ୍ୟପାଳ ରାଜଭବନ ପରିସରରେ ଆୟୋଜିତ ରଥଚକ ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାପରେ ବାଳାଶ୍ରମର ପ୍ରାୟ ୩୦ ଜଣ ଛାତ୍ରୀଛାତ୍ରଙ୍କୁ କରୋନା ହାଇଜେନିକ କିଟ୍ ପ୍ରଦାନ କରିଥିଲେ। ରେଡକ୍ରସ ପକ୍ଷରୁ ଏହି କିଟ୍ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁ ଏବଂ ଅତିରିକ୍ତ ଏସ୍‌ପି ପଣ୍ଡାଙ୍କ ସମେତ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଦେଇଥିବା କଥା ...

ରାଜ୍ୟବାସୀଙ୍କୁ ଦେଇଥିବା କଥା ଅନୁଯାୟୀ କାମ କରାଯାଉଛି। ୨୦୧୪ରୁ ଏ ପର୍ଯ୍ୟନ୍ତ ୩୧ ଲକ୍ଷ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଛି। ରାଜ୍ୟର ଶେଷ କଚ୍ଚାଘରକୁ ପକ୍କା ନ କରିବା ପର୍ଯ୍ୟନ୍ତ ଆମର ଉଦ୍ୟମ ଜାରି ରହିବ। ଘର ମରାମତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମରାମତି ପାଇଁ ୩ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ସବୁ ଗ୍ରାମୀଣ ପକ୍କାଘର ଯୋଜନାର ହିତାଧିକାରୀମାନେ ଏହି ସହାୟତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଯୋଜନାରେ ଲୋକଙ୍କୁ ଘର ମିଳୁ ନ ଥିବା ବିଷୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଫନୀ ବାତ୍ୟା ସମୟରେ ରାଜ୍ୟର ୧୪ ଜିଲାର ବହୁ ଲୋକଙ୍କ ଘର ଭାଙ୍ଗି ଯାଇଥିଲା । ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଖଣ୍ଡିଏ ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି। ଏ ବିଷୟରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଆସୁଛି। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଜନଜାତି ଭାଇଭଉଣୀମାନେ ମଧ୍ୟ କେନ୍ଦ୍ରୀୟ ଯୋଜନାରେ ଘରଖଣ୍ଡିଏ ପାଇବା ପାଇଁ ଚାହିଁ ରହିଛନ୍ତି । ସେମାନେ ବର୍ତ୍ତମାନ ଯେଉଁ ଭଙ୍ଗାଘରେ ରହୁଛନ୍ତି, ତା'ର ମରାମତି ପାଇଁ ୫ହଜାର ଟଙ୍କା ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସଂଗ୍ରହ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ଆଶ୍ରୟ ସୁରକ୍ଷାକୁ ପ୍ରାଥମିକତା ଦେଇ ସମସ୍ତଙ୍କ ମୁଣ୍ଡ ଉପରେ ଏକ ସୁନ୍ଦର ଛାତଟିଏ ରଖିବା ଆମର ଲକ୍ଷ୍ୟ। ଏଥିପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କରୋନା ମହାମାରୀର ଆର୍ଥିକ ଦୁଃସ୍ଥିତି ସମୟରେ ୧୨ ଲକ୍ଷ ୨୫ ହଜାର ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଘର ପାଇନାହାନ୍ତି। ଏହି ପରିବାରମାନେ ବର୍ତ୍ତମାନ ଯେଉଁ ଘରେ ରହୁଛନ୍ତି, ତା'ର ମରାମତି ପାଇଁ ବିଜୁ ପକ୍କାଘର ଯୋଜନାରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଗାଁର ଗରିବ ଲୋକମାନଙ୍କୁ ପ୍ରାଥମିକତା ଭିତ୍ତିରେ ଘର ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ନିର୍ଦ୍ଦେଶ ଦେଇଆସିଛନ୍ତି। ଘର ମରାମତି ପାଇଁ ମଧ୍ୟ ସହାୟତା ଦିଆଯାଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ଦରଦୀ ହୃଦୟର ପରିଚୟ ଦିଏ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କ ସହିତ ଭାବ ବିନିମୟ କରିବା ସମୟରେ ଗଞ୍ଜାମର ସବିତା ଭୂୟାଁ, କଳାହାଣ୍ଡିର ବିମଳା ମାଝି ଓ ଆହୁରି ଅନେକ ହିତାଧିକାରୀ କହିଥିଲେ ଯେ, ସେମାନେ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କଠାରୁ ସୁବିଧା ଅସୁବିଧା ସମୟରେ ସାହାଯ୍ୟ ପାଇ ଆସିଛନ୍ତି। ଏହି ସହାୟତା ସେମାନଙ୍କ ଘରକୁ ଆହୁରି ଦୀର୍ଘସ୍ଥାୟୀ କରିବ ବୋଲି ପ୍ରକାଶ କରିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ଜିଲାପାଳମାନେ ଯୋଗ ଦେଇଥିଲେ।

### ୭୨ ଘଣ୍ଟାର ଆର୍‌ଟିପିସିଆର...

ଗାଇଡ୍‌ଲାଇନ୍‌ରେ ବିମାନରେ ଆସୁଥିବା ସମସ୍ତ ଯାତ୍ରୀଙ୍କର କରୋନା ଟେଷ୍ଟ ହେବ ବୋଲି ଦର୍ଶାଯାଇଥିଲା। ଏପରି କି ଡବଲ୍ ଡୋଜ୍ ଟିକା ନେଇଥିଲେ ବା ଆର୍‌ଟିପିସିଆର୍ ରିପୋର୍ଟ ନେଗେଟିଭ୍ ଥିଲେ ସୁଦ୍ଧା ସେମାନଙ୍କର ଟେଷ୍ଟ କରାଯିବ। ରିପୋର୍ଟ ଆସିବା ପର୍ଯ୍ୟନ୍ତ ହୋମ୍ ଆଇସୋଲେଶନରେ ରହିବେ ବୋଲି ନିର୍ଦ୍ଦେଶ ଜାରି ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମାନସିକ ଅସ୍ଥିରତା ରହିଲେ ମଧ୍ୟ ବିବିଧ ପାରିବାରିକ ଓ ବୈଷୟିକ ସୁଖ ପ୍ରାପ୍ତି ଘଟିବ। ସରକାରୀ ସ୍ତରରେ ସମସ୍ୟା ସମାଧାନ, ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ ଏବଂ ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ବିଦେଶ ଯାତ୍ରା, ମାଙ୍ଗଳିକ କାମ, ପ୍ରକଳ୍ପାରମ୍ଭ, କୃଷି, ବାଣିଜ୍ୟ ପାଇଁ ସମୟ ଅନୁକୂଳ ରହିବ।

**ବୃଷ** କାର୍ଯ୍ୟବ୍ୟସ୍ତତାଜନିତ ମାନସିକ ଅସୁସ୍ଥତା ଓ ପାରିବାରିକ ଅସ୍ଥିରତା ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ଏଜେନ୍ସିପ୍, ବୀମା, ଶେୟାର ବଜାର ସଙ୍ଗକୁ ବ୍ୟବସାୟିକ ସଫଳତା ହାସଲ କରିବେ। ଆତ୍ମୀୟଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ଦୂରଯାତ୍ରାରେ ଅଜଣା, ଅଶୁଣା ସନ୍ଦିଗ୍ଧ ଲୋକମାନଙ୍କ ପ୍ରତି ସତର୍କତା ରକ୍ଷା କରିବା ଭଲ।

**ମିଥୁନ** ନୀରବତା ପରିହାର କରି ପାରିବାରିକ ସମସ୍ୟାର ସମାଧାନ ଚେଷ୍ଟା କରିବା ଭଲ । ଅର୍ଥ ସାହାଯ୍ୟ ଦେବା ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇପାରନ୍ତି। ସଙ୍ଗଠନ, ଭ୍ରମଣ, ସଭା ସମିତି, କଳା ସାହିତ୍ୟ ଓ ଆନୁଷ୍ଠାନିକ କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ମାଲିମକଦ୍ଦମା ହେତୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ।

**କର୍କଟ** ଆଜି ଦିନଟି ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ଜୀବନଯାତ୍ରାକୁ ସ୍ୱାଭାବିକ କରାଇବାରେ ସାହାଯ୍ୟ କରିବ। ସାମାଜିକ ସ୍ତରରେ ସମସ୍ୟାଗୁଡ଼ିକ କ୍ରମଶଃ ଅପସରି ଯିବାର ଲକ୍ଷ୍ୟ କରିବେ। ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ପ୍ରତିଷ୍ଠାର୍ଜନ କରିପାରନ୍ତି।

**ସିଂହ** ଆତ୍ମୀୟମାନଙ୍କ ସହାନୁଭୂତି ମାନସିକ ଦୁଃଖକୁ ସାମୟିକ ଲାଘବ କରିବ। ପାରିବାରିକ ସ୍ତରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପର ବନ୍ଧୁ ମିଥ୍ୟା ଅଭିଯୋଗ କରି ଭାବମୂର୍ତ୍ତିକୁ କଳଙ୍କିତ କରିବାର ଅପଚେଷ୍ଟା କରିପାରନ୍ତି। ଶିଳ୍ପ, ଚୁକ୍ତିପତ୍ର, ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**କନ୍ୟା** ଆଜି ପୂର୍ବାଫାଲଗୁନୀ ନକ୍ଷତ୍ର କୌଣସି ବିୟୋଗାନ୍ତକ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଗୃହ, ଜମିଜମା, ମୂଲ୍ୟବାନ ଦ୍ରବ୍ୟ କ୍ରୟଜନିତ ଆର୍ଥିକ ସ୍ଥିତି ଖରାପ ହେବା କାରଣରୁ ମନ ଅସ୍ଥିର ରହିବ। ଭଲ ସମ୍ପର୍କ ନ ଥିବା ପଡ଼ୋଶୀ ସମସ୍ୟା ସୃଷ୍ଟି କରିପାରନ୍ତି।

**ତୁଳା** ପରିସ୍ଥିତିର ତାଡନାରେ ଉତ୍ତେଜିତ ନ ହୋଇ ନିୟନ୍ତ୍ରଣ ଭିତରେ ରହିବା ଭଲ। ସାମାଜିକ, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିବାରରେ ତର୍କ ଓ ବିବାଦକୁ ରୋମନ୍ଥନ କରି ପରିବେଶକୁ ଅସୁସ୍ଥ କରିପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ, ହୋଟେଲ ଶିଳ୍ପ କ୍ଷେତ୍ରରୁ ଆଶାଜନକ ଫଳ ପାଇବେ।

**ବିଛା** ଆଜି କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସହ ସାକ୍ଷାତ ଆଲୋଚନା କଲେ ନିରାଶ ହେବାକୁ ପଡ଼ିବ ନାହିଁ। ପରିବାର କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ଆର୍ଥିକ ସ୍ଥିତି ଭଲ ରହିବ। ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ନିଜକୁ ଭାଗ୍ୟବାନ ମନେ କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟ, ପବ୍ଲିକେଶନ, ବ୍ୟବସାୟ ଭଲରେ ଚାଲିବ।

**ଧନୁ** ସ୍ୱାସ୍ଥ୍ୟ ଭଲ ରହିବ ଏବଂ ସ୍ଥଗିତ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ମନ ବଳାଇବେ। ବ୍ୟବସାୟ, ଶିଳ୍ପ, ପରିବହନରେ ସମସ୍ୟା କ୍ରମଶଃ ଦୂରେଇ ଯିବ। ଗୃହସୀମାକୁ କେନ୍ଦ୍ରକରି ବିବାଦୀୟ ଘଟଣା ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟାଙ୍କ, ସୋସାଇଟି ସ୍ତରରେ ଋଣ ପରିଶୋଧ କରିବା ସକାଶେ ମାନସିକ ବ୍ୟଗ୍ରତା ଅନୁଭବ କରିବେ।

**ମକର** ବନ୍ଧୁଟିଏ ସ୍ୱାର୍ଥହାନି ହେବା କାରଣରୁ ସାଧାରଣ କଥାରେ ଉତ୍‌କ୍ଷିପ୍ତ ହୋଇପାରନ୍ତି। ଦୀର୍ଘ ଦିନହେଲା ସ୍ଥଗିତ ରହିଯାଇଥିବା କାମକୁ ଆଜି ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ଆଶାକରିଥିବା ଦିଗରୁ ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନ କରିପାରନ୍ତି।

**କୁମ୍ଭ** ସମସ୍ୟା ଦୂରେଇବା ସକାଶେ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହାନୁଭୂତି ଆବଶ୍ୟକ ମନେ କରିପାରନ୍ତି। ସ୍ୱାର୍ଥସାଧନର ଦୂରଭିସନ୍ଧି ରଖି ଆତ୍ମୀୟ ଅସହଯୋଗ ଆଚରଣ କରିବେ। ପ୍ରଶାସନିକ ସ୍ତରରେ ବିଶୃଙ୍ଖଳା ଦେଖାଦେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ସଂଗଠନ ତଥା ରାଜନୈତିକ କ୍ଷେତ୍ରରେ ସୁଫଳ ପାଇବେ।

**ମୀନ** ଯେଉଁ ପରିବେଶ ହେଉନା କାହିଁକି ତାହାକୁ ସୁଧାରିନେବାର ପ୍ରଯତ୍ନ କରିପାରନ୍ତି। ରାଜନୀତି, ପ୍ରଶାସନ, ସଂଗଠନ, କଳ କାରଖାନା, ଫାର୍ମ, ଫ୍ୟାକ୍ଟ୍ରି କ୍ଷେତ୍ରରେ ଉନ୍ନତି କରିବେ। ବକେୟା ଅର୍ଥପ୍ରାପ୍ତି ପାଇଁ ଆଲୋଚନାରେ ଅଗ୍ରଗତି ଘଟିପାରେ। ସହକର୍ମୀଙ୍କ ସନ୍ତାନଙ୍କ ବିଶୃଙ୍ଖଳିତ କାର୍ଯ୍ୟ କଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

### ତଦନ୍ତ ସ୍ଥଗିତ......

ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ସୁରକ୍ଷାରେ ତ୍ରୁଟିକୁ ନେଇ ବିବାଦ ସୃଷ୍ଟି ହେବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଏହାର ତଦନ୍ତ ଲାଗି ଗୁରୁବାର ଏକ ୨ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୋଦିଙ୍କ ଫିରୋଜପୁର ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟି ହୋଇନାହିଁ ଏବଂ ଏହା ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ ବୋଲି ଚନ୍ନି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ତଦନ୍ତ କମିଟିକୁ ଭାଜପା ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯାଇଥିବା ଦଳର ରାଜ୍ୟ ସଭାପତି ଅଶ୍ୱିନୀ ଶର୍ମା କହିଛନ୍ତି। ସେପଟେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ଏହାର ତଦନ୍ତ ଲାଗି ଏକ ୩ ଜଣିଆ କମିଟି ଗଠନ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି।


# classifieds Everyday 0674-2580101, 2549302

## real estate

**SALE**

Plot for sale at Chhatabar per sq.ft @99/-. 8249017091, 9937816565. D-22771

**Buy or Sale Property- 8984071303. Triplex Pandra 18000 @6.5cr/4BHK Duplex Balianta- 85,00,000/ 3BHK Apartment Raghunathpur- 75,00,000. Residential Land Patia-3000, Tankapani-2600, Aiims-2100, Nakhara-1650, Gudiapokhari-1300, Sundarpada-1200, Bhingarpur-1200, Jaanla-900.** D-22781

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**20 Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759.** D-71768

VSS Nagar ହାଟକୁ ଲାଗି BDA approval gharabari plot sqft.- 2700/-ରେ କିଣନ୍ତୁ। 7788888879. D-71769

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455. D- 22747

ମୋର ନିଜସ୍ୱ ପ୍ଲଟ୍ କଳିଙ୍ଗନଗର, ଘାଟିକିଆରେ ୨୦୦ft. ରୋଡ୍‌କୁ ଲାଗିକରି ଅଛି ଏବଂ କୋଳଥିଆରେ **readymade plot** ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196.** D-22780

ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୁପ, ପିପିଲି ବଜାର ଏବଂ ଉତ୍ତରା (ମଗଲପୁର)ରେ ମିଳୁଛି। **93371-03361, 8249776268.** D-22761

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/-, ୯୦୦/-, ୧୫୫୦/-, ୪୦୦/- ବିକ୍ରିହେବ। 9938016295. D-71770

**Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **Bio-Tech Park (Vaccine Plant)** ନିକଟରେ **gharabari plot boundary, electricity** ଥାଇ କିଣନ୍ତୁ, **immediate** ଘର କରନ୍ତୁ **9437005434.** D-71754

Duplex Ready to move near Vani Vihar University. 1.03 Crore, Visit: tinyurl.com/BBSR2 or call 943-731-3333, 943-887-4333. D-22773

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22647

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

**ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166.** D-71767

## construction

**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

## healthcare

Ashirvaad Saloon and SPA get good massage for your health tha best therapy. 7077181074. D-71843

Ayurvedic full body massage, refresh your mind relaxed by expert lady therapist. Contact: 8480939300. D-22667

Newly open Spa New Year Dhamaka @699/, smart therapist. 7846814019. D-71464

Newly open full body massage ladies and gents. 8327740003, 8455985899. D-71845

One hour any therapy by expert therapist @999 only. 9078484455. D-71465

Newly open Spa Offer Price 599/-, positively health benefits. 8455987557. D-71463

Newly Open Saikrupa Panchakarma Spa positively health benefits with expert. 8984068077. D-22723

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ,
ଅତିରିକ୍ତ ରିଭିଜନ କୋର୍ଟ
ନଂ.-୧ ୪ର୍ଥ ମହଲା, ହେଡ୍ସ
ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ,
ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ.ଏସ.କେସ୍ ନଂ.-
3144/2016

ସଂଯୁକ୍ତା ରଞ୍ଜିତ, ପି- ପୂର୍ଣ୍ଣଚନ୍ଦ୍ର ରଞ୍ଜିତ, ସା- ଗଉଡ଼ିଆପଡ଼ା, ପୋ- ସିକୋ, ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା
.....ବାଦୀ
ବନାମ
କିରନ ଚନ୍ଦ୍ର ସାମନ୍ତରାୟ ଓଗେର
......ପ୍ରତିବାଦୀମାନେ
ନୋଟିସ୍ ଅର୍ଡର-୫ ରୁଲ-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ: ପ୍ରତିବାଦୀ- ନଂ 1. (a) କିରନ ଚନ୍ଦ୍ର ସାମନ୍ତରାୟ, ପ୍ରତିବାଦୀ- ନଂ 1, (c) କଲ୍ୟାଣୀ ସାମନ୍ତରାୟ, ପ୍ରତିବାଦୀ- ନଂ.-1 (e) କୌମୁଦୀ ସାମନ୍ତରାୟ
ଏହି ସମସ୍ତଙ୍କର ପି- କିଶୋର ଚନ୍ଦ୍ର ସାମନ୍ତରାୟ, ସା- ଦକ୍ଷିଣ ମୁଣ୍ଡ ମୁହାଁଣ, ପୋ- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ଓ.ଏସ.ଏସ କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା- ୧୪।୦୨।୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ ନଂ.- ୪୮, ମୌଜା- ଓଗାଳପଡ଼ା, ସାବକ ଖାତା ନଂ.- ୩୮, ପ୍ଲଟ୍ ନଂ.- ୪୫୮, ରକବା- ଏ ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ, ହାଲ୍ ଖାତା ନଂ.- ୭୯, ପ୍ଲଟ୍ ନଂ.- ୨୪୫୬, ରକବା- ଏ.୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ତିନି

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା: ୨୪।୧୧।୨୧, ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ, ସ୍ୱା./-କୋର୍ଟ ଅଫିସର୍
ଧ-୨୨୭୭୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଖାଲି ଆସନ ଶୁଣିଥାନ୍ତେ ମୋଦିଙ୍କ ଭାଷଣ

## ପଞ୍ଜାବ ଗସ୍ତକୁ ନେଇ ଅଖିଳେଶଙ୍କ କଟାକ୍ଷ

ଲକ୍ଷ୍ମୌ,୭।୧



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପଞ୍ଜାବର ଫିରୋଜପୁର ଯାଇ ସୁରକ୍ଷାରେ ତ୍ରୁଟି ଥିବା ଦର୍ଶାଇ ଅଧାବାଟରୁ ଫେରିଆସିଥିଲେ। ବିକ୍ଷୋଭରତ କୃଷକମାନେ ତାଙ୍କୁ ସଭାମଞ୍ଚ ପର୍ଯ୍ୟନ୍ତ ଯିବାକୁ ଦେଇଥିଲେ ଭଲ ହୋଇଥାଆନ୍ତା। ଅନ୍ତତଃ ମୋଦି ସେଠାରେ ପହଞ୍ଚି ଖାଲି ଆସନଗୁଡ଼ିକୁ ଭାଷଣ ଶୁଣାଇଥାଆନ୍ତେ ବୋଲି ଶୁକ୍ରବାର ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ କଟାକ୍ଷ କରିଛନ୍ତି। ଏସ୍‌ପି ମୁଖ୍ୟ ଅଖିଳେଶ ଏକଦା ଝାଡ଼ଖଣ୍ଡର କୋଡ଼ରମାକୁ ଯାଇଥିବାବେଳେ ସଭାରେ ମାତ୍ର ୨୫ ଜଣ ଥିଲେ। କିନ୍ତୁ ସେ ଫେରିବା ପରିବର୍ତ୍ତେ ସେମାନଙ୍କୁ ସମ୍ବୋଧନ ଦେଇଥିଲେ ବୋଲି ନିଜ ଅନୁଭୂତି ବର୍ଣ୍ଣାଇଛନ୍ତି। ଏହିଅବସରରେ ଅଖିଳେଶ କହିଛନ୍ତି, ପ୍ରଧାନମନ୍ତ୍ରୀ ଫିରୋଜପୁର ସଭାକୁ ଯାଇଥିଲେ ଭଲ ହୋଇଥାନ୍ତା। ସେ ଫେରିଆସିବାରୁ ୩ କୃଷି ଆଇନ କାହିଁକି ଅଣାଯାଇଥିଲା ଓ ପରେ ତାକୁ କାହିଁକି ଉଚ୍ଛେଦ କରାଗଲା ତାହା ଜାଣିବାରୁ ଦେଶବାସୀ ବଞ୍ଚିତ ହୋଇଛନ୍ତି। ଏପରି କି ମୋଦି ଉତ୍ତର ପ୍ରଦେଶକୁ ଆସିଲେ ତାଙ୍କ ପାଇଁ ସଭାରେ ଖାଲି ଆସନ ଅପେକ୍ଷା କରିଥିବ। ମୋଦି ଖାଲି ଆସନଗୁଡ଼ିକୁ ଭାଷଣ ଦେବେ ବୋଲି ଅଖିଳେଶ ତାଚ୍ଛଲ୍ୟ କରିଛନ୍ତି।

## ମୋଦିଙ୍କ ପ୍ରତି କ'ଣ ବିପଦ ଥିଲା: ଚନ୍ନି



ଚରଣଜିତ୍ ସିଂ ଚନ୍ନି

ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ରାଜନୀତି ସରଗରମ ହେବାର ଲାଗିରହିଥିବାବେଳେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି କହିଛନ୍ତି, ଫିରୋଜପୁରରେ ମୋଦିଙ୍କ ଜୀବନ ପ୍ରତି କିଛି ବିପଦ ନ ଥିଲା। ପଞ୍ଜାବକୁ ବଦନାମ କରି ରାଜ୍ୟରେ ଅସ୍ଥିରତା ସୃଷ୍ଟି ଲାଗି ଷଡ଼ଯନ୍ତ୍ର କରାଯାଉଛି। ରାସ୍ତାରେ କେତେଜଣ ଲୋକ ବିକ୍ଷୋଭ କରୁଥିଲେ। ପ୍ରଧାନମନ୍ତ୍ରୀ ସେହି ରୁଟ୍‌ରେ ଆସୁଛନ୍ତି ବୋଲି ସେମାନେ ଜାଣି ନ ଥିଲେ। ମୋଦି ୧ କି.ମି. ପୂର୍ବରୁ ବିକ୍ଷୋଭ ସମ୍ପର୍କରେ ଜାଣିଥିଲେ। ସେଥିପାଇଁ ସେ ୟୁ-ଟର୍ନ କରିଥିଲେ। ବିପଦ କେଉଁଠି ଥିଲା ବୋଲି ଚନ୍ନି ଓଲଟା ପ୍ରଶ୍ନ କରିଛନ୍ତି।

## ପୂର୍ବତଟ ରେଳଜୋନ୍ ବିଖଣ୍ଡିତ, ରାଜ୍ୟ ସରକାର ଚୁପ୍: ଶ୍ରୀକାନ୍ତ ଜେନା

ଭୁବନେଶ୍ୱର,୭।୧(ବ୍ୟୁରୋ)

ରେଳ କ୍ଷେତ୍ରରେ ଓଡ଼ିଶାକୁ ଉପେକ୍ଷା କରାଯାଉଛି। ପୂର୍ବତଟ ରେଳପଥ ଜୋନ୍‌କୁ ଖଣ୍ଡବିଖଣ୍ଡିତ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଚୁପ୍ ବସିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଅଭିଯୋଗ କରିଛନ୍ତି। ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ କହିଛନ୍ତି, ବିଭିନ୍ନ ପ୍ରକଳ୍ପର ପର୍ଯ୍ୟବେକ୍ଷଣ, ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି କେନ୍ଦ୍ର ରେଳ, ବୈଦ୍ୟୁତିକ ଏବଂ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। 'ପୂର୍ବତଟ ରେଳଜୋନ୍'କୁ କାହିଁକି ଖଣ୍ଡ-ବିଖଣ୍ଡ କରାଗଲା ଏହାର ଉତ୍ତର ରେଳମନ୍ତ୍ରୀ ଦେଇପାରିବେ କି ବୋଲି ଶ୍ରୀକାନ୍ତ କହିଛନ୍ତି। ପୂର୍ବତଟ ରେଳପଥ ଜୋନରୁ 'ୱାଲଟିୟର ଡିଭିଜନ'କୁ ଆନ୍ଧ୍ରର ନୂଆ ରେଳଜୋନରେ ମିଶାଇ ଦିଆଗଲା। ଏହାପରଠାରୁ ଓଡ଼ିଶା ବର୍ଷକୁ ୧୦ ହଜାର କୋଟି ଟଙ୍କାର କ୍ଷତି ସହୁଛି। ତେଣୁ ରାଜ୍ୟ ରେଳ କ୍ଷେତ୍ରରେ ଆଶାନୁରୂପ ବିକାଶ ହୋଇପାରି ନାହିଁ। ଏହା ଦ୍ୱାରା କ'ଣ କେନ୍ଦ୍ର ସରକାର ରେଳପଥ ଜୋନଗୁଡ଼ିକୁ ରାଜ୍ୟ କେନ୍ଦ୍ରିକ କରିବାର ନିଷ୍ପତ୍ତି ନିଆଯାଉଛି କି? ଯଦି ଏହା ହୋଇଥାଏ ତେବେ ଦକ୍ଷିଣ-ପୂର୍ବ ରେଳପଥ ଜୋନରେ ଥିବା ଓଡ଼ିଶାର ଅଞ୍ଚଳଗୁଡ଼ିକୁ ପୂର୍ବତଟ ରେଳପଥ ଜୋନରେ ମିଶାଯାଉ ରାଉରକେଲା ଓ ବାଲେଶ୍ୱରଠାରେ ଆଉ ଦୁଇଟି ରେଳ ଡିଭିଜନ ପ୍ରତିଷ୍ଠା କରାଯାଉ ବୋଲି ସେ ଦାବି କରିଛନ୍ତି। ସେପରି ଓଡ଼ିଶାରୁ ସବୁଠୁ ଅଧିକ ଲାଭ (ପ୍ରାୟ ବାର୍ଷିକ ୨୫ହଜାର କୋଟି) ଭାରତୀୟ ରେଳପଥ ପାଉଛି। ଏହାସତ୍ତ୍ୱେ ପୂର୍ବତଟ ରେଳଜୋନ୍‌କୁ ଖଣ୍ଡ ବିଖଣ୍ଡିତ କରାଯିବା ଭଳି ଅତି ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ଶ୍ରୀକାନ୍ତ କହିଛନ୍ତି।

## ୫୦୦୦ ଦେଇ ଭୁଆଁ ବୁଲାଉଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୭।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ଲୋକଙ୍କୁ ଘର କରିବା ଲାଗି ୧ ଲକ୍ଷ ୭୦ ହଜାର ଟଙ୍କା ପଠାଉଛନ୍ତି। ଓଡ଼ିଶାରେ ଏହି ଟଙ୍କା ବାଟମାରଣା କରାଯାଇଛି। ଶାସକ ବିଜେଡି ଗରିବ ଲୋକଙ୍କୁ ୫ ହଜାର ଟଙ୍କା ଦେଇ ଭୁଆଁ ବୁଲାଉଛି ବୋଲି ଅଭିଯୋଗ କିଛନ୍ତି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର।

ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଘର ପିଛା ଦେଉଥିବା ମୋଟ ପ୍ରୋତ୍ସାହନ ରାଶିର ୩%ରୁ କମ୍ ଟଙ୍କା ଦେଇ ବିଜେଡି ଗରିବଙ୍କୁ ଭଣ୍ଡାଉଛି। ଘର ପାଇ ନ ଥିବା ଲୋକଙ୍କୁ ୫୦୦୦ ଟଙ୍କା ସହାୟତା ଧର୍ମକୁ ଆଖିଠାର। ଗରିବଙ୍କୁ ୫ ହଜାର ଟଙ୍କା ଦେଇ ବିଜେଡି ପ୍ରଚାରରେ ୫୦ ହଜାର ଟଙ୍କା ଖର୍ଚ୍ଚ କରୁଛି। ଘର ପାଇ ନ ଥିବା ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ଲାଗି ଶାସକ ଦଳର ଏହା ଏକ ଚାଲ୍। ସହାୟତା ରାଶି ନାମରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା କ୍ୟାଲେଣ୍ଡର ଦେବାର ଅର୍ଥ କ'ଣ ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ଯେଉଁମାନଙ୍କୁ ରାଜ୍ୟ ସରକାର ଆବାସ ପାଇଁ ଟଙ୍କା ବାଣ୍ଟିବେ, ତାହାର ତାଲିକା ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି। ମାହାଙ୍ଗାର ୨ ଭାଜପା କାର୍ଯ୍ୟକର୍ତ୍ତା କୁଳମଣି ବରାଳ, ଦିବ୍ୟସିଂହ ବରାଳ ହତ୍ୟାକାଣ୍ଡ ମାମଲା ଏବଂ ଘର ପାଇଁ ଅନୁଦାନ ଅର୍ଥ ପ୍ରଦାନରେ ବିଜେଡିର ହୀନ ରାଜନୀତି ପ୍ରସଙ୍ଗକୁ ନେଇ ଦଳ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଗୋଲକ କହିଛନ୍ତି।

## ବିଜେଡି ବିଧାୟକ, ଏମ୍‌ପିଙ୍କ ଗାଡ଼ିକୁ ଅଣ୍ଡାମାଡ଼

**ଭବାନୀପାଟଣା/ନର୍ଲା,୭।୧(ସ୍ୱ.ପ୍ର./ଡି.ଏନ୍.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଉଲିକୁପା ପଞ୍ଚାୟତ ସମ୍ମୁଖରେ ଶୁକ୍ରବାର ସ୍ଥାନୀୟ ବିଜେଡି ବିଧାୟକ ଭୂପିନ୍ଦର ସିଂ ଓ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସେଠ୍‌ଙ୍କ ଗାଡ଼ିକୁ ଯୁବ କଂଗ୍ରେସ କର୍ମୀଙ୍କ ପକ୍ଷରୁ ଅଣ୍ଡାମାଡ଼ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଧାୟକ ସିଂ ଓ ଏମ୍‌ପି ସେଠ୍ କର୍ମୀ ସମ୍ମିଳନୀରୁ ଫେରୁଥିବା ବେଳେ ରାସ୍ତାରେ ପୂର୍ବ ଯୋଜନା ମୁତାବକ ଅଟକ ରହିଥିବା ଯୁବ କଂଗ୍ରେସ କର୍ମୀମାନେ ତାଙ୍କ ଗାଡ଼ିକୁ ଅଣ୍ଡାମାଡ଼ କରିଥିଲେ। ନର୍ଲା ବ୍ଲକ ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର ଓ ତାଙ୍କର ସହଯୋଗୀ ମୁନ୍ନା ମାଝି, ମନୋଜ କରୁଆଁ ପ୍ରମୁଖ ଉପସ୍ଥିତ ରହି ବିଧାୟକ ଓ ଏମ୍‌ପିଙ୍କ ଗାଡ଼ିକୁ ଅଣ୍ଡାମାଡ କରିଥିଲେ। ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା।

## ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା

**ଭୁବନେଶ୍ୱର,୭।୧(ବ୍ୟୁରୋ):** ଆନ୍ଦୋଳନ ନାମରେ ପଞ୍ଜାବରେ ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍‌କୁ ୨୦ ମିନିଟ୍ ଯାଏ ଅଟକାଯିବା ପ୍ରସଙ୍ଗରେ ରାଜ୍ୟ ଭାଜପା ଶୁକ୍ରବାର ରାଜ୍ୟପାଳଙ୍କ ଫେରାଦ୍ ହୋଇଛି। ଏଭଳି ଅସହିଷ୍ଣୁତା କଂଗ୍ରେସର ଆଉ ଏକ କଳଙ୍କିତ ଅଧ୍ୟାୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ସମ୍ବିଧାନ ଅନୁଯାୟୀ ଦେଶର ପ୍ରଧାନମନ୍ତ୍ରୀ ଏକ ସାମ୍ବିଧାନିକ ଅନୁଷ୍ଠାନ। ତ୍ରୁଟିପୂର୍ଣ୍ଣ ସୁରକ୍ଷା ଯୋଗୁ ଅତୀତରେ ଭାରତ ୨ଜଣ ପ୍ରଧାନମନ୍ତ୍ରୀଙ୍କୁ ହରାଇଛି। ଏହାକୁ କଂଗ୍ରେସ ଭୁଲି ନ ଯିବା ଉଚିତ୍। ଏକ ବ୍ରିଜ୍ ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍ ଅସୁରକ୍ଷିତ ଅବସ୍ଥାରେ ଅଟକିବା ପଞ୍ଜାବର ଆଇନଶୃଙ୍ଖଳା ପରିସ୍ଥିତିକୁ ଜନମାନସରେ ପରିଚିତ କରାଇଛି। ଏହା ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ପ୍ରାୟୋଜିତ କାଣ୍ଡ। ଏଥିରେ ଅନୁତପ୍ତ ହେବା ପରିବର୍ତ୍ତେ କଂଗ୍ରେସ ନେତୃତ୍ୱ ନିଜ ମୁଣ୍ଡରୁ ଦୋଷ ଖସାଇ କେନ୍ଦ୍ର ସରକାର ଏବଂ ଭାଜପାକୁ ସମାଲୋଚନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମୀର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**APPOINTMENT**
Required for a Appliance Chain Store Manager, System Manager, Sales Manager, Sales Executive, HR, Accountant, Office Boy.
Contact: 7008485542

**URGENTLY REQUIRED**
Receptionist with Tele Caller (F), Tele Caller (F), Business Development Manager (M/F).
Qualification: +2 to above.
Sal.- 8,000/- to 15,000/-.
Address: Nuagon, Samantarapur, BBSR
Mob.: 8917333232

**REQUIRED**
HPCL Tangi (Cuttack) PETROL PUMP
MANAGER-1, SUPERVISOR-1, FILING STAFF-10
On 5 to 9 January 2022, 10:30 A.M. to 05:00 P.M.
Contact: 9438158020
8249040559 (WhatsApp)

**Urgently Required**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9536644810, 7351122597

**REQUIRED POONAM UNISEX SALON & SPA**
1. Receptionist (1 No) Good qualification
2. ମହିଳା ଥେରାପିଷ୍ଟ ଆବଶ୍ୟକ
Bapuji Nagar, Bhubaneswar
Contact : 8917332216

**WANTED**
Female Nurses (ANM)
Required for a hospital in Bhubaneswar.
Contact - 8598983678, 8339966999,
E-mail : bhubaneswar.saaol@gmail.com

## ବିସ୍ଥାପିତ ହେବାକୁ ଦିଆଯିବ ନାହିଁ: ବିଜେଡି



ମଞ୍ଚାସୀନ ବିଜେଡି ନେତୃବର୍ଗ।

ବାଲିଆପାଳ, ୭।୧(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଯମୁନାଶୁଳ ଡାକବଙ୍ଗଳା ପରିସରରେ ଶୁକ୍ରବାର ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଜନସାଧାରଣଙ୍କ ବିନା ସହମତିରେ ଦିଆସିଲି କାରଖାନାଟିଏ ବି ହେଇପାରିବ ନାହିଁ। ଆଉ କୌଣସି ପରିସ୍ଥିତିରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବିସ୍ଥାପିତ ହେବାକୁ ଦିଆଯିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ପେଟ୍ରୋକେମିକାଲ ପ୍ଲାଣ୍ଟ କେନ୍ଦ୍ର ସରକାରଙ୍କ ଯୋଜନା। କେନ୍ଦ୍ର ସରକାର ବାଲିଆପାଳରେ ପେଟ୍ରୋକେମିକାଲ ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟକୁ ପ୍ରସ୍ତାବ ଦେଇଥିଲେ। ହେଲେ ଅଞ୍ଚଳବାସୀଙ୍କ ସହମତି ବିନା ପ୍ରକଳ୍ପ ହୋଇପାରିବ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଯୋଗଦେଇ କହିଥିଲେ ପୂର୍ବରୁ ପେଟ୍ରୋକେମିକାଲ ପ୍ଲାଣ୍ଟ ହେବାର ପ୍ରସ୍ତାବ ଥିଲା କିନ୍ତୁ ବର୍ତ୍ତମାନ କିଛି ନାହିଁ। ବନ୍ଦର ହେଲେ କେହି ବିସ୍ଥାପନ ହେବେ ନାହିଁ। ସମ୍ମାନିତ ଅତିଥି ଭାବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ମହିଳା ବିଜୁଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା, ବସ୍ତା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର ଯୋଗଦେଇ ଅଭିଭାଷଣ ଦେଇଥିଲେ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/MK/O/SER/079/Corrigendum/ 001
Rate Contract for General Civil Works under Various Circles at TPWODL area.
The time period is hereby extended for Submission of Tender Participation Fee and Authorization Letter through e-mail till **15th January 2022, 1500Hrs**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.
Sd./- Chief-Contracts and Stores

**ମହିଳା କେୟାର୍ ଟେକର୍ ଆବଶ୍ୟକ**
ହାଇଦ୍ରାବାଦରେ ଆମ ଘରେ ଜଣେ 95 ବର୍ଷୀୟା ମହିଳାଙ୍କ ସେବା କରିବା ପାଇଁ କେୟାର୍ ଟେକର୍/ଆୟା ଭାବେ ଦୁଇଜଣ ମହିଳା ଆବଶ୍ୟକ । ବୟସ 18ରୁ 40 ବର୍ଷ ପର୍ଯ୍ୟନ୍ତ ଓ ଉଚ୍ଚତା 5 ଫୁଟ ହେବା ଆବଶ୍ୟକ। ଅଭିଜ୍ଞତା ଆଧାରରେ ଦରମା: 15,000 - 22,000 । ରହିବା ଓ ଖାଇବା ଖର୍ଚ୍ଚ ଦିଆଯିବ । ଏଜେଣ୍ଟ ମଧ୍ୟ ଯୋଗାଯୋଗ କରିପାରନ୍ତି ।
ଆମର ଫୋନ୍ ନଂ.: 9652962583

## ୮ ଭାଜପା କର୍ମୀ ଗିରଫ

### ଜିଲାପାଳଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣା

**ଭଦ୍ରକ ଅଫିସ, ୭।୧:** ଭଦ୍ରକ ଜିଲା ଭାଜପା ପକ୍ଷରୁ ଗୁରୁବାର ବିକ୍ଷୋଭ ବେଳେ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଏନେଇ ଟାଉନ ଥାନାରେ ମାମଲା (ନଂ.୭/୨୨) ରୁଜୁ ହୋଇଛି। ଏହି ଘଟଣାରେ ଶୁକ୍ରବାର ୮ ଭାଜପା କର୍ମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ବ୍ୟବସ୍ଥାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ କରି ଭାଜପା ବିକ୍ଷୋଭ ପ୍ରଦର୍ଶନ କରିବା ବେଳେ ଏହି ଭଙ୍ଗାରୁଜା ହୋଇଥିଲା। ସିସିଟିଭି ଫୁଟେଜକୁ ଭିତ୍ତିକରି ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି।

## ପଞ୍ଚାୟତ ନିର୍ବାଚନରେ ଲଢ଼ିବ କଳିଙ୍ଗ ସେନା

ଭୁବନେଶ୍ୱର,୭।୧(ବ୍ୟୁରୋ)

ପୂର୍ବଥର ଭଳି ଏଥର ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଳିଙ୍ଗ ସେନା ମଇଦାନକୁ ଓହ୍ଲାଇବ। ଯୁବବର୍ଗକୁ ପ୍ରାଧାନ୍ୟ ଦେଇ ଦଳ ପ୍ରାୟ ୪୦୦ ଜିଲା ପରିଷଦ ଆସନରେ ପ୍ରାର୍ଥୀ ଦେବା ପାଇଁ ସ୍ଥିର କରିଛି। ହେଲେ ବିଭିନ୍ନ ଦଳର ଅସନ୍ତୁଷ୍ଟ ନେତାମାନେ ଦଳୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଥିବାରୁ ଏହି ଆସନ ସଂଖ୍ୟା ଆହୁରି ବଢିବ ବୋଲି ଶୁକ୍ରବାର ସେନା ସୁପ୍ରିମୋ ହେମନ୍ତ ରଥ ସୂଚନା ଦେଇଛନ୍ତି।

ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଥ କହିଛନ୍ତି, ଚଳିତ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଯୁବବର୍ଗଙ୍କୁ ଉପେକ୍ଷା କରୁଥିବାବେଳେ ସେମାନଙ୍କୁ ତାଙ୍କର ରାଜନୈତିକ ଅଧିକାର ଦେବା ପାଇଁ କଳିଙ୍ଗସେନା ପ୍ରାର୍ଥୀ ଦେବାକୁ ସ୍ଥିର କରିଛି। ପୂର୍ବ ନିର୍ବାଚନରେ ଦଳ ଯେତିକି ପ୍ରାର୍ଥୀ ଦେଇଥିଲା ଏଥର ସେହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ। ବିଶେଷକରି ଭାଜପାର ବହୁ ଅସନ୍ତୁଷ୍ଟ ନେତା ଦଳ ସହିତ ସମ୍ପର୍କରେ ଥିବାରୁ ସେମାନଙ୍କ ଯୋଗ୍ୟତା ଆଧାରରେ ପ୍ରାର୍ଥୀ କରାଯିବ। ଅନ୍ୟ ଦଳର ଅସନ୍ତୁଷ୍ଟ ବି କଳିଙ୍ଗସେନା ବ୍ୟାନରରେ ଲଢିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଖୋର୍ଦ୍ଧା, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାକୁ ନିର୍ବାଚନରେ ଗୁରୁତ୍ୱ ଦେବା ସହିତ ଅନ୍ୟ ଜିଲାରେ ମଧ୍ୟ ପ୍ରାର୍ଥୀ ଦିଆଯିବ। ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିବାପରେ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ ବୋଲି ରଥ କହିଛନ୍ତି।

**GREEN ENERGY DEVELOPMENT CORPORATION OF ODISHA LTD**
Regd. Office (A wholly owned subsidiary company of OHPC Ltd)
OHPC Corporate Office, OSPH&W Corporation Building, Janpath, Bhoinagar, Bhubaneswar-751022,
Tel. 0674-2542922, Fax: 0674-2542102 , Web: www.gedcol.com, Email: info@gedcol.com
CIN NO.: U40102OR2013SGC016747

No: GEDCOL/TECH/ 154/2020/ 08 Dated: 03.01.2022

**NOTICE INVITING TENDER NO: 01 / 2021-22, DATED: 03.01.2022 FOR DEVELOPMENT OF 10 MW SOLAR POWER PLANT NEAR CHIPLIMA POWER HOUSE, DIST- SAMBALPUR ODISHA.**

No. CAD-2750:- GEDCOL (A 100% subsidiary of OHPC) is planning to develop 10 MW Solar Power Plant near Chiplima Power House, District- Sambalpur of Odisha State.
Sealed tenders are invited by GEDCOL, Bhubaneswar for the following work from eligible bidders.

| Description Of work | EMD in Shape of BG only (in Rs.) | Cost of tender document (Nonrefundable) (in Rs.) | Target date for Com-missioning of project | Availability of tender document in the website | Date & Time of Pre-bid meeting | Last Date & time of submis-sion of tender |
|---|---|---|---|---|---|---|
| Design, engineering, procurement & supply, construction, commissioning and comprehensive operation & maintenance for ten (10) years of gridconnected solar photovoltaic power plants of 10 MW Solar Power Plant near Chiplima Power House, District- Sambalpur of Odisha State | 54,00,000/- | 11,800/- (10,000 + 18% GST) | 180 days after LOI | 17.01.2022 To 17.02.2022 (03:00PM) | 07.02.2022 (Tentative) | 17.02.2022 up to 3.00 PM & it will be Opened at 3.30 PM of Same date. |

For detail tender call notice, please visit website: **www.gedcol.com** of GEDCOL. Future addendum/corrigendum related to this tender will be available only in the website of GEDCOL. Tender papers can only be downloaded from the website and submitted along with the tender cost.
For and on behalf of GEDCOL
OIPR-04012/11/0025/2122 Dy. General Manager (EI)

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in
**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୫.୦୧.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ଅମାନତ ଜମା, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
ତା୨୭.୦୧.୨୦୨୨ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ

ଇ-ନିଲାମ ତାରିଖ ଏବଂ ସମୟ: ତା୨୮.୦୧.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ସଞ୍ଜିତ କୁମାର ସାହୁ (ମୃତକ), ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା- ସା/ପୋ.: ସୋମପୁର, ଜିଲ୍ଲା: କଟକ, ପିନ୍-୭୫୪୧୩୦ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ୩) ୰ ସଞ୍ଜିତ କୁମାର ସାହୁ, ସା/ପୋ.: ସୋମପୁର, ଜିଲ୍ଲା: କଟକ, ପିନ୍-୭୫୪୧୩୦ / ଆକାଉଣ୍ଟ ନଂ: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | କ) ୰ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା କାରଖାନା ଗୋଦାମ ଗୃହ ଏବଂ ଜମି ଯାହାର ମୌଜା: ସୋମପୁର, ତହସିଲ: କିଶନ ନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୩୨୦ଡିସିମିଲି, କିସମ: ଘରବାରୀ | ଟ.୫୦,୫୨,୬୦୦/- / ଟ.୫,୦୫,୨୬୦/- / ଟ.୫୦,୦୦୦/- | ତା୩୧.୧୨.୨୦୨୧ରିଖ ସୁଦ୍ଧା ଟ.୭,୮୦,୩୮,୦୧୧.୫୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୦୫.୦୫.୨୦୧୪ |
| | | ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସୋମପୁର, ତହସିଲ: କିଶନ ନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରୀ | ଟ.୨୦,୭୭,୨୦୦/- / ଟ.୨,୦୭,୭୨୦/- / ଟ.୫୦,୦୦୦/- | |
| ୨. | ଋଣଗ୍ରହୀତା: ମେସର୍ସ ଟଏସ୍ ହୁଇଲ୍ ଅଟୋମୋଟିଭ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅରୁଣ କୁମାର ମିଶ୍ର ଏବଂ ନିର୍ଦ୍ଦେଶକ: ଶ୍ରୀ ନିହାର କୁମାର ମିଶ୍ର, ଉଭୟଙ୍କ ସା: ଡୁପ୍ଲେକ୍ସ ନଂ.: ୧୫, କୈଳାସ ବିହାର, ପ୍ଲଟ୍ ନଂ.: ୧୦୮୫, ପୋ.: ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୬ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମୀରା ମିଶ୍ର, ସ୍ୱାମୀ: ଶ୍ରୀ ଅରୁଣ କୁମାର ମିଶ୍ର, ସା: ଡୁପ୍ଲେକ୍ସ ନଂ.: ୧୫, କୈଳାସ ବିହାର, ପ୍ଲଟ୍ ନଂ.: ୧୦୮୫, ପୋ.: ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୬ / ଆକାଉଣ୍ଟ ନଂ: ୩୬୭୪୪୨୮୫୦୦୭, ୩୬୭୪୪୩୫୩୨୦୫ | ମୀରା ମିଶ୍ର ଏବଂ ନିହାର କୁମାର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଡୁପ୍ଲେକ୍ସ ନଂ.: ୯, ଖାତା ନଂ.: ୧୦୫୭/୨୭୬୭, ପ୍ଲଟ୍ ନଂ.: ୧୦୮୫/୪୭୫୯, କ୍ଷେତ୍ର: ଏକର୦.୦୩୧ଡିସିମିଲି, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୨, କୈଳାସ ବିହାର, ବୁଦ୍ଧେଶ୍ୱରୀ କଲୋନୀ, କିସମ: ଘରବାରୀ | ଟ.୮୫,୫୭,୦୦୦/- / ଟ.୮,୫୫,୭୦୦/- / ଟ.୫୦,୦୦୦/- | ତା୨୧.୧୧.୨୦୨୧ରିଖ ସୁଦ୍ଧା ଟ.୪,୬୮,୧୫,୪୪୮/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୧୧.୦୬.୨୦୨୧ |
| ୩. | ଋଣଗ୍ରହୀତାମାନେ: ୧) ଶ୍ରୀ ଯୁଧିଷ୍ଠିର ସାମଲ, ପିତା: ଇନ୍ଦ୍ରମଣି ସାମଲ, ୨) ଶ୍ରୀ ବିଜୟ କୁମାର ସାମଲ, ପିତା: ଇନ୍ଦ୍ରମଣି ସାମଲ, ୩) ଶ୍ରୀ କୈଳାସ ଚନ୍ଦ୍ର ସାମଲ, ପିତା: ଇନ୍ଦ୍ରମଣି ସାମଲ, ସମସ୍ତଙ୍କ ଠିକଣା- ସା: ଫତେପୁର, ପୋ.: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର (ଓଡ଼ିଶା) / ଆକାଉଣ୍ଟ ନଂ: ୬୨୨୧୫୧୫୨୦୫୨ | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାସ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରୀ | ଟ.୪୧,୦୫,୩୫୦/- / ଟ.୪,୧୦,୫୩୫/- / ଟ.୫୦,୦୦୦/- | ତା୩୧.୦୧.୨୦୧୮ରିଖ ସୁଦ୍ଧା ଟ.୧୯,୧୭,୮୮୪/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୧୩.୦୨.୨୦୧୮ |

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଚନ୍ଦନ କୁମାର ମହଳା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୫୦୬୨୪୫୩୩୯ ଏବଂ ଶ୍ରୀ ମୁକ୍ତିକାନ୍ତ ଶତପଥୀ (ସିଟି କେସ୍ ଅଫିସର), ମୋ.: ୯୦୭୮୧୩୬୧୯୯

ତାରିଖ : ୦୭.୦୧.୨୦୨୨
ସ୍ଥାନ : କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପ୍ରତି ମୁହୂର୍ତ୍ତରେ ଯାହା ସବୁଠାରୁ ଭଲ ବୋଲି ଜଣାଯାଏ– ତାହା ହିଁ କର ଏବଂ କର୍ମଫଳ ଭଗବାନଙ୍କ ହାତରେ ଛାଡିଦିଅ। ତା'ହେଲେ ଯାଇ ତୁମେ ଶାନ୍ତି, ସୁଖ, ଶକ୍ତି, ଉନ୍ନତି ଓ ପରମପୂର୍ଣ୍ଣତା ଲାଭ କରିବାର ନିଶ୍ଚିତ ବାଟ ପାଇଯିବ। –ଶ୍ରୀମା

# କି ପରିବର୍ତ୍ତନ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାରଙ୍କ ଦ୍ୱାରା ସଚିବସ୍ତରୀୟ ଅଦଳବଦଳ କରାଯାଇଛି। ଏଥିରେ ୯ଟି ମନ୍ତ୍ରଣାଳୟ ଓ ବିଭାଗକୁ ମିଳିଛି ନୂଆ ସଚିବ। କେନ୍ଦ୍ରରେ ଏ ପ୍ରକାର ପଦୋନ୍ନତି ଲାଗି ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀମାନେ ଦୀର୍ଘଦିନ ଧରି ଚାହିଁ ବସିଥିଲେ। ଉକ୍ତ ଅଦଳବଦଳ ବା ପରିବର୍ତ୍ତନକୁ କେତେକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯା ଭିତରେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ପରିସ୍ଥିତି ବଦଳିଛି। ତେଣୁ କେନ୍ଦ୍ରରେ ଏଭଳି ପରିବର୍ତ୍ତନ ଆବଶ୍ୟକ ଥିଲା। ଏହି ଅଦଳବଦଳରେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ପଞ୍ଜାବର ପୂର୍ବତନ ମୁଖ୍ୟ ଶାସନସଚିବ ବିନି ମହାଜନଙ୍କ ନୂଆ ନିଯୁକ୍ତି। ତାଙ୍କୁ ଏବେ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ପଦରେ ନିଯୁକ୍ତ କରାଯାଇଛି। ୨୦୨୦ରେ ସେତେବେଳର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ମୁଖ୍ୟ ଶାସନ ସଚିବ ପଦରେ ଭିନି ମହାଜନଙ୍କୁ ନିଯୁକ୍ତ କରିଥିଲେ। ତାଙ୍କ ସରକାର ଭାଙ୍ଗିଯିବା ପରେ ଗତବର୍ଷ ସେପ୍ଟେମ୍ବରରେ ବିନି ଏହି ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ଅମରିନ୍ଦର ଭାଜପା ସହ ହାତ ମିଳାଇଥିବାରୁ ତାଙ୍କୁ ପୁନଃ ଥଇଥାନ କରାଯାଇଛି। ଠିକ୍ ଏହିଭଳି ତାଙ୍କ ସ୍ୱାମୀ ଦୀନକର ଗୁପ୍ତାଙ୍କୁ ମଧ ପଞ୍ଜାବର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନି ପୋଲିସ ଡିଜି ପଦରୁ ହଟାଇ ଦେଇଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଦିଲ୍ଲୀରେ କୌଣସି ପାରାମିଲିଟାରୀ ସଂଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିପାରେ ବୋଲି କୁହାଯାଉଛି। ଠିକ୍ ଏହିଭଳି ଭାରତୀୟ ବନସେବା (ଆଇଏଫ୍‌ଏସ୍) ଅଧିକାରୀ ଭରତ ଲାଲ୍‌ଙ୍କୁ ଲୋକପାଳ ସଚିବ ଭାବେ ନିଯୁକ୍ତ କରାଯାଇଛି। ଅନେକେ ଆଶା କରୁଥିଲେ ଯେ ତାଙ୍କୁ ପାନୀୟ ଜଳ ଓ ପରିମଳ ବିଭାଗ ମିଳିପାରେ (ଯାହା ଏବେ ବିନି ମହାଜନଙ୍କୁ ମିଳିଛି)। କାରଣ ପୂର୍ବରୁ ସେ ପାନୀୟ ଜଳ ପାଇପ୍ ଲାଇନ୍ ପ୍ରକଳ୍ପରେ ଅତିରିକ୍ତ ସଚିବ ଭାବେ କାମ କରିଥିଲେ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ପାନୀୟଜଳ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରାଇଥିଲେ। ଏବେ ବ୍ୟୁରୋକ୍ରାଟ୍‌ମାନେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି ଯେ, ଏହା ନିଜ ସୁରକ୍ଷା ଲାଗି ପରିବର୍ତ୍ତନ ନା ହୃଦୟର ପରିବର୍ତ୍ତନ ଏବଂ ଆଗକୁ କ'ଣ ହେବ ?

### କୋଭିଡ୍ ମୁକାବିଲାରେ ବରୁଣ

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସମୟରେ ବଢ଼ିଛି ଓମିକ୍ରନ ସଂକ୍ରମଣ। ଏଭଳି ସ୍ଥିତିରେ ପିଲିଭିଟ୍‌ରୁ ତୃତୀୟ ଥର ପାଇଁ ଭାଜପା ସାଂସଦ ବରୁଣ ଗାନ୍ଧୀ ଏକ ପ୍ରଶଂସନୀୟ କାର୍ଯ୍ୟ ସହିତ ନୂଆବର୍ଷ ଆରମ୍ଭ କରିଛନ୍ତି। ତାଙ୍କ ନିର୍ବାଚନମଣ୍ଡଳୀ ବର୍ତ୍ତମାନର କୋଭିଡ୍ ସ୍ଥିତି ମୁକାବିଲା ନେଇ କିଭଳି ପ୍ରସ୍ତୁତ ହୋଇଛି ସେନେଇ ସେ ଜିଲାପାଳ ପୁଲକିତ ଖରେ ଏବଂ ଅନ୍ୟାନ୍ୟ ଜିଲା ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞଙ୍କ ସହ ବୈଠକ କରି ସମୀକ୍ଷା କରୁଛନ୍ତି। ତୃଣମୂଳ ସ୍ତରରେ ଅନେକ ସମୟରେ ବାବୁମାନେ ରାଜନେତା ତଥା ଜନସାଧାରଣଙ୍କ ଦ୍ୱାରା ହଇରାଣ ହରକତ ହୁଅନ୍ତି। ତେଣୁ ଜିଲ୍ଲାରେ କୋଭିଡ୍ ସ୍ଥିତିର ମୁକାବିଲା ପାଇଁ ସେମାନଙ୍କୁ ସାଂସଦଙ୍କ ସକ୍ରିୟ ସହଯୋଗ ଓ ତଦାରଖ ଅଧିକ ଉତ୍ସାହିତ କରିବ ନିଶ୍ଚୟ। ଗତ ବର୍ଷ କୋଭିଡ୍‌ର ଦ୍ୱିତୀୟ ଲହର ବିପଦ ସୃଷ୍ଟି କରିଥିଲା ତା'ର ଯେପରି ପୁନରାବୃତ୍ତି ନ ହେବ ସେ ଦୃଷ୍ଟିରୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଉତ୍ତମ ନେତୃତ୍ୱ ଏବଂ ଭଲ ଟିମ୍ ନେଇ କାମ କରିବାରେ ଅନେକ ଲାଭ ମିଳିପାରେ। ଏଥର ମହାମାରୀ ସମୟରେ ବରୁଣ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିପାରିଛନ୍ତି। ଉତ୍ତରପ୍ରଦେଶ ଏବଂ କେନ୍ଦ୍ରର ଅନ୍ୟ ପ୍ରତିନିଧିମାନେ ସେମାନଙ୍କ କ୍ଷେତ୍ରରେ ତାଙ୍କୁ ଅନୁକରଣ କରିପାରିବେ ବୋଲି ଆଶା କରାଯାଉଛି।

### ସ୍କୁଲରେ ବାବୁ

ହିମାଚଳ ପ୍ରଦେଶର ସରକାରୀ ସ୍କୁଲରେ ଶିକ୍ଷାର ମାନ ବଢ଼ାଇବା ଲାଗି ରାଜ୍ୟ ସରକାର ନୂଆ ପଦକ୍ଷେପ ନେଇଛନ୍ତି। ସ୍କୁଲ୍ ପରିସରରେ ଆଇଏଏସ୍ ଏବଂ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀମାନେ ଅଚାନକ ପହଞ୍ଚିବା ଦ୍ୱାରା ଛାତ୍ର ଏବଂ ଶିକ୍ଷକମାନଙ୍କ ଉତ୍ସାହ ବୃଦ୍ଧି କରିବ ବୋଲି କୁହାଯାଉଛି। ମୁଖ୍ୟ ଶାସନ ସଚିବ ରାମ ସୁଭଗ ସିଂ ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ଏକ ନିର୍ଦ୍ଦେଶ ଜାରି କରିଛନ୍ତି। ବାବୁମାନଙ୍କୁ ନିଜ ଅଧିକାର କ୍ଷେତ୍ରରେ ଥିବା ସ୍କୁଲଗୁଡ଼ିକରେ ଅତି କମ୍‌ରେ ୧୫ ଦିନରେ ଥରେ ପଢ଼ାଇବା ଲାଗି ଏଥିରେ କୁହାଯାଇଛି। ବାବୁମାନେ ଛାତ୍ରମାନଙ୍କୁ ପଢ଼ାଇବେ ଏବଂ ସେମାନଙ୍କ ଅଭିଜ୍ଞତାକୁ ଶେୟାର କରିବା ସହ ଛାତ୍ରମାନଙ୍କୁ କ୍ୟାରିୟର ପସନ୍ଦ କରିବା ଲାଗି ପଥ ପ୍ରଦର୍ଶନ କରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବାବୁମାନଙ୍କୁ ସ୍କୁଲ୍ ପଠାଇବାର ମୁଖ୍ୟ ଲକ୍ଷ୍ୟ ହେଉଛି, ଅଭିଭାବକମାନଙ୍କର ସରକାରୀ ସ୍କୁଲ୍ ଉପରେ ବିଶ୍ୱାସ ସୃଷ୍ଟି କରିବା ଓ ଅଭାବ ରହିଥିବା ଭିତ୍ତିଭୂମିର ସମୀକ୍ଷା କରି ପୂରଣ କରିବା। ବାବୁମାନେ ଶିକ୍ଷଣ ଅନୁଭବର ନିୟମିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ଶିକ୍ଷା ସଚିବ ରାଜୀବ ଶର୍ମା କହିଛନ୍ତି। ତେବେ ସରକାରଙ୍କ ଏହି ଉତ୍ତମ ପଦକ୍ଷେପକୁ ସ୍କୁଲ ଶିକ୍ଷକମାନେ ସମର୍ଥନ କରୁନାହାନ୍ତି। ତେବେ ସରକାର ଆଶା କରୁଛନ୍ତି ଯେ, ଏହି ପଦକ୍ଷେପ କେନ୍ଦ୍ର ଓ ରାଜ୍ୟ ସେବାଗୁଡ଼ିକୁ କ୍ୟାରିୟର ଭାବେ ଚୟନ କରିବା ଲାଗି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରିବ। ସ୍ପଷ୍ଟତଃ, ହିମାଚଳରେ ଆଇଏଏସ୍ ଏବଂ ଆଇପିଏସ୍ ଆଶାୟୀଙ୍କ ସଂଖ୍ୟା ବହୁତ କମ୍। ଆଶା କରାଯାଏ, ଏହି ପଦକ୍ଷେପ ଏହି ସଂଖ୍ୟା ବଢ଼ାଇବା ଲାଗି ସାହାଯ୍ୟ କରିବ।

Email: dilipcherian@gmail.com

# ରାଜନୀତିର ଊର୍ଦ୍ଧ୍ୱରେ ପାଇକ ସଂଗ୍ରାମ

ଅନିଲ ବିଶ୍ୱାଳ

ଅନେକ ଦିନର ବ୍ୟବଧାନ ପରେ ଏବେ ପୁଣି ଚର୍ଚ୍ଚାକୁ ଫେରିଛି ପାଇକ ସଂଗ୍ରାମ। ପାଇକ ସଂଗ୍ରାମକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ମାନ୍ୟତା ନେଇ ରାଜ୍ୟ ସଭାରେ ପଚରାଯାଇଥିବା ପ୍ରଶ୍ନରେ କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀଙ୍କ ନାସ୍ତିବାଚକ ଉତ୍ତର ଆମକୁ ଆଘାତ ଦେଇଛି। ଏହାକୁ ନେଇ ସ୍ୱାଭାବିକ ଭାବରେ ଯାହା ପ୍ରତିକ୍ରିୟା ସୃଷ୍ଟି ହେବା କଥା ତାହା ହେଉଛି। ବ୍ରିଟିଶ ବିରୋଧରେ ୧୮୧୭ରେ ହୋଇଥିବା ପାଇକ ସଂଗ୍ରାମକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ବିଧାନସଭାରେ ସଂକଳ୍ପ ପାରିତ ହୋଇଛି। ରାଜ୍ୟ ସଂସ୍କୃତି ମନ୍ତ୍ରୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ମଧ୍ୟ ଲେଖିଛନ୍ତି ଏପ୍ରସଙ୍ଗରେ। ସେହିପରି ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦାବିରେ ରାଜଧାନୀରେ ପାଇକ ସମାବେଶ ମଧ୍ୟ ହୋଇଥିଲା। ହେଲେ ପ୍ରଶ୍ନ ଉଠୁଛି ବିଧାନସଭାରେ ଦୁଇ ପୃଷ୍ଠାର ସଂକଳ୍ପ, ମନ୍ତ୍ରୀଙ୍କର ଚିଠି, ଭୁବନେଶ୍ୱରରେ ସମାବେଶ, ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା, ଏସବୁ ଯଥେଷ୍ଟ କି ଆମର ସେହି ଦାବିକୁ ହାସଲ କରିବାରେ ? ଆମେ ଏହି ପ୍ରସଙ୍ଗରେ ଓଡ଼ିଆ ଅସ୍ମିତାକୁ ନେଇ ସ୍ୱଳ୍ପକାଳୀନ ଭାବପ୍ରବଣତାରେ ଅଛେ ନା ବାସ୍ତବରେ ଆମେ ଏହାକୁ ନେଇ ଗମ୍ଭୀରଭାବରେ ପ୍ରୟାସରତ ଏହା ଆଜିର ଦିନର ବଡ଼ ପ୍ରଶ୍ନ। ପାଇକ ସଂଗ୍ରାମ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାକୁ ନେଇ ସାରା ଓଡ଼ିଶାରେ କୌଣସି ଦ୍ୱିମତ ନାହିଁ। ହେଲେ ଯେଉଁ ଦ୍ୱନ୍ଦ୍ୱ ରହିଛି ଜାତୀୟ ସ୍ତରରେ ଏହାକୁ ଆମେ କେମିତି ଦୂର କରିବା, ଏହା ଉପରେ ଆମର ଉଦ୍ୟମ କେତେ ହୋଇଛି, ଏହାକୁ ନେଇ ଅନାସକ୍ତ ଓ ବିନା ପକ୍ଷପାତିତାରେ ଆଲୋଚନା କରିବାର ଆବଶ୍ୟକତା ରହିଛି। କାରଣ ଏହା ଆମର ଅସ୍ମିତା ଓ ସ୍ୱାଭିମାନର ପ୍ରସଙ୍ଗ।

ପାଇକ ସଂଗ୍ରାମ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଐତିହାସିକ ପ୍ରାମାଣିକତା ଆଧାରରେ ଜାତୀୟ ସ୍ତରରେ ସିଦ୍ଧ କରିବା ପାଇଁ ଆମେ କେତେ ଯତ୍ନବାନ ହୋଇଛେ, ଦେଶର କେତେ ବିଶ୍ୱବିଦ୍ୟାଳୟରେ ଆମେ ଏହା ଉପରେ ଗବେଷଣାତ୍ମକ ସନ୍ଦର୍ଭ ଲେଖାଇଛେ, ଏହି ପ୍ରସଙ୍ଗରେ ଦେଶର ଐତିହାସିକ, ଲେଖକମାନଙ୍କୁ ନେଇ ଆମେ କେତେଟା ଆଲୋଚନାଚକ୍ର କରାଇଛେ, କେତୋଟି ଅନ୍ତର୍ଜାତୀୟ ଐତିହାସିକ ପତ୍ରପତ୍ରିକାରେ ଏହା ଉପରେ ଲେଖା ପ୍ରକାଶ କରାଇଛେ ଆମେ ହିସାବ କରିବା ଉଚିତ୍। କାରଣ ଏହି ପ୍ରସଙ୍ଗରେ ସରକାରୀ ନିଷ୍ପତ୍ତି ହେବା ପାଇଁ ଜାତୀୟସ୍ତରରେ ବୁଦ୍ଧିଜୀବୀ, ଐତିହାସିକକାରମାନଙ୍କର ମାନ୍ୟତା ବେଶି ଗୁରୁତ୍ୱ ବହନ କରେ। ଅନେକ ରାଜ୍ୟ ସେମାନଙ୍କ ଅଞ୍ଚଳରେ ହୋଇଥିବା ସ୍ୱାଧୀନତା ସଂଗ୍ରାମକୁ ପ୍ରଥମ ବୋଲି ଦାବି କରୁଛନ୍ତି। ତେଣୁ ସମୟ ଆସିଛି ଯେ ପାଇକ ସଂଗ୍ରାମ ହେଉଛି ଭାରତର ପ୍ରଥମ ସଙ୍ଗଠିତ ଗଣ ଆନ୍ଦୋଳନ ଏହାକୁ ଜାତୀୟ ସ୍ତରରେ ସର୍ବସମ୍ମତ କରାଇବାର।

୧୮୧୭ ମାର୍ଚ୍ଚ ୨୯ରେ ବାଣପୁରରୁ ଆରମ୍ଭ ହୋଇଥିବା ପାଇକମାନଙ୍କର ଏହି ରଣ ବହ୍ନି ୧୮୨୭ର ତାପଙ୍ଗ ଲଢ଼େଇ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଚାଲିଥିଲା। ଭାରତରେ ଇଂରେଜମାନଙ୍କ ବିରୋଧରେ ଯେତେ ସଂଗ୍ରାମ ହୋଇଛି ଏହା ହେଉଛି ସବୁଠାରୁ ଲମ୍ବା। କେବଳ ସେତିକି ନୁହେଁ ଯଦି ଆମେ ୧୮୦୪ ରୁ ଜୟୀ ରାଜଗୁରୁଙ୍କଠାରୁ ହିସାବ କରିବା ତାହେଲେ ୨୩ବର୍ଷର ଏହି କ୍ରମାଗତ ସଂଗ୍ରାମ କେବଳ ଦେଶର ନୁହେଁ ବରଂ ବିଶ୍ୱ ଇତିହାସରେ ଅନ୍ୟତମ ଲମ୍ବା ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ଆଖ୍ୟା ପାଆନ୍ତା। କିନ୍ତୁ ଆମେ ତାହା କରିପାରିଛେ କି? ଆମେ ତ ୨୦୧୭ ରୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପାଇଥିବା ପାଇକ ସ୍ମାରକୀ ନିର୍ମାଣ କରିବା ପାଇଁ ଆବଶ୍ୟକ ହେଉଥିବା ଜମି ଯୋଗାଇ ଦେଇପାରିନେ। କେବଳ ଚିହ୍ନଟ କରିଛେ। ଆମର ଓଡ଼ିଆ ସ୍କୁଲ ପାଠ୍ୟକ୍ରମର ଇତିହାସ ବିଷୟରେ ପାଇକ ସଂଗ୍ରାମକୁ ମାତ୍ର ୫ ପୃଷ୍ଠାରେ (କେବଳ ୮ମ ଶ୍ରେଣୀର ଇତିହାସ ବହିର ୨୩-୨୮ ପୃଷ୍ଠା) ସୀମିତ କରିଦେଇଛେ। ବିଶ୍ୱଯୁଦ୍ଧ, ମୋଗଲ, ଔପନିବେଶକତା, ମେସୋପଟାମିଆ ଆଦି ବିଷୟରେ ପିଲାଙ୍କୁ ପୃଷ୍ଠା ପୃଷ୍ଠା ପଢ଼ାଉଛେ। ପିଲାଙ୍କ ପାଠ ବହିରେ ଏହି ବିଷୟରେ କେଉଁଠି ବି ଧାଡିଏ ଲେଖିନେ ଯେ ପାଇକ ସଂଗ୍ରାମ ହେଉଛି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି। ପାଇକ ସଂଗ୍ରାମରେ ମୋଟ ୧୭୧ ଜଣ ମୃତ୍ୟୁଦଣ୍ଡ ପାଇଥିଲେ। ଅନେକ ପାଇକଙ୍କୁ ଦେଶାନ୍ତର, କାରାଦଣ୍ଡରେ ଦଣ୍ଡିତ କରିଥିଲେ ବ୍ରିଟିଶ। ସେମାନଙ୍କର ତାଲିକା ଆମ ପାଖରେ ଅଛି କି? 'ଖୋର୍ଦ୍ଧା' ହେଉଛି ଭାରତର ଶେଷ ସ୍ୱାଧୀନ ଦୁର୍ଗ ଏ କଥା ଦେଶରେ ସର୍ବସମ୍ମତ। କିନ୍ତୁ ଏହି ଗୌରବମୟ କଥାଟିକୁ ଆମେ ଆମ ପିଲାଙ୍କୁ ସ୍କୁଲର ଇତିହାସରେ ବହିରେ କାହିଁକି ପଢ଼ାଉନାହେଁ ? ବୋଧହୁଏ ସେଇଥିପାଇଁ ଏ ଜାତିଟାର ଅସ୍ମିତା ପିଢ଼ିକୁ ପିଢ଼ି କମିଯାଉଛି। କେବଳ ସେତିକି ନୁହେଁ ମୋଗଲମାନେ ମଧ୍ୟ ଓଡ଼ିଶାକୁ ସବାଶେଷରେ ଅକ୍ତିଆର କରିପାରିଥିଲେ। ସେହିପରି ଅନ୍ୟ ଅଞ୍ଚଳରେ ଯେମିତି ପ୍ରତ୍ୟକ୍ଷ ସୁଲତାନ ଶାସନ ଥିଲା ଓଡ଼ିଶାରେ ତାହା ହୋଇପାରି ନଥିଲା। କାରଣ ସେମାନେ ଜାଣିଥିଲେ ସ୍ୱାଧୀନଚେତା ପାଇକମାନଙ୍କୁ ଶାସନ କରିବା କଷ୍ଟକର। ଆମେ କିନ୍ତୁ ସେହି ଅନାଲୋଚିତ ଦୃଷ୍ଟିଭଙ୍ଗୀ ଉପରେ ଆଦୌ ଧ୍ୟାନ ଦେଉ ନାହେଁ। ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଦୁର୍ଦ୍ଧର୍ଷ ନେତୃତ୍ୱ ନେତାଜୀ ସୁଭାଷ ବୋଷଙ୍କର ପ୍ରେରଣା ନିଶ୍ଚୟ ଭାବରେ ଏହି ପାଇକ ସଂଗ୍ରାମ ହୋଇଥିବ। ନ ହେଲେ କଟକ ଭଳି ଛୋଟିଆ ସହରରେ ଜନ୍ମ ହୋଇ କାହିଁ କେତେ ଦୂରରେ ଥିବା ଜାପାନ, ଜର୍ମାନୀର ସହାୟତାରେ ବ୍ରିଟିଶ ବିରୋଧରେ ସିଧାସଳଖ ଯୁଦ୍ଧ କରିବାର ସେ ଯେଉଁ ମାନସିକତା, ତାହା ଆସିବା କ'ଣ ଏତେ ସହଜ କି? ପାହାଡ଼ ପର୍ବତଘେରା ଶେରଗଡ଼ରେ ରାଜା ଅଦ୍ୱୈତ୍ୟ ସିଂହଦେଓ ୧୮୦୦ରେ ବ୍ରିଟିଶ ବିରୋଧରେ ଯୁଦ୍ଧ ଲଢୁଥିବା ବେଳେ ବ୍ରିଟିଶ ଗୁଳିରେ ସ୍ୱାଧୀନତା ସଂଗ୍ରାମରେ ଓଡ଼ଶାର ପ୍ରଥମ ଶହୀଦ ହୋଇଥିଲେ। ଆଜି ତାଙ୍କର ଗୋଟିଏ ପ୍ରତିମୂର୍ତ୍ତି ରାଜଧାନୀରେ ଅଛି କି?

ପାଇକ କହିଲେ କୌଣସି ନିର୍ଦ୍ଦିଷ୍ଟ ଜାତିର ଲୋକ ନୁହନ୍ତି। ବ୍ରିଟିଶ ବିରୋଧରେ ହୋଇଥିବା ପାଇକ ସଂଗ୍ରାମରେ ସବୁ ଜାତିର, ସବୁ ବର୍ଗର ଲୋକେ ଭାଗ ନେଇଥିଲେ। ପାଇକମାନଙ୍କର ଏହି ସଶସ୍ତ୍ର ଆନ୍ଦୋଳନରେ ସାଧାରଣ କୃଷକ, ଲୁଣ ମାରୁଥିବା ମଲାଙ୍ଗୀ, ଜମି ହରାଇଥିବା ଜମିଦାର, ମନ୍ଦିରର ପୂଜକ, କନ୍ଧ, ଭୁୟାଁ, ହରିଜନ, ଆଦିବାସୀ ସମସ୍ତେ ସାମିଲ ହୋଇଥିଲେ। ଏଥିରେ କେବଳ ଓଡ଼ିଆମାନେ ସାମିଲ ନ ଥିଲେ ବରଂ ତେଲୁଗୁମାନେ ବି ସାମିଲ ଥିଲେ। ଏଥିରେ କେବଳ ହିନ୍ଦୁମାନେ ଲଢ଼ି ନ ଥିଲେ ବରଂ ସେମାନଙ୍କ ସହିତ କେରଙ୍ଗ, ତାପଙ୍ଗ, କାଇପଦର, ମାଣିତିରି ଭଳି ଅଞ୍ଚଳର ମୁସଲମାନମାନେ ମଧ୍ୟ ଯୁଦ୍ଧରେ ସାମିଲ ଥିଲେ। ହେଲେ ଚତୁର ବ୍ରିଟିଶମାନେ ପାଇକମାନଙ୍କର ସଂଗ୍ରାମକୁ କେବଳ କିଛି ନିର୍ଦ୍ଦିଷ୍ଟ ବର୍ଗର ବୋଲି ଦେଖାଇବା ପାଇଁ ପ୍ରୟାସ କରିଲେ। ଇଂରେଜ ଐତିହାସିକମାନେ ବକ୍ସି ଜଗବନ୍ଧୁଙ୍କ ଭଳି ମହାନ ଯୋଦ୍ଧାଙ୍କୁ ଜଣେ ପେନସନ ଭୋଗୀ ଭାବରେ ଦେଖାଇଲେ। ସେମାନେ ଜାଣିଶୁଣି ଜୟୀ ରାଜଗୁରୁଙ୍କ ଲଢ଼େଇକୁ ଇତିହାସରେ ଲେଖିଲେ ନାହିଁ, କାରଣ ଜୟୀ ରାଜଗୁରୁଙ୍କୁ ସେମାନେ ଫାଶୀ ଦେଇଥିଲେ। ଜୟୀ ରାଜଗୁରୁଙ୍କୁ ଯେଉଁଭଳି ଭାବରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ଔପନିବେଶକତାବାଦର କଳା ଇତିହାସରେ ବିଶ୍ୱର ଅନ୍ୟତମ ବର୍ବର କାଣ୍ଡ। ଆମେ ସେହି ବ୍ରିଟିଶର ବ୍ୟାଖ୍ୟାନର ପ୍ରଭାବ ରହିଯାଇ ରାଜଗୁରୁଙ୍କୁ ଟିକିଏ କମ୍ ଗୁରୁତ୍ୱ ଦେଲେ।

ପାଇକ ହେଉଛି ଏକ ଭାବନା। ଏକ ନିଆରା ଭାବପ୍ରବଣତା। ଓଡ଼ିଆ ଅସ୍ମିତା, ଓଡ଼ିଆ ବୀରତ୍ୱର ଏକ ଅଭିନବ ଧାରା। ଆମେ କ'ଣ ପାଇକମାନଙ୍କର ସେହି ପାରମ୍ପରିକ ସାମରିକ କୌଶଳକୁ ଆଧୁନିକ ବଜାରକୁ ନେଇପାରନ୍ତେ ନାହିଁ କି? ଚାଇନାର କରାଟେ ଆଜି ସାରା ବିଶ୍ୱରେ ପ୍ରସିଦ୍ଧ। ଚାଇନାର ସେହି କରାଟେଠାରୁ ପାଇକଆଖଡା ବେଶି ସମୃଦ୍ଧ, ବେଶି କୌଶଳଯୁକ୍ତ। ଆମେ କ'ଣ ପାଇକ କରିଡରର ଯୋଜନା କରିପାରନ୍ତେ ନାହିଁ, ଯେଉଁଥିରେ ଆମର ପିଲାମାନେ ଶାରୀରିକ ତାଲିମ ପାଆନ୍ତେ, ଯାହା ପରବର୍ତ୍ତୀ ସମୟରେ ଦେଶର ସୈନ୍ୟବାହିନୀରେ ଓଡ଼ିଶାର ପ୍ରତିନିଧିତ୍ୱକୁ ବଢାନ୍ତା। ବିଜୁ ବାବୁଙ୍କର ଦାବିଥିଲା ଏକ କଳିଙ୍ଗ ରେଜିମେଣ୍ଟର। ଯେମିତି ଶିଖ୍ ରେଜିମେଣ୍ଟ ହେଉଛି ପଞ୍ଜାବର ପରିଚୟ ସେମିତି କଳିଙ୍ଗ ରେଜିମେଣ୍ଟ ଭିତରେ ରହିପାରନ୍ତା ଓଡ଼ିଆମାନଙ୍କର ଅସ୍ମିତା।

ପାଇକ ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣାରେ ଯେଉଁ କେତୋଟି ଘଟଣାବଳୀ ଆମର ପ୍ରତିବନ୍ଧକ ସେଥିରୁ ଭେଲୋର ସଂଗ୍ରାମ, ତାମିଲନାଡୁରେ ୧୮୦୨ରେ ହୋଇଥିବା ଥୁଥୁକୋଡି ଲଢ଼େଇ ହେଉଛି ପ୍ରମୁଖ। ହେଲେ ସେହି ଦୁଇଟି ଯାକ ଲଢେଇ ପାଇକ ସଂଗ୍ରାମ ତୁଳନାରେ କ୍ଷୁଦ୍ର ଓ ସାଧାରଣ ଜନତାଙ୍କର ଲଢେଇ ନ ଥିଲା। ଭେଲୋର ସଂଗ୍ରାମର ଅବଧି ମାତ୍ର ଗୋଟିଏ ଦିନର। ତେଣୁ ପାଇକ ସଂଗ୍ରାମ ହିଁ ହେଉଛି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏହା ଦିନେ ନା ଦିନେ ଦେଶ ସ୍ୱୀକାର କରିବ। ଦେଶମାତୃକାର ସୁରକ୍ଷା ପାଇଁ ପାଇକମାନଙ୍କର ତ୍ୟାଗ, ତିତିକ୍ଷା, ବିରତ୍ୱକୁ ଏ ଦେଶ କେବେବି ଭୁଲି ପାରିବ ନାହିଁ। ସତ କେବେ ଲୁଚି ରହି ନାହିଁ କି ସତକୁ ଯେତେ ଦବାଇଲେ ବି ଲୋକମାନେ ସବୁବେଳେ ସତକୁ ହିଁ ବିଶ୍ୱାସ କରନ୍ତି। ଉଦାହରଣ ସ୍ୱରୂପ ନେତାଜୀ ସୁଭାଷ ବୋଷଙ୍କର ମୃତ୍ୟୁ ବିମାନ ଦୁର୍ଘଟଣାରେ ହୋଇଛି ବୋଲି ବ୍ରିଟେନ ସରକାର ଘୋଷଣା କରିଲେ। ପରେ ଭାରତ ସରକାର ବି ଏହାକୁ ସ୍ୱୀକାର କରିଲେ। ହେଲେ ଲୋକମାନେ ଏହାକୁ ବିଶ୍ୱାସ କରୁଛନ୍ତିକି? ଆଜିବି ଲୋକଙ୍କର ବିଶ୍ୱାସ ଯେ ନେତାଜୀଙ୍କର ମୃତ୍ୟୁ ସେହି ବିମାନ ଦୁର୍ଘଟଣାରେ ହୋଇ ନ ଥିଲା ବୋଲି। ତେଣୁ ସବୁ ପ୍ରସଙ୍ଗରେ ମାନ୍ୟତା, ସରକାରଙ୍କ ସ୍ୱୀକାରୋକ୍ତି ପୂର୍ବରୁ ଆମେ ଆମର ଦାବିକୁ ଠିକ ଢଙ୍ଗରେ ଉପସ୍ଥାପିତ କରିବା ବହୁତ ପ୍ରାସଙ୍ଗିକ। ବୋଧହୁଏ ସେହିଥିରେ ଆମେ ପଛରେ ପଡ଼ିଯାଉଛେ। ରସଗୋଲାକୁ ନେଇ ଯେତେବେଳେ ଓଡ଼ିଶା-ବଙ୍ଗ ଟଣାଓଟରା ଚାଲିଲା ସେତେବେଳେ ବଙ୍ଗଳା ଭାଷାରେ ଏକ ସୁପର ହିଟ୍ ଚଳଚ୍ଚିତ୍ର ବଙ୍ଗଳାରେ ମୁକ୍ତିଲାଭ କରିଲା ରସଗୋଲାର ଉଦ୍ଭାବନକୁ ନେଇ। ଆଉ ସେମାନେ ନେଇଗଲେ ଭୌଗୋଳିକ ମାନ୍ୟତା। ଅବଶ୍ୟ ଆମେ ପରେ ଓଡ଼ିଆ ରସଗୋଲାକୁ ନେଇ ପାଇଲେ, କିନ୍ତୁ କେଉଁଠି ନା କେଉଁଠି ଆମେ ପଛରେ ରହିଗଲେ। ମହାନଦୀ, କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗରେ ଆମେ ଆମର ଅଧିକାର ହରାଉଛେ ଏହାର କାରଣ ହେଉଛି ଆମେ ସବୁବେଳେ ସ୍ୱଳ୍ପକାଳୀନ ରାଜନୈତିକ ଉନ୍ମାଦନାରେ ବାନ୍ଧିହୋଇ ରହିବା ପାଇଁ ଚାହୁଁଛେ। ଆମେ ଲମ୍ବା ଓ ପ୍ରଭାବୀଶୈଳୀରେ ଆମର ଦାବିକୁ ଆଗେଇ ନେଇପାରୁନେ।

ହରିରାଜପୁର, ପୁରୀ
ମୋ– ୮୨୪୯୮୬୮୯୬୧

### ଏଇ ଭାରତରେ

ଗୋଟିଏ କି ଦୁଇଟି ପ୍ରକାର ଧାନ ନୁହେଁ, ୬୫୦ ପ୍ରକାର ଧାନ ଚାଷ କରୁଛନ୍ତି କେରଳର ସତ୍ୟନାରାୟଣନ ବେଲେରି। କସାରଗଡର ନେଡିନେଗେ ଗାଁ ନିବାସୀ ସତ୍ୟନାରାୟଣନ ଅଭିନବ ପଦ୍ଧତିରେ କମ୍ ଜମିରେ ତାର୍‌ପୋଲିନ ଓ ଗ୍ରୋ ବ୍ୟାଗ୍ ବ୍ୟବହାର କରି ଧାନଚାଷ କରୁଛନ୍ତି। ତାର୍‌ପୋଲିନରେ ପାଣି ଜମାକରି ତା'ଉପରେ ଗ୍ରୋ ବ୍ୟାଗ ରଖି ଏହି ଚାଷ କରାଯାଉଛି। ସେ କେରଳ, କର୍ଣ୍ଣାଟକ, ଆସାମ , ମଣିପୁରରୁ ଧାନ ବିହନ ସଂଗ୍ରହ କରୁଛନ୍ତି। ଏପରିକି ଫିଲିପାଇନ୍ସ ଏବଂ ଜାପାନରୁ ମଧ ବିହନ ମଗାଉଛନ୍ତି। ୧୫ ବର୍ଷ ତଳୁ ସେ ଧାନ ବିହନ ସଂଗ୍ରହ କରିବା ଆରମ୍ଭ କରିଥିଲେ। ଔଷଧୀୟ ଗୁଣରେ ଭରପୁର ବହୁ କିସମ ଧାନ ମଧ ତାଙ୍କ ପାଖରେ ଉପଲବ୍ଧ। କେବଳ ଏତିକି ନୁହେଁ,ସତ୍ୟନାରାୟଣନ ଧଳା, କଳା, ଲାଲ, ବାଇଗଣି ଓ ସବୁଜ ରଙ୍ଗ ଧାନ ଉତ୍ପାଦନ କରୁଛନ୍ତି। ପ୍ରତ୍ୟେକ ଗ୍ରୋ ବ୍ୟାଗ୍‌ରେ ୩୦୦ ଗ୍ରାମ୍ ଧାନ ଫଳୁଛି। ସେ ମଧ ବହୁ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଉଛନ୍ତି। ଧାନ ଚାଷ ପାଇଁ ତାଙ୍କୁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନିତ କରାଯାଇଛି।

### ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୭

- ବ୍ରାଜିଲର ଦକ୍ଷିଣ ପଶ୍ଚିମାଞ୍ଚଳରେ ପ୍ରବଳ ବର୍ଷା ଓ ଝଡ଼ ଯୋଗୁ ୭୧ ଜଣଙ୍କ ମୃତ୍ୟୁ।
- ଚୀନର ଦକ୍ଷିଣ ପଶ୍ଚିମାଞ୍ଚଳ ସିଚୁଆଁ ପ୍ରଦେଶ ତୁଅଦିଆଁ ନଦୀରେ ନୌକା ବୁଡ଼ି ୩୩ ମୃତ।
- ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କୁଲଦୀପ ସିଂଙ୍କୁ ପରିବେଶ ପୁରସ୍କାର ପ୍ରଦାନ।

# ମହାକାଶ ପର୍ଯ୍ୟଟନର ସମ୍ଭାବନା

ନଗେନ୍ଦ୍ର ନାଥ ପଟ୍ଟନାୟକ

ଏବେ ମହାକାଶ ପର୍ଯ୍ୟଟନ ବାସ୍ତବତାରେ ପରିଣତ ହୋଇଛି। ଅରବପତି ରିଚାର୍ଡ ବ୍ରାନ୍‌ସନ୍‌ଙ୍କ ଘରୋଇ କମ୍ପାନୀ ଭର୍ଜନ ଗେଲୋକ୍ଟିକ ମହାକାଶରେ ଯାତ୍ରା କରିବାର ସ୍ୱପ୍ନକୁ ସାକାର କରି ଦେଖାଇଛି। ବ୍ରାନ୍‌ସନ୍‌ଙ୍କ ବ୍ୟତୀତ ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ ମଧ୍ୟ ସଫଳତାର ସହ ମହାକାଶ ଯାତ୍ରାକରି ନିରାପଦରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ଅତଏବ ଏଣିକି ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ପୃଥିବୀ ଅତିକ୍ରମ କରି ମହାକାଶରେ ମାନବସମାଜ ଯାତ୍ରା କରିବ ବୋଲି ଆଶା ସଞ୍ଚାର ହେଲାଣି। ଉଲ୍ଲେଖଯୋଗ୍ୟ, ଏକବିଂଶ ଶତାବ୍ଦୀରେ ବିତଶାଳୀ ଦେଶଗୁଡ଼ିକରେ ଧନାଢ୍ୟ ଲୋକଙ୍କ ନୂତନ ବୃତ୍ତି ଏବେ ସ୍ପେସ୍ ଟୁରିଜମ୍ ବା ମହାକାଶ ପର୍ଯ୍ୟଟନ ପାଲଟି ଯାଇଥିବାବେଳେ ସମଗ୍ର ବିଶ୍ୱବାସୀ ଏବେ କୋଭିଡ୍-୧୯ ମହାମାରୀ ସହ ମୁକାବିଲା କରୁଛନ୍ତି। ଏହି ଅଦୃଶ୍ୟ ଭୂତାଣୁ ସଂକ୍ରମଣର ଶିକାର ହୋଇ ଲକ୍ଷ ଲକ୍ଷ ଲୋକ ଅକାଳରେ ଟଳିପଡ଼ିଛନ୍ତି। ତେବେ ଏକଥା ସତ୍ୟ ଯେ ବିଶ୍ୱ ସମୁଦାୟରେ ଜନସଂଖ୍ୟାର ୨୨ପ୍ରତିଶତ ଲୋକଙ୍କୁ ଖାଇବାକୁ ମୁଠେ ଦାନା ନାହିଁ, ମୁଣ୍ଡ ଉପରେ ଚାଳ ନାହିଁ ଏବଂ ପିନ୍ଧିବାକୁ କନା ଖଣ୍ଡେ ବି ନାହିଁ। ମୁକୁଳା ଆକାଶ ତଳେ ଭୀଷଣ ଖରା, ପ୍ରବଳ ବର୍ଷା ଓ ହାଡ଼ଭଙ୍ଗା ଶୀତ ସହି ଜୀବନ ବିତଉଛନ୍ତି। ମାତ୍ର ମନୁଷ୍ୟର ଆକାଂକ୍ଷା ଓ ଲାଳସା ମହାକାଶଠୁ ଉତ୍ତୁଙ୍ଗ ଓ ବିରାଟ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ସେମାନେ ଏହି ଯାତ୍ରାକରି ଭରପୂର ମଜା ଉଠାଉଛନ୍ତି, ଯାହାକି ଏକଦା ଆମକୁ କଳ୍ପନା ତଥା ସ୍ୱପ୍ନରାଇଜ ପରି ଲାଗୁଥିଲା। ଯାହାକୁ ଆମେ ପରୀ କଥାରେ ଶୁଣି ଆମେ ଏଡେରୁ ଏଡୁଟିଏ ହୋଇଛେ।

ଟଙ୍କା ଖର୍ଚ୍ଚକରି ମହାକାଶରେ କିଛି ମୁହୂର୍ତ୍ତ ଯାତ୍ରା କରିବାର ରୋମାଞ୍ଚ ଏବେ ବିଶ୍ୱ ଭ୍ରମଣଠାରୁ କାହିଁ କେତେଗୁଣା ଅଧିକ ଅନୁଭବ କରିହୁଏ। ଏହା ଏମିତି ଏକ ରୋମାଞ୍ଚଭରା ଯାତ୍ରା ଯାହା ପହିଲେ ରେଳଗାଡ଼ିରେ ବସିଲା ବେଳେ ଆମେ ଅନୁଭବ କରୁ। ବିଗତ ୫୧ ବର୍ଷ ଭିତରେ ବୈଜ୍ଞାନିକ କାରଣ ଓ ମନୁଷ୍ୟର ପୃଥିବୀ ଉପରେ ଅନ୍ୱେଷଣର ଅଦମ୍ୟ ଇଚ୍ଛା ହେତୁ ମହାକାଶ ଯାତ୍ରୀ ସୁଦୂର ମହାକାଶରେ ଭ୍ରମଣ କରୁଛନ୍ତି। ହଜାର ହଜାର ବର୍ଷର ସୌନ୍ଦର୍ଯ୍ୟ ତଥା ଶୀତଳତାର ପ୍ରତୀକ ଚନ୍ଦ୍ରପୃଷ୍ଠରେ ଅଧ ଶତାବ୍ଦୀ ଆଗରୁ ନିଲ୍ ଆର୍ମଷ୍ଟ୍ରଙ୍ଗ ଅବତରଣ କରିଥିଲେ ଏବଂ ସେତେବେଳେ ମନୁଷ୍ୟର ପାଦ ପ୍ରଥମଥର ଲାଗି ପଡ଼ିଥିଲା। ଏଥିସହିତ ବିଶାଳ ବ୍ରହ୍ମାଣ୍ଡକୁ ସଶରୀରେ ପଦାଚାରଣ କରିବାର ବିରାଟ ସ୍ୱପ୍ନ ସାକାର ହେଲା ଭଳି ଲାଗିଥିଲା, ଯାହା ଏବେ ବ୍ୟବସାୟିକ ରୂପ ଧାରଣ କରିଛି। ଏହି ଦୃଷ୍ଟିରୁ ବିଶ୍ୱର ତଥାକଥିତ ଧନାଢ଼୍ୟ ମହାକାଶ ପର୍ଯ୍ୟଟକ କମ୍ପାନୀ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ସର୍ବପ୍ରଥମେ ଅରବପତି ବ୍ୟବସାୟୀ ସାର୍ ରିଚାର୍ଡ ବ୍ରେନ୍‌ସନଙ୍କ ଭର୍ଜିନ ଗେଲୋକ୍ଟିକ ସାମିଲ ହୋଇ ଅନ୍ତରୀକ୍ଷରେ ଇତିହାସ ସୃଷ୍ଟି କରିସାରିଛି। ମହାକାଶକୁ ପର୍ଯ୍ୟଟନ ନିମନ୍ତେ ବ୍ୟବହାର କରିବାକୁ ପ୍ରଥମେ ଘୋର ବିରୋଧ କରୁଥିବା ନାସା ଏବେ ଏଭଳି ଏକ ଘରୋଇ ଉଡ଼ାଣକୁ ଦୃଢ଼ ସମର୍ଥନ କରୁଛି। ବହୁ ପୁରାତନ କାଳରୁ ମହାକାଶରେ ଯାତ୍ରା କରିବାକୁ ମନୁଷ୍ୟ ମହତ ଅଭିଳାଷ ପୋଷଣ କରିଥିଲା। ଆମେରିକା ସ୍ଥିତ ସ୍ପେସ୍ ଏଜେନ୍‌ସି ନାସା ଦୀର୍ଘ ସମୟ ଧରି ମହାକାଶ ପର୍ଯ୍ୟଟକଙ୍କୁ ଆତିଥେୟତା ପ୍ରଦାନ କରିବାରେ ସଂକୋଚ କରୁଥିଲା। ସେଥିପାଇଁ ରୁଷିଆ ୧୯୯୦ ଓ ୨୦୦୦ ଦଶକରେ ଶୀତଳ ଯୁଦ୍ଧର ପରବର୍ତ୍ତୀ ସମୟରେ ଧନ ଉତ୍ସର ଅନ୍ୱେଷଣରେ କେତେକ ଧନିକ ଲୋକଙ୍କୁ ପଇସା ବଦଳରେ ମହାକାଶରେ ଯାତ୍ରା କରାଇଥିଲା।

ଦୁଇ ଅତି ଧନୀଙ୍କ ମହାକାଶ ଯାତ୍ରା ସଫଳ ହେବା ପରେ ଏବେ ମହାକାଶ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ହେବାର ସମ୍ଭାବନା ବେଶ୍ ଉଜ୍ଜ୍ୱଳ ଜଣାପଡୁଛି। ଅନ୍ତରୀକ୍ଷରେ ଯାତ୍ରା କରିବାର ଗୌରବ ହାସଲ କରିବା ଲାଗି ରୋମାଞ୍ଚିତ ଅରବପତି ଲକ୍ଷଲକ୍ଷ ଡଲାର ଖର୍ଚ୍ଚ କରିବାରେ ଦ୍ୱିଧା ପ୍ରକାଶ କରନ୍ତି ନାହିଁ। ଧନିକଙ୍କ ପାଇଁ ଏହା ଏକ ବୈଶ୍ୱିକ ଷ୍ଟାଟସ ସିମ୍ବଲ ହାସଲ କରିବା ଭଳି।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ସ୍ପେସ୍ ଟୁରିଜମ ବା ମହାକାଶ ପର୍ଯ୍ୟଟନ ଅରବପତିମାନଙ୍କର ପେସା ଅଥବା ସେମାନଙ୍କ ବିରାଟ ବ୍ୟବସାୟ ବନିଯିବ କି ? ତେବେ ସେ ଯାହାହେଉ ଏଥିରେ ଲେଶ୍‌ମାତ୍ର ସନ୍ଦେହ ନାହିଁ ଯେ ଆଗକୁ ଅନ୍ତରୀକ୍ଷ ଦୃଶ୍ୟପଟ ନିଶ୍ଚିତ ରୂପେ ବଦଳିଯିବ। ଘରୋଇ ସ୍ପେସ୍ କମ୍ପାନୀଙ୍କ ଅଭ୍ୟୁଦୟରେ ଧଡ଼ୀ ଲୋକଙ୍କୁ ଅନ୍ତରୀକ୍ଷ ଯାତ୍ରାର ଆନନ୍ଦ ଅନୁଭବ କରାଇବା ବେଶ୍ ସହଜ ମନେହୁଏ। ତେବେ ସ୍ପେସ୍ ଟୁରିଜମ୍‌କୁ ନେଇ ତୀବ୍ର ମତଭେଦ ସୃଷ୍ଟି ହୋଇଛି। ପରିବେଶବିତ୍ ଓ ମହାକାଶ ବିଜ୍ଞାନୀଙ୍କ କହିବା କଥା ହେଲା, ଅରବପତିମାନେ ସ୍ପେସ୍ କମ୍ପାନୀ ବିଜ୍ଞାନକୁ ଆଗେଇ ନେବାରେ ମାନବଜାତିର ସୀମାକୁ ବିସ୍ତାର ତଥା ସେମାନଙ୍କ କଲ୍ୟାଣ କରିବା ଲାଗି ଧନ ବ୍ୟୟ କରନ୍ତି ନାହିଁ। ବରଂ ନିଜ ଧନକୁ ଏଭଳି ଭାବରେ ଖର୍ଚ୍ଚ କରନ୍ତି ଯାହା ଅନ୍ତରୀକ୍ଷରେ ମଧ୍ୟ ଜଳବାୟୁକୁ ନଷ୍ଟ କରିଦିଅନ୍ତି। କମ୍ପାନୀଗୁଡ଼ିକ ଜଳବାୟୁ ପରିବର୍ତ୍ତନର ବାସ୍ତବ ସମସ୍ୟାକୁ ନଜରଅନ୍ଦାଜ କରିଥାନ୍ତି। ଅନ୍ତରୀକ୍ଷ ଟୁରିଜମର ଉଦ୍ଦେଶ୍ୟ-ଅମିରମାନଙ୍କୁ ମୋହିତ କରି ଅର୍ଥରାଶି ଉପାର୍ଜନ କରିବା। ଏପର୍ଯ୍ୟନ୍ତ ଆମର ଜ୍ଞାନମଣ୍ଡଳରେ କେବଳ ଧରିତ୍ରୀ କୋଳରେ ହିଁ ମଣିଷ ଜୀବନ ଜିଇପାରିବ। ଆଜିକାଲି ଆମେ ସୁବିଧାଜନକ ତଥା ସୁରକ୍ଷିତ ଜୀବନ ଜିଇବାର ବୈଷୟିକ କଳାକୌଶଳ ହାସଲ କରିଛେ। ପରନ୍ତୁ ପରିବର୍ତ୍ତିତ ସାମାଜିକ ଓ ପାରିପାର୍ଶ୍ୱିକ ସ୍ଥିତିରେ ବିଶ୍ୱ ଉତ୍‌ଥାନ ପତନ ଦେଇ ଗତିକରୁଛି। ମହାକାଶ ଯାତ୍ରା ମନୁଷ୍ୟର ସପନକୁ ସାକାର କରିପାରେ ସିନା ହେଲେ ମାନବଜାତି ଜଳବାୟୁ ପରିବର୍ତ୍ତନ,ଜୈବ ବିବିଧତାର ବିନାଶ, ପରମାଣୁ ଯୁଦ୍ଧର ଆଶଙ୍କା ଘେରରେ ରହିଛି। ଆଶଙ୍କା କରାଯାଉଛି ମହାକାଶ ଯାତ୍ରା ସରକାରୀ ନିୟନ୍ତ୍ରଣରୁ ଧୀରେ ଧୀରେ ଅପସରିଯିବ ଏବଂ ଘରୋଇ କମ୍ପାନୀଗୁଡ଼ିକ ସକ୍ରିୟ ହୋଇଯିବେ। ଆଉ ନାସାକୁ ନିଜ କମ୍ପାନୀ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ।

ମୋ: ୯୪୩୮୩୩୨୧୩୮

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 8 | | 5 | | | |
| | | | 9 | 1 | | | 2 | |
| 1 | | | | | | 8 | 7 | |
| | 7 | | | 5 | | | | |
| | 2 | | | | | | | |
| 8 | 3 | 5 | | 2 | | | | |
| | | | 4 | | | 6 | | 2 |
| | | 3 | | | | 1 | 8 | |
| | | | | | 6 | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 3 | 6 | 8 | 2 | 1 | 9 |
| 6 | 1 | 8 | 4 | 2 | 9 | 3 | 5 | 7 |
| 9 | 3 | 2 | 7 | 5 | 1 | 8 | 6 | 4 |
| 7 | 2 | 5 | 6 | 8 | 3 | 4 | 9 | 1 |
| 3 | 8 | 1 | 9 | 7 | 4 | 5 | 2 | 6 |
| 4 | 9 | 6 | 5 | 1 | 2 | 7 | 3 | 8 |
| 8 | 6 | 9 | 2 | 3 | 7 | 1 | 4 | 5 |
| 1 | 5 | 3 | 8 | 4 | 6 | 9 | 7 | 2 |
| 2 | 4 | 7 | 1 | 9 | 5 | 6 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନୀତିର ପୁନର୍ବିଚାର ହେଉ

ମହାଶୟ,

ପ୍ରଧାନମନ୍ତ୍ରୀ ନଗଦରାଶି କାରବାର ବଦଳରେ ଅଣନଗଦ ବା କ୍ୟାଶଲେସ୍ କାରବାରକୁ ଉତ୍ସାହିତ କରୁଥିବା ବେଳେ ଆମ ଦେଶର ବ୍ୟାଙ୍କ ଶିଳ୍ପ ଭାରତୀୟ ରିଜର୍ଭ ବ୍ୟାଙ୍କ ( ଆର୍‌ବିଆଇ) ପ୍ରଣୀତ ନିୟମାନୁସାରେ ଜାନୁୟାରୀ ପହିଲାରୁ ଗ୍ରାହକମାନେ ନଗଦ ବିତରକ ଯନ୍ତ୍ର (ଏଟିଏମ୍) କାରବାରରେ ନିର୍ଦ୍ଦିଷ୍ଟ ସୀମାରେ କାରବାର କରିବେ। ଅନ୍ୟଥା ସେମାନଙ୍କୁ ପ୍ରତିଟି ଅତିରିକ୍ତ କାରବାର ପାଇଁ ୨୧ ଟଙ୍କା ଏବଂ ସେବାକର ସହିତ ଶୁଳ୍କ ଦେବାକୁ ପଡ଼ିବ। ନୂତନ ବ୍ୟବସ୍ଥାରେ ନିଜ ଖାତା ଥିବା ବ୍ୟାଙ୍କ ଏଟିଏମ୍‌ରେ ସର୍ବାଧିକ ମାସିକ ପାଞ୍ଚଥର ନିଃଶୁଳ୍କ ସେବା ଉପଲବ୍ଧ ଥିବାବେଳେ ଖାତା ନ ଥିବା ବ୍ୟାଙ୍କର ଏଟିଏମ୍‌କୁ ସର୍ବାଧିକ ମାସିକ ତିନିଥର ନିଃଶୁଳ୍କ ବ୍ୟବହାର କରାଯାଇପାରିବ। ଏତାଦୃଶ ବ୍ୟବହାର ସଂଖ୍ୟାରେ କଟକଣା ଲୋକମାନଙ୍କୁ ଅଧିକ ସଂଖ୍ୟାରେ ବାରମ୍ବାର ବ୍ୟାଙ୍କ ଶାଖାକୁ ଯିବା ଲାଗି ବାଧ୍ୟ କରିବ। ଆର୍‌ବିଆଇ ଏହି ନୀତିର ପୁନର୍ବିଚାର କରିବା ଆବଶ୍ୟକ।

–ବନ୍ଦିତା ମହାନ୍ତି, ବାଲୁଅ, ରାମକୃଷ୍ଣପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଜମିଦାର ପିଆଦାକୁ
ଆଠଣା ଦେଇଛି କାଲି
ଏ ବରଷ ଖଜଣା
ସତରିବ ମାସେ ଖାଲି!
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜାନୁୟାରୀ ୮/୨୦୨୨ Sambalpur, Saturday, January 8/ 2022





କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ସତ୍ୟପ୍ରକାଶ ନନ୍ଦଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ପ୍ରଭାତ କୁମାର ବକ୍ସିଙ୍କୁ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରୁଛନ୍ତି।

# ଇଂଲଣ୍ଡର ସଂଘର୍ଷ ଜାରି

**ସିଡ୍‌ନୀ,୭।୧**

ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଭ୍ରମଣକାରୀ ଇଂଲଣ୍ଡ ଜନି ବେୟାରଷ୍ଟୋଙ୍କ ଅପରାଜିତ ଶତକ ସହାୟତାରେ ପ୍ରତ୍ୟାବର୍ତ୍ତନ କରିବା ପାଇ ସଂଘର୍ଷ ଜାରି ରଖିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୮ ଉଇକେଟ ହରାଇ ୪୧୬ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୭ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ୩ ଉଇକେଟ ହାତରେ ଥାଇ ଇଂଲଣ୍ଡ ଏବେ ୧୫୮ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଜନି ବେୟାରଷ୍ଟୋ ୧୦୩ ଓ ଜ୍ୟାକ ଲିଚ୍ ୪ ରନ କରି ଅପରାଜିତ ରହିଛନ୍ତି। ବେୟାରଷ୍ଟୋ ୧୪୦ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ମାରିଥିଲେ। ଏହି ସିରିଜରେ ୭ଟି ଇନିଂସ ମଧ୍ୟରୁ ଇଂଲଣ୍ଡ ତରଫରୁ ବେୟାରଷ୍ଟୋ ପ୍ରଥମ ଶତକ ହାସଲ କରିଛନ୍ତି। ସେ କ୍ୟାରିୟରର ସପ୍ତମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି।



ଶତକ ହାସଲ ପରେ ଜନି ବେୟାରଷ୍ଟୋ।

ଓଭରନାଇଟ୍ ସ୍କୋର ୧୩/୦ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ୩୬ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ହାସିବ ହମିଦ ଓ ଜ୍ୟାକ କ୍ରଲି ଯଥାକ୍ରମେ ୬ ଓ ୧୮ ରନକରି ଆଉଟ ହୋଇଥିଲେ। ଅଧିନାୟକ ଜୋ ରୁଟ୍ ଖାତା ଖୋଲିବା ପୂର୍ବରୁ ଦ୍ୱିତୀୟ ସ୍ଲିପ୍‌ରେ ଷ୍ଟିଭ୍ ସ୍ମିଥଙ୍କୁ କ୍ୟାଚ୍ ଦେଇ ବୋଲାଣ୍ଡଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଦାଉିଦ ମଲନ ୩ ରନ କରିଥିଲେ। ଏହାପରେ ପଞ୍ଚମ ଉଇକେଟରେ ବେୟାରଷ୍ଟୋ ଓ ଷ୍ଟୋକ୍ସ ୧୨୮ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ଷ୍ଟୋକ୍ସ ୬୬ ରନ କରିଥିବା ବେଳେ ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟର ଜୋଶ ବଟଲର ବିନା ସ୍କୋରରେ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ଖ୍ୱାଜାଙ୍କୁ କ୍ୟାଚ୍ ଦେଇଥିଲେ। ମାର୍କ ଉଡ୍ ୪୧ ବଲରୁ ୨ ଚୌକା ଓ ୩ ଛକା ସହ ଦ୍ରୁତ ୩୯ ରନର ଇନିଂସ ଖେଳି ପଏଣ୍ଟରେ ଲିୟନଙ୍କୁ କ୍ୟାଚ୍ ଦେଇ କମିନ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ତରଫରୁ ବୋଲିଂରେ କମିନ୍ସ ଓ ବୋଲାଣ୍ଡ ୨ଟି ଲେଖାଏ, ଷ୍ଟାର୍କ, ଗ୍ରୀନ୍ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ୩ଟି ଟେଷ୍ଟ ଜିତି ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ହୋଇ ଆଗୁଆ ସିରିଜ ଜିତିବା ସହ ଆଶେସ ବଜାୟ ରଖିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୩୪ ଓଭରରେ ୪୧୬/୮ ଇନିଂସ ଘୋଷଣା। ଇଂଲଣ୍ଡ ପ୍ରଥମ ଇନିଂସ- ୭୦ ଓଭରରେ ୨୫୮/୭ (ବେୟାରଷ୍ଟୋ- ୧୦୩*, ଜ୍ୟାକ ଲିଚ୍- ୪*, ଷ୍ଟୋକ୍ସ- ୬୬, ଉଡ୍- ୩୯, କମିନ୍ସ- ୨/୬୮, ବୋଲାଣ୍ଡ- ୨/୨୫)।

# ଉତ୍କଳ ଓପନ ଟେନିସ ଆରମ୍ଭ

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ୮ମ ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ମାରିକ, ଉତ୍କଳ ବିଲ୍ଡର୍ସର ସିଇଓ ସୁଭାଷ ଭୁରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଟେନିସର ବିକାଶ ପାଇଁ ସମର୍ଥନ ଜଣାଇ ଆସୁଥିବା ସତ୍ୟପ୍ରକାଶ ନନ୍ଦ ଓ ପ୍ରଭାତ କୁମାର ବକ୍ସିଙ୍କୁ ଯଥାକ୍ରମେ ମୁଖ୍ୟ ଶାସନ ସଚିବ ଓ କ୍ରୀଡ଼ା ସଚିବ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରିଥିଲେ।

# ଟି୨୦ କ୍ରିକେଟରେ ନୂଆ ନିୟମ

**ଦୁବାଇ,୭।୧**

କ୍ରିକେଟର ଛୋଟ ଫର୍ମାଟ ଟି୨୦ରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୂଆ ନିୟମ ଲାଗୁ କରିଛି। ମନ୍ଥର ବୋଲିଂ କଲେ ଏଥର କଡ଼ା ଦଣ୍ଡ ମିଳିବ। ଟି୨୦ ମ୍ୟାଚ୍‌ରେ ଏବେ ଡ୍ରିଙ୍କ୍ସ ଅଣାଯାଇପାରିବ। ୨୦୨୨ ଜାନୁୟାରୀରେ ଏହି ନିୟମ ଲାଗୁ ହେବ। ନୂଆ ନିୟମ ଅନୁସାରେ ଯଦି କୌଣସି ଦଳ ଓଭର ରେଟ୍ ଅନୁସାରେ ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା ପଛରେ ପଡିଥିବ ତେବେ ବାକି ଥିବା ଓଭରଗୁଡିକରେ ୩୦ ୟାର୍ଡ ସର୍କଲ ବାହାରେ ଜଣେ ଫିଲ୍ଡରଙ୍କ ସଂଖ୍ୟା ହ୍ରାସ କରିବ। ଅର୍ଥାତ୍ ମନ୍ଥର ବୋଲି କଲେ ବାକି ଥିବା ଓଭରଗୁଡିକରେ ସମ୍ପୃକ୍ତ ଦଳକୁ ସର୍କଲ ବାହାରୁ ଜଣେ ଫିଲ୍ଡରଙ୍କୁ ହଟାଇ ୩୦ ୟାର୍ଡ ସର୍କଲ ଭିତରକୁ ଆଣିବାକୁ ହେବ। ନୂଆ ନିୟମ ଲାଗୁ ହେବା ପରେ ମଧ୍ୟ ମନ୍ଥର ବୋଲିଂ ପାଇଁ ପୁରୁଣା ଦଣ୍ଡବିଧି ନିୟମ ଜାରି ରହିବ। ମନ୍ଥର ବୋଲିଂ ପାଇଁ ପୂର୍ବରୁ ଖେଳାଳିମାନଙ୍କ ପାଉଣା ଜରିମାନା ଆକାରରେ କଟାଯାଉଥିଲା।

**ମନ୍ଥର ବୋଲିଂ କଲେ ସର୍କଲ ବାହାରୁ ଜଣେ ଫିଲ୍ଡର କମିବେ**

ଏଥିସହ ଅଧିନାୟକଙ୍କ ଉପରେ ଡିମେରିଟ୍ ପଏଣ୍ଟ ଲାଗୁ ହେଉଥିଲା। ଜାନୁୟାରୀ ୧୬ ତାରିଖରେ ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଟି୨୦ ମ୍ୟାଚ୍‌ରେ ଏହି ନୂଆ ନିୟମ ପ୍ରଥମଥର ପାଇଁ ଲାଗୁ ହେବ ବୋଲି ଶୁକ୍ରବାର ଆଇସିସି ତରଫରୁ ପ୍ରକାଶ କରାଯାଇଛି। ସେହିପରି ୧୮ ତାରିଖରେ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ମହିଳା ଟି୨୦ ମ୍ୟାଚ୍‌ରେ ମଧ୍ୟ ଏହି ନିୟମ ପ୍ରଥମଥର ପାଇଁ ଲାଗୁ ହେବ। ନିୟମ ଅନୁସାରେ ମ୍ୟାଚ୍‌ର ପ୍ରଥମ ୬ ଓଭର ପରେ ସର୍କଲ ବାହାରେ ୫ଜଣ ଖେଳାଳିଙ୍କୁ ଫିଲ୍ଡିଂ କରିବାକୁ ଅନୁମତି ଦିଆଯାଉଥିଲା। ଆଇସିସି କ୍ରିକେଟ କମିଟି ନୂଆ ନିୟମ ଲାଗୁ ନେଇ ସୁପାରିସ କରିଥିଲା। ଆଇସିସି ମଧ୍ୟ ଏନେଇ ତା'ର ମତ ରଖିଛି। ଓଭର ରେଟ୍‌ର ନିୟମ ପୂର୍ବରୁ ଲାଗୁ ହୋଇଛି। ଫିଲ୍ଡିଂ କରୁଥିବା ଦଳ ଯଦି ନିର୍ଦ୍ଧାରିତ ସମୟ ସୁଦ୍ଧା ଅନ୍ତିମ ଓଭର ପ୍ରଥମ ବଲ୍ ପକାଇ ନ ଥିବ ତା'ହେଲେ ବାକିଥିବା ଓଭରରେ ଦଳକୁ ସର୍କଲ ବାହାରୁ ଜଣେ ଫିଲ୍ଡରଙ୍କ ସଂଖ୍ୟା କମାଇବାକୁ ହେବ। ସେହିପରି ଡ୍ରିଙ୍କ୍ସ ଇଣ୍ଟରଭାଲ ଅଢେଇ ମିନିଟ ବିଶିଷ୍ଟ ହେବ ବୋଲି କୁହାଯାଇଛି।

# ରଣପୁର, ଛତ୍ରପୁର ହକି ଗ୍ରାସ୍‌ରୁଟ୍ ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟରେ ହକି ପ୍ରତିଭାଙ୍କୁ ବିକଶିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଟାଟା ହକିର ଉଦ୍ୟମ କ୍ରମେ ଶୁକ୍ରବାର ଦୁଇଟି ନୂଆ ଗ୍ରାସ୍‌ରୁଟ୍ ସେଣ୍ଟର ଗଞ୍ଜାମ ଓ ନୟାଗଡ଼ ଜିଲାରେ ଖୋଲାଯାଇଛି। ଉଦ୍‌ଘାଟନୀ ଉତ୍ସବ ଭର୍ଚୁଆଲ ଜରିଆରେ ହୋଇଥିଲା। ଏହି ଅବସରରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ପଦ୍ମଶ୍ରୀ ଦିଲୀପ ତିର୍କୀ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣା, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଓ ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରଣପୁରଠାରେ ଓଡ଼ିଶା ଟାଟା ହକି ଗ୍ରାସ୍‌ରୁଟ୍ ସେଣ୍ଟରକୁ ଦିଲୀପ ତିର୍କୀ ଏବଂ ଗଞ୍ଜାମର ଛତ୍ରପୁରଠାରେ ନିର୍ମିତ ଗ୍ରାସ୍‌ରୁଟ୍ ସେଣ୍ଟରକୁ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ,ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିର ଗ୍ରାସ୍‌ରୁଟ୍ କାର୍ଯ୍ୟକ୍ରମ ୨୦୧୯ ଡିସେମ୍ବର ୧ରେ ଶୁଭାରମ୍ଭ ହୋଇଥିଲା। ଓଡ଼ିଶା ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ଦ୍ୱାରା ଗତବର୍ଷ ସୁନ୍ଦରଗଡ଼ରେ ୮ଟି ଏବଂ ସମ୍ବଲପୁରରେ ଦୁଇଟି (୨୦୨୧ ଜାନୁୟାରୀ ୨୨ରେ) ବ୍ୟତୀତ ଦୁଇଟି ନୂଆ ଗ୍ରାସ୍‌ରୁଟ୍ ସେଣ୍ଟର ଢେଙ୍କାନାଳ ଓ ଦେଓଗଡ଼ରେ ଉଦ୍‌ଘାଟିତ ହୋଇଥିଲା।

**ଅକ୍ଷୟ ମଲ୍ଲିକ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

# ପ୍ରତାପ କ୍ଲବ ଚାମ୍ପିୟନ



ଚାମ୍ପିୟନ ଟ୍ରଫି ସହ ଅତିଥି ଓ ପ୍ରତାପ କ୍ଲବର ଖେଳାଳି ।

**ଟିଗିରିଆ, ୭ ।୧ (ଡି. ଏନ୍. ଏ.):** ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ୍‌ରେ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ୪ର୍ଥ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ାକୁ ପରାସ୍ତ କରି ପ୍ରତାପ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବର ୧୪ ନଂ. ଖେଳାଳି ବାପୁନି ବିନ୍ଧାଣି ଓ ଚାନ୍ଦ କ୍ଲବର ୧୩ ନଂ. ଖେଳାଳି ଟାଙ୍କୁ ଖାଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହା ପରଠାରୁ ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଟାଇବ୍ରେକର ଜରିଆରେ ମ୍ୟାଚ୍‌ର ଫଳାଫଳ ବାହାରିଥିଲା। ଏଥିରେ ପ୍ରତାପ କ୍ଲବ ୫-୪ ଗୋଲରେ ବିଜୟୀ ହୋଇଛି। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ କଟକ ସିଡିଏର ରାଜସ୍ୱ ନିରୀକ୍ଷକ ଗୁରୁଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସେନା କର୍ମଚାରୀ ବରୁଣ ରାଜ, ରଘୁନାଥ ଗୁରୁ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଚାନ୍ଦ କ୍ଲବର ନନ୍ଦୁ ଖାଁ ବିବେଚିତ ହୋଇଥିଲେ। ଅତିଥିମାନେ ପ୍ରତାପ କ୍ଲବକୁ ଚାମ୍ପିୟନ ଟ୍ରଫି ସହ ୩୦ ହଜାର ଓ ଚାନ୍ଦ କ୍ଲବକୁ ରନର୍ସଅପ୍ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ରେଫରି ଭାବେ ସଞ୍ଜୀବ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ।

# ପଞ୍ଚାନନ ଜେନା ମେମୋରିଆଲ ଟ୍ରଫି ୧୦ରୁ

**ଭୁବନେଶ୍ୱର,୭।୧(ସ୍ପୋର୍ଟ୍ସ ବ୍ୟୁରୋ)**



ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେବା ଅବସରରେ କର୍ମକର୍ତ୍ତାମାନେ।

ପଞ୍ଚାନନ ଜେନା ମେମୋରିଆଲ ଟ୍ରଷ୍ଟ ଓ ଫ୍ରେଣ୍ଡସ କ୍ରିକେଟ କ୍ଲବ କେଶୁରାର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖରୁ ଦ୍ୱିତୀୟ ପଞ୍ଚାନନ ଜେନା ମେମୋରିଆଲ କ୍ରିକେଟ ଟ୍ରଫି- ୨୦୨୨ ଆରମ୍ଭ ହେବ। ସ୍ୱର୍ଗତ ପଞ୍ଚାନନ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ କେଶୁରା ଗ୍ରାମ ଖେଳ ପଡିଆରେ ଆୟୋଜନ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଭୁବନେଶ୍ୱର ଓ କଟକର ବଛାବଛା ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ଟ୍ୱିନ ସିଟିର ଏମ୍‌ସିସି, ସୋଲାର କ୍ଲବ, ପାରାମାଉଣ୍ଟ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ, ରାମେଶ୍ୱର ସ୍ପୋର୍ଟିଂ, ସହିଦ ସ୍ପୋର୍ଟିଂ, ପ୍ରଗତି ସ୍ପୋର୍ଟିଂ ଓ ଜୁଭେନାଇଲ କ୍ଲବ ଏଥିରେ ଭାଗ ନେବେ। କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲକୁ ମିଶାଇ ଟୁର୍ନାମେଣ୍ଟରେ ମୋଟ ଉପରେ ୭ଟି ମ୍ୟାଚ୍ ଖେଳାଯିବ। ଚାମ୍ପିୟନ ଦଳକୁ ପୁରସ୍କାର ସ୍ୱରୂପ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ରନର୍ସଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଦିଆଯିବ। ମ୍ୟାଚ୍‌ଗୁଡିକ କେଶୁରା ଗ୍ରାମ ଖେଳ ପଡିଆରେ ଖେଳାଯିବ। ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ବିଜ୍ଞାନ ଓ କାରିଗର କୌଶଳ ତଥା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ସମ୍ମାନନୀୟ ଅତିଥି ରୂପେ ଯୋଗ ଦେବେ। ଆଗାମୀ ଦିନରେ ଏହି ଟୁର୍ନାମେଣ୍ଟ କେବଳ ଟ୍ୱିନସିଟିରେ ସୀମିତ ହୋଇ ରହିବ ନାହିଁ। ଏଥିରେ ବିଭିନ୍ନ ଜିଲାର ବଛା ବଛା ଦଳକୁନେଇ ଆଗକୁ ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ପଞ୍ଚାନନ ଜେନା ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା, ଉପାଧ୍ୟକ୍ଷ ପ୍ରମୋଦ କୁମାର ଜେନା, ଫ୍ରେଣ୍ଡସ କ୍ରିକେଟ କ୍ଲବର ସଭାପତି କୃତାର୍ଥ ପ୍ରଧାନ ଏ ନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ, ସହିଦ ସ୍ପୋର୍ଟିଂ ପୂର୍ବତନ କୋଚ୍ ରାଧେଶ୍ୟାମ ନାୟକ ଓ ପ୍ରସନ୍ନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସମେତ ୪ ପଦକ

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି):** ପୁଣେରେ ଅନୁଷ୍ଠିତ ୩୯ତମ ସିନିୟର ଓ ୨୩ତମ ଓପନ ସ୍ପ୍ରିଣ୍ଟ ଜାତୀୟ ରୋଇଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶା ରୋୟରଙ୍କ ମଧ୍ୟରେ ସୋନାଲି ସ୍ୱାଇଁ ଓ ରିତୁ କାଉଡି ମହିଳା ପେୟାର ବିଭାଗରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଓମେନ୍ସ ଫୋର୍‌ରେ ଝରଣା ହସ୍ତି, ଅସ୍ମିତା କେର୍କେଟା ଓ ମଞ୍ଜୁଲା ଖେସ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ମହିଳା ଡବଲ ସ୍କଲ୍‌ରେ ଦୀପିକା ଖେସ ଓ ରେଶମା ମିଞ୍ଜ ବ୍ରୋଞ୍ଜ ପଦକ ପାଇଛନ୍ତି।

# ଖୋ ଖୋ ଚାମ୍ପିୟନ ଦଳକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି)**



ସମ୍ବର୍ଦ୍ଧିତ ହେବା ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଖୋ ଦଳ।

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଦ୍ୱାରା ଚଳିତ ବର୍ଷ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ପୁରୁଷ ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ କ୍ରୀଡ଼ା ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଅଭୟ କୁମାର ନାୟକ, ବିତ୍ତୀୟ ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ସନ୍ତରଣରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ପ୍ରତ୍ୟାଶା ରାୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମଟି କ୍ରୀଡ଼ା ପରିଷଦର ବିଭାଗୀୟ ଅଧିକାରୀ ଶକ୍ତିରଞ୍ଜନ ସେନାପତି ଓ ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ସେମିରେ ରାଇଜିଂ ଷ୍ଟୁଡେଣ୍ଟ



କଟକର ତାରାକାନ୍ତ ସାମଲ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ନୂଆପଡ଼ା ଅଫିସ, ୭।୧:** ସ୍ଥାନୀୟ ମିନିଷ୍ଟାଡିୟମଠାରେ ୟୁଥ ମାସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୦ତମ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ ପୁଲ୍ ୨ର ଶୁକ୍ରବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପ୍ରୋଗ୍ରେସିଭ ଝାରସୁଗୁଡା ଦଳକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ କଟକ ସେମିରେ ପ୍ରବେଶ କରିଛି। ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ହରାଇ ୨୨୩ ରନ କରିଥିଲା। ଜବାବରେ ଝାରସୁଗୁଡା ୨୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନରେ ସୀମିତ ରହିଥିଲା। କୁଳିଆବନ୍ଧା ସମିତି ସଭ୍ୟ ତଥା ପୂର୍ବତନ କ୍ରୀଡାବିତ୍ ହୀରାଲାଲ ପଟେଲ କଟକର ତାରାକାନ୍ତ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବିଶ୍ୱମ୍ଭର ମହାକୁଡ ଓ ସଞ୍ଜୟ ନାଏକ ଖେଳ ପରିଚାଳନା କରିଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ତଥା ୱାଇଏମ୍‌ସି କନ୍‌ଭେନର ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ନୂଆପଡା ଉପଜିଲାପାଳ ତରଣୀସେନ ନାଏକ, ଆଇନଜୀବୀ ତଥା ବିଜେଡି ଉପସଭାପତି ସିତୁ ଅଶୋକ ବୋଧନକର, ନ୍ୟାଶନାଲ କଲେଜ ଅଧ୍ୟକ୍ଷା କବିତା ରଥ, ଭାଜପା ଜିଲା ଉପସଭାପତି ଦିଲୀପ ନିର୍ମଳକର, ବିଜେଡି ନେତା ପ୍ରମୋଦ ସାହୁ, ସାରାବଙ୍ଗ ସରପଞ୍ଚ ଭରତଲାଲ ରାଉତ, କ୍ରୀଡାବିତ୍ ପୁନିତ ରାମ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ, ସଭାପତି ପ୍ରକାଶ ସାହୁ, ବ୍ଲକ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ରିଣ୍ଟୁ ବରଗିଡ଼, ବରିଷ୍ଠ କ୍ରୀଡାବିତ ସୁରେଶ ସାହୁ, ଜିଲା କ୍ରିକେଟ ସଂଘ ଉପ ସଭାପତି ସଞ୍ଜୟ ପଟ୍ଟନାୟକ, ସହ ସମ୍ପାଦକ ସୁଧୀର ମିଶ୍ର, ଶ୍ରୀରାମ ମିଶ୍ର, ଜିତୁ ହୋତା, ଜାବେଦ ଖାନ, ଟିଙ୍କୁ ଖାନ ପ୍ରମୁଖ ସହଯୋଗ କରିଥିଲେ।

# ସେମିରେ ବୋପାନ୍ନା-ରାମକୁମାର

**ଆଡିଲେଡ, ୭।୧:** ଏଠାରେ ଚାଲିଥିବା ଆଡିଲେଡ ଇଣ୍ଟରନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟରେ ଭାରତର ରୋହନ ବୋପାନ୍ନା ଓ ରାମକୁମାର ରାମନାଥନ ପୁରୁଷ ଡବଲ୍ସ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ମହିଳା ଡବଲ୍ସରେ ଭାରତୀୟ ଅଭିଜ୍ଞ ଖେଳାଳି ସାନିଆ ମିର୍ଜା ଓ ତାଙ୍କ ୟୁକ୍ରେନ୍ ପାର୍ଟନର ନାଡିଆ କିଚେନୋକ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋପାନ୍ନା- ରାମକୁମାର ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ଓ ମୋନେଗାସ୍କେର ବେଞ୍ଜାମିନ ବୋଞ୍ଜି ଓ ହୁଗୋ ନିସ୍‌ଙ୍କୁ ୬-୧, ୬-୩ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ସାନିଆ ଓ ନାଡିଆ ସେମିଫାଇନାଲରେ ସ୍ଥାନୀୟ ଯୋଡି ଆଶଲେ ବାର୍ଟି ଓ ଷ୍ଟୋର୍ମ ସାଣ୍ଡର୍ସଙ୍କଠାରୁ ୧-୬, ୬-୨, ୮-୧୦ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ଏସ୍‌ଆର୍‌ଏମ୍, କାଲିକଟ ଚାମ୍ପିୟନ

**ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି)**

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ**

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଭଲିବଲ ଟୁର୍ନାମେଣ୍ଟରେ ଏସ୍‌ଆର୍‌ଏମ୍ ମହିଳା ଓ କାଲିକଟ ବିଶ୍ୱବିଦ୍ୟାଳୟ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ କେରଳର କାଲିକଟ ବିଶ୍ୱବିଦ୍ୟାଳୟ ୩-୧ (୨୧-୨୫, ୨୫-୧୮, ୨୫-୨୦, ୨୫-୨୨) ସେଟ୍‌ରେ ହରିୟାଣାର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଚେନ୍ନାଇର ଏସଆରଏମ୍ ବିଶ୍ୱବିଦ୍ୟାଳୟ ୩ୟ ଓ କର୍ନାଟକର ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ଅଧିକାର କରିଛି। ସେହିପରି ମହିଳା ବିଭାଗ ଫାଇନାଲରେ ଏସଆରଏମ୍ ବିଶ୍ୱବିଦ୍ୟାଳୟ ଶିମଲାର ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟକୁ ୩-୨(୨୫-୨୦, ୧୯-୨୫, ୨୫-୨୨, ୨୩-୨୫, ୧୫-୭) ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛି। କୋଟାୟାମର ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ତୃତୀୟ ଓ କର୍ନାଟକର ୟୁନିଭର୍ସିଟି ଅଫ୍ ମହୀଶୂର ୪ର୍ଥ ସ୍ଥାନରେ ରହିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳର ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।






ମହିଳା ବିଭାଗ ଚାମ୍ପିୟନ ଏସ୍‌ଆର୍‌ଏମ୍ ଓ ପୁରୁଷ ବିଭାଗରେ ଟାଇଟଲ ବିଜୟୀ କାଲିକଟ ବିଶ୍ୱବିଦ୍ୟାଳୟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୮/୨୦୨୨ (୮+୪=୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Sambalpur, Saturday, January 8/2022 | ପୃଷ୍ଠା-୧





**ୱେବ୍ ସିରିଜ୍‌ରେ ନଜର ଆସିବେ ମନିଷା**

ବହୁ ବର୍ଷ ପରେ ଅଭିନେତ୍ରୀ ମନିଷା କୋଇରାଲା ନିର୍ଦ୍ଦେଶକ ସଞ୍ଜୟ ଲିଲା ଭଂସାଲିଙ୍କ ଅପକମିଂ ୱେବ୍ ସିରିଜ 'ହିରା ମଣ୍ଡି'ରେ ନଜର ଆସିବେ। ୦୨

୦୪ **ଲୋକଙ୍କ ଜୀବନ ନେଉଛି ଓମିକ୍ରନ୍**

ଓମିକ୍ରନ୍ ଭାରିଆଣ୍ଟ ଲୋକଙ୍କ ଜୀବନ ନେଉଛି। ନୂଆ ଭାରିଆଣ୍ଟକୁ ସାମାନ୍ୟ ଭାବି ଅବହେଳା ନ କରିବା ଲାଗି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି।







# ବିକ୍ଷୋଭକାରୀଙ୍କୁ ଗୁଳି କର

## ସୈନ୍ୟଙ୍କୁ କାଜାଖସ୍ତାନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ

**ଆଲମାଟି,୭।୧**

ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧ କରି କାଜାଖସ୍ତାନରେ ଉତ୍ତେଜନା ସୃଷ୍ଟି ହୋଇଛି। ସରକାର ଏଲ୍‌ପିଜି ଦର ଦ୍ୱିଗୁଣିତ କରିବା ପରେ ସାଧାରଣ ଜନତା ଏହାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ସରକାରୀ ଅଫିସଗୁଡ଼ିକୁ ଧସେଇ ପଶି ଟାର୍ଗେଟ କରିଥିବାବେଳେ ସୁରକ୍ଷା ବାହିନୀ ବଳ ପ୍ରୟୋଗ କରିଛି। ପୋଲିସ-ଜନତା ଖଣ୍ଡଯୁଦ୍ଧରେ ଉଭୟ ପକ୍ଷର ଅନେକେ ମୃତାହତ ହେଲେଣି। ବିକ୍ଷୋଭକାରୀଙ୍କୁ ଗୁଳି ଚଳାଇବାକୁ ଶୁକ୍ରବାର କାଜାଖସ୍ତାନ ରାଷ୍ଟ୍ରପତି କାସ୍ୟାମ ଜୋମାର୍ଟ ତୋକାୟେଭ୍ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ବିଶୃଙ୍ଖଳା


କାସ୍ୟାମ ଜୋମାର୍ଟ ତୋକାୟେଭ୍

ସୃଷ୍ଟି ହେଲେ କୌଣସି ସୂଚନା ନ ଦେଇ ଗୁଳି ଚଳାଇବାକୁ ସେ ନିର୍ଦ୍ଦେଶ ଦେଇଥିବା ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ୨୦ ହଜାର ଦସ୍ୟୁ ଦେଶର ସର୍ବବୃହତ୍ ସହର ଆଲ୍‌ମାଟି ଉପରେ ଆକ୍ରମଣ କରିଛନ୍ତି ଓ ଉକ୍ତ ସହରକୁ ଧ୍ୱଂସ କରିଦେବାକୁ ପ୍ରତିଜ୍ଞା କରିଥିବା ରାଷ୍ଟ୍ରପତି କାସ୍ୟାମ କହିଛନ୍ତି। ସେ ବିକ୍ଷୋଭକାରୀମାନଙ୍କୁ ଦସ୍ୟୁ ଓ ଆତଙ୍କବାଦୀ ବୋଲି ଦର୍ଶାଇଛନ୍ତି। ଆତଙ୍କବାଦୀ ଦେଶର ସମ୍ପତ୍ତି ନଷ୍ଟ କରିବା ସହ ସାଧାରଣ ନାଗରିକଙ୍କ ବିରୋଧରେ ଅସ୍ତ୍ର ଉଠାଉଛନ୍ତି। ସେଥିପାଇଁ ସେମାନଙ୍କୁ ଗୁଳି କରିଦେବାକୁ ନିର୍ଦ୍ଦେଶ ଦେଇଥିବା ରାଷ୍ଟ୍ରପତି କହିଛନ୍ତି। ୨୬ ସଶସ୍ତ୍ର ଅପରାଧୀ ନିହତ ହେବା ସହ ଅନ୍ୟ ୧୮ ଜଣ ଆହତ ହୋଇଥିବା କାଜାଖସ୍ତାନ ଗୃହମନ୍ତ୍ରୀ ଏକ ବିବୃତିରେ କହିଛନ୍ତି। ୩,୦୦୦ ବିକ୍ଷୋଭକାରୀଙ୍କୁ ଗିରଫ କରାଗଲାଣି। ଦେଶରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ୭୦ ଚେକ୍‌ପଏଣ୍ଟରେ ସୁରକ୍ଷା ବଳ ୨୪ ଘଣ୍ଟା ଜଗି ରହିଛନ୍ତି। ବିକ୍ଷୋଭକାରୀଙ୍କ ଆକ୍ରମଣରେ ୧୮ ସୁରକ୍ଷା କର୍ମୀ ଆହତ ହୋଇଥିଲେ। ବିକ୍ଷୋଭକାରୀ ଜଣେ ସୁରକ୍ଷା କର୍ମୀଙ୍କ ମୁଣ୍ଡକାଟ କରିଥିଲେ। ତେବେ ସରକାରୀ ଭାବେ ଦର୍ଶାଯାଇଥିବା ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ଲୋକ ପ୍ରାଣ ହରାଇଥିବା ଜଣେ ସ୍ଥାନୀୟ ଖବରଦାତା କହିଛନ୍ତି। ସାରା ଦେଶରେ ଆତଙ୍କବାଦୀ ନିରୋଧୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

## ନିଶା ଇଞ୍ଜେକ୍ସନ ଦେଇ ନାବାଳିକାଙ୍କୁ ଗଣବଳାତ୍କାର

**ଭଦ୍ରକ ଅଫିସ, ୭।୧**

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ନିଶା ଇଞ୍ଜେକ୍ସନ ଦେଇ ଗଣବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଭଦ୍ରକର ଜଣେ ହୋଟେଲ ବୟଙ୍କ ସମେତ ୪ ଜଣଙ୍କୁ ଅଟକ ରଖିଛି।

ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଗତ ମାସ ୨୪ ତାରିଖରେ ଧାମନଗର ଥାନା ଛକରୁ ତାଙ୍କ ଝିଅକୁ ଅପହରଣ କରାଯାଇଥିଲା। ବହୁ ଖୋଜାଖୋଜି ପରେ ୩୧ ତାରିଖରେ ସେହି ଅଞ୍ଚଳର ଜଣେ ଯୁବକଙ୍କ ଘରୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏକ ଅଟୋରିକ୍ସାରେ ନାବାଳିକାଙ୍କୁ ଅପହରଣ କରାଯାଇ ଭଦ୍ରକର ଏକ ହୋଟେଲରେ ନିଶା ଇଞ୍ଜେକ୍ସନ ଦେଇ ଗଣବଳାତ୍କାର କରାଯାଇଥିବା ସେ ଜଣାଇଥିଲେ। ଗତ ୫ରେ ଧାମନଗର ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଉକ୍ତ ହୋଟେଲରେ ଚଢ଼ାଉ କରିଥିଲେ। ଶୁକ୍ରବାର ୪ ଯୁବକଙ୍କୁ ଉଠାଇ ଆଣି ଅଧିକ ତନାଘନା ଚଳାଇଛନ୍ତି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି।

# ଲକର କାଟି ୯ ଲକ୍ଷ ଚୋରି


ସାଇଣ୍ଟିଫିକ୍ ଟିମ୍ ବ୍ୟାଙ୍କ ଭିତରୁ ନମୁନା ସଂଗ୍ରହ କରୁଛି।

**ବାରମ୍ବାର ଚୋରି ସତ୍ତ୍ୱେ ବ୍ୟାଙ୍କରେ ହେଉନି ଜଗୁଆଳି ନିଯୁକ୍ତି**

**ବଇଣ୍ଡା,୭।୧(ଡି.ଏନ.ଏ.)**

ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ବଇଣ୍ଡା ଶାଖାରୁ ଗୁରୁବାର ରାତିରେ ହୋଇଛି ବଡ଼ଧରଣର ଚୋରି। ପଛପଟ ଝରକା ଭାଙ୍ଗି ଦୁର୍ବୃତ୍ତ ଭିତରେ ପଶିବା ସହ ଲକର କାଟି ୮ ଲକ୍ଷ ୯୧ ହଜାର ୧ ଟଙ୍କା ଚୋରି କରିଛନ୍ତି। ଶୁକ୍ରବାର ଏ ନେଇ ବ୍ୟାଙ୍କ ଆକାଉଣ୍ଟାଣ୍ଟ ଜିତାଂଶୁ ମିଶ୍ର ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଏହି ବ୍ୟାଙ୍କରୁ ବାରମ୍ବାର ଚୋରି, ଚୋରି ଉଦ୍ୟମ ହୋଇଥିଲେ ହେଁ ରାତ୍ରିଜଗୁଆଳି ନିଯୁକ୍ତ କରା ନ ଯିବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି।

ଅଭିଯୋଗ ଅନୁଯାୟୀ, କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ସଂଯୁକ୍ତ ସମବାୟ ବ୍ୟାଙ୍କ ଶାଖାରେ ଧାନ ଚାଷୀଙ୍କୁ ପଇଠ କରିବା ପାଇଁ ୮ ଲକ୍ଷ ୯୧ ହଜାର ୧ ଟଙ୍କା ଲକରରେ ରଖାଯାଇଥିଲା। ଗୁରୁବାର ରାତିରେ ଝରକା ଭାଙ୍ଗି ପଶିଥିବା ଦୁର୍ବୃତ୍ତ ଲକର କାଟି ସମସ୍ତ ଟଙ୍କା ଚୋରି କରିବା ସହ ୪ଟି କମ୍ପ୍ୟୁଟର ଓ ସିସିଟିଭି ହାର୍ଡଡିକ୍ସ ନେଇ ପଳାଇଛନ୍ତି। ଆକାଉଣ୍ଟାଣ୍ଟଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ନଂ. ୯/୨୨ରେ ମାମଲା ରୁଜୁ କରିଛି। ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଏସ୍‌ପି ପ୍ରଶ୍ନ ବିଶ୍ୱାଳ, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଇଆଇସି ପ୍ରଦୀପ ପ୍ରଧାନ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ ପଣ୍ଡା, ସାଇଣ୍ଟିଫିକ ଟିମ୍ ଅଫିସର ତପନ ପ୍ରଧାନ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଥିଲେ ହେଁ ଦୁର୍ବୃତ୍ତଙ୍କ ସନ୍ଧାନ ମିଳିପାରି ନାହିଁ। ଉକ୍ତ ବ୍ୟାଙ୍କରୁ ୨୦୦୯ରେ ୩ ଲକ୍ଷ ୫୬ ହଜାର ଟଙ୍କା ଚୋରି ହୋଇଥିଲା। ୨୦୧୨ରେ ଚୋରି ବେଳେ ୨ ଆନ୍ତଃରାଜ୍ୟ ଦୁର୍ବୃତ୍ତ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ୨୦୧୬ରେ ପୁଣି ଚୋରି ଉଦ୍ୟମ କରାଯାଇଥିଲା। ଏହାସତ୍ତ୍ୱେ କର୍ତ୍ତୃପକ୍ଷ ରାତ୍ରି ଜଗୁଆଳି ବ୍ୟବସ୍ଥା କରୁ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଶାଖା ପରିଚାଳକ ମନୋରଞ୍ଜନ ସିଂ କହିଛନ୍ତି, ଗୁରୁବାର କାରବାର ପରେ ସମସ୍ତ ଟଙ୍କା ଲକରରେ ରଖାଯାଇଥିଲା। ସକାଳେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ହଣ୍ଡପା ଆଇଆଇସି ପ୍ରଦୀପ ପ୍ରଧାନ କହିଛନ୍ତି, ଏକ ଦୋକାନ ବାହାରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇଛି। ରାତି ପ୍ରାୟ ୧୨ଟାରେ ଜଣେ ଦୁର୍ବୃତ୍ତ ଉକ୍ତ ଦୋକାନରୁ ଏକ କାଠ ନେଇ ବ୍ୟାଙ୍କ ଝରକା ଭାଙ୍ଗିବା ପାଇଁ ଚେଷ୍ଟା କରିଛନ୍ତି। ପରେ ଭିତରେ ପଶି ଟଙ୍କା ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି।

# ୩ ମହାନଗରର ସଂରକ୍ଷଣ ଚିଠା ବିଜ୍ଞପ୍ତି ପ୍ରକାଶିତ

**ପୌର ନିର୍ବାଚନ**

- ୧୦ଦିନ ମଧ୍ୟରେ ଆପତ୍ତି, ଅଭିଯୋଗ ଗ୍ରହଣ
- ୧୬ରେ ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମର ୬୭, କଟକର ୫୯ ଏବଂ ବ୍ରହ୍ମପୁର ମହାନଗର ନିଗମର ୪୨ଟି ୱାର୍ଡର ସୀମା ନିର୍ଦ୍ଧାରଣ ଓ ୫୦% ଆସନ ସଂରକ୍ଷଣ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଏ ନେଇ ଆପତ୍ତି ଅଭିଯୋଗର ଶୁଣାଣି କରାଯିବ। ଆସନ୍ତା ୧୬ ତାରିଖରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଭୁବନେଶ୍ୱର ମହାନଗର ନିଗମର ୩୮ଟି, କଟକର ୩୩ ଏବଂ ବ୍ରହ୍ମପୁର ମହାନଗର ନିଗମର ୨୩ ଆସନ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳାମାନଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ଭୁବନେଶ୍ୱର ମହାନଗର ନିଗମର ୩୪, ୧୩ ଓ ୨ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଥିବାବେଳେ ୩୬, ୧୮ ଏବଂ ୨୧ ନମ୍ବର ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ୨୨ ଓ ୨୬ ଅନୁସୂଚିତ ଜନଜାତି ମହିଳା, ୮ ନମ୍ବର ଅନୁସୂଚିତ ଜନଜାତି, ୪୧, ୩୫, ୪୦,୧୭, ୪୭, ୩୮, ୬୩, ୫୮, ୩୭,୧୧, ୬୨, ୧୫, ୪୮, ୫୩, ୯, ୩୯,୧୫, ୩, ୪୬, ୬୭, ୨୮,୧୯,୪୯, ୫, ୨୩,୧୨, ୩୩, ୬୬ ଏବଂ ୬୪ ନମ୍ବର ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

ସେହିପରି କଟକ ମହାନଗର ନିଗମର ୪୮, ୪୦, ୨୦ ଓ ୩୭ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ୬, ୧୬ ଓ ୩୦ ନମ୍ବର ଅନୁସୂଚିତ ଜାତି, ୪୯ ନମ୍ବର ଅନୁସୂଚିତ ଜନଜାତି ମହିଳା, ୩୪, ୪୧, ୧୮, ୧୫, ୧୨, ୨୮, ୧୯, ୪୨, ୩୩, ୫୫, ୧୧, ୫୬, ୫୭, ୪, ୨୪, ୩୬, ୫୯, ୧୦, ୬, ୫୨, ୫, ୩୧, ୯ ଏବଂ ୧୭ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି।

ବ୍ରହ୍ମପୁର ମହାନଗର ନିଗମର ୪୨ଟି ୱାର୍ଡରୁ ୨୩ଟିକୁ ସଂରକ୍ଷିତ ରଖାଯାଇଛି। ସେଥିରୁ ୧୯, ୨୩ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ୯, ୨୫ ଅନୁସୂଚିତ ଜାତି, ୧ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ସେହିପରି ୫, ୩୦, ୬, ୧୦, ୧୫, ୪, ୩୧, ୧୬, ୩୯, ୩, ୨୦, ୧୪, ୧୩, ୩୩, ୨୮, ୩୭, ୩୬ ଏବଂ ୩୮ ନମ୍ବର ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

# ଗଡ଼ିଲା ବାଲେଶ୍ୱର-ଭୁବନେଶ୍ୱର ମେମୁ ଟ୍ରେନ୍

## ନୀଳଗିରି, ବସ୍ତା, ଜଳେଶ୍ୱର ରେଳଷ୍ଟେଶନ ଆଧୁନିକୀକରଣ ଶିଳାନ୍ୟାସ

**ବାଲେଶ୍ୱର ଅଫିସ/ସଜନାଗଡ/ବସ୍ତା/ଜଳେଶ୍ୱର, ୭।୧(ଡି.ଏନ.ଏ.)**

ବାଲେଶ୍ୱରରୁ ଭୁବନେଶ୍ୱରକୁ ଗଡିଛି ମେମୁ ଟ୍ରେନ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଶୁଭାରମ୍ଭ କରିଛନ୍ତି। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବାଲେଶ୍ୱର ଜିଲା ଗସ୍ତରେ ଆସି ସ୍ଥାନୀୟ ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପତାକା ଦେଖାଇ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହାସହ ସେ ନୀଳଗିରି ରେଳଷ୍ଟେଶନର ଆଧୁନିକୀକରଣ ଶିଳାନ୍ୟାସ, ବସ୍ତା ରେଳଷ୍ଟେଶନର ଆଧୁନିକୀକରଣ ସହ ନୂତନ ଷ୍ଟେଶନ ଗୃହ ଓ ଜଳେଶ୍ୱରଠାରେ ନୂଆ ଷ୍ଟେଶନ ଗୃହର ଶିଳାନ୍ୟାସ କରିଛନ୍ତି।

ରେଳବାଇ ପକ୍ଷରୁ ବାଲେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀଙ୍କ ସହ କେନ୍ଦ୍ର ଆଦିବାସୀ ଉନ୍ନୟନ ଓ ଜଳଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସ୍ୱରୂପ କୁମାର ଦାସ, ମୟୂରଭଞ୍ଜ ଜିଲା ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇଥିଲେ। ବାଲେଶ୍ୱରରେ ରେଳବାଇ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଟୁଡୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସମସ୍ୟା ସମ୍ପର୍କରେ



ଭୁବନେଶ୍ୱର ମେମୁ ଟ୍ରେନ୍

**ମନେ ପକାଇଲେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'**

ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି କହିଥିଲେ।

ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ମେମୁ ଟ୍ରେନ ଚଳାଚଳ ଓ ନୀଳଗିରିରେ ନୂତନ ରେଳ ଷ୍ଟେଶନ ନିର୍ମାଣ ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଏହା ସମ୍ଭବ ହୋଇପାରିଛି ସେ କହିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାର ଥିବା ବିବିଧ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନରେ ରେଳମନ୍ତ୍ରୀ ନୀଳଗିରିର ଗୋପୀନାଥପୁର ରେଲୱେ ଷ୍ଟେଶନରେ ପହଞ୍ଚିଥିଲେ। ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଭାଜପାର ଏକ ପ୍ରତିନିଧି ଦଳ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ନୀଳଗିରି ମାଟି ଏକ ଗଡ଼ଜାତ ମାଟି, ଏଠାରୁ ହିଁ ଫକୀରମୋହନ ସେନାପତିଙ୍କ କାଳଜୟୀ ଗଳ୍ପ ଛ'ମାଣ ଆଠଗୁଣ୍ଠ ଆରମ୍ଭ ହୋଇଥିଲା ବୋଲି କହିଥିଲେ। ସେହିପରି ରେଳଲାଇନ୍ ତଳେ ବିଛାଇବା ପାଇଁ ପୂର୍ବରୁ ନୀଳଗିରିରେ ଥିବା ସ୍ଲିପର କାରଖାନାର ପୁନରୁଦ୍ଧାର ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା ଜାରି ରହିଥିବାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଡ଼େଇ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।

ନୀଳଗିରି ପରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବସ୍ତା ଷ୍ଟେଶନର ଆନୁଷଙ୍ଗିକ ବିକାଶ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ଏଠାକାର ନୂତନ ଷ୍ଟେଶନ ଭବନ ମଧ୍ୟରେ ସମସ୍ତ ଅତ୍ୟାଧୁନିକ ସେବା ମିଳିପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଦକ୍ଷିଣ ପୂର୍ବ ରେଳ ପଥ ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଜୋଷୀ, ଡିଭିଜନାଲ ମ୍ୟାନେଜର ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଳେଶ୍ୱରଠାରେ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ଯୋଗ ଦେଇ ନୂତନ ରେଳ ଷ୍ଟେଶନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାସହିତ ଆଗକୁ ପାର୍ସଲ କାର୍ଯ୍ୟାଳୟ, ଶୌଚାଳୟ, ବରିଷ୍ଠ ଓ ଦିବ୍ୟାଙ୍ଗଙ୍କ ଲାଗି ଲିଫ୍ଟ, ପାଦଚଲା ସେତୁ ସମ୍ପ୍ରସାରଣ, ପ୍ଲାଟଫର୍ମ ଉଚ୍ଚତା ବଢାଇବା, ପ୍ଲାଟଫର୍ମ ଛାଉଣୀ, ସିସିଟିଭି କ୍ୟାମେରା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ସମେତ ରେଳ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜଳେଶ୍ୱରର କେତେକ ସଙ୍ଗଠନ ପକ୍ଷରୁ ରେଳବାଇ ବିକାଶ ଲାଗି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ବୋହୂ ଆସିଲେ, ଶ୍ୱଶୁର ଘର ଛାଡ଼ିଲେ

## ପୁଣି ୧୫ଦିନ ଛୁଟିରେ ସୁମିତ

**ବ୍ରହ୍ମପୁର ଅଫିସ,୭।୧**

ଡାକ୍ତର ସୁମିତ ସାହୁ-ତପସ୍ୱିନୀ ଦାଶ ପାରିବାରିକ ବିବାଦ ନୂଆମୋଡ଼ ନେଇଛି। ଜିଲାଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ରାତିରେ ତପସ୍ୱିନୀ ବ୍ରହ୍ମନଗର ଦ୍ୱିତୀୟ ଲାଇନ୍‌ସ୍ଥିତ ଶାଶୁଘରେ ପ୍ରବେଶ କରିଥିଲେ। ଏହାର କିଛି ସମୟ ପରେ ଶ୍ୱଶୁର ପ୍ରମୋଦ ସାହୁ ଘର ଛାଡ଼ିଛନ୍ତି। ନିଜକୁ ଅସୁରକ୍ଷିତ ମନେ କରୁଥିବାରୁ ସେ ଘର ଛାଡ଼ିଥିବା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀମାନେ ତାଙ୍କ ଅନିଚ୍ଛା ସତ୍ତ୍ୱେ ତପସ୍ୱିନୀଙ୍କୁ ଘରେ ପ୍ରବେଶ କରାଇଛନ୍ତି ବୋଲି ପ୍ରମୋଦ କହିଛନ୍ତି।

ଶ୍ୱଶୁର ପ୍ରମୋଦ କହିଛନ୍ତି, କୋର୍ଟଙ୍କ ରାୟରେ କିଛି ଦ୍ୱନ୍ଦ୍ୱ ଥିଲା। ତାହାକୁ ଭଲଭାବେ ବୁଝାଶୁଝା ନ କରି ପ୍ରଶାସନିକ ଅଧିକାରୀମାନେ ତପସ୍ୱିନୀଙ୍କୁ ଘରେ ପୂରାଇଲେ। ଏ ଦିଗରେ ପୋଲିସକୁ ଅବଗତ କରିଛି। ଘର ତଦାରଖ କରି ସୁରକ୍ଷା ବ୍ୟବସ୍ଥା କରିବାକୁ ଜଣାଇଛି। ପୂର୍ବରୁ ବୋହୂ ମୋ' ନାମରେ ଏବଂ ପରିବାରବର୍ଗଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଥିଲେ। ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରିଥିଲେ। ତେଣୁ ଭୟଭୀତ ହୋଇ ରାତାରାତି ଘର ଛାଡ଼ି ଚାଲିଆସିଛି। ଯେ କୌଣସି ଜାଗାରେ ରହିବି ଓ ପରେ ଘରକୁ ଫେରିବି ବୋଲି ଶ୍ୱଶୁର ପ୍ରମୋଦ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି। ଅନ୍ୟପକ୍ଷରେ


ପ୍ରମୋଦ ସାହୁ

ଡା. ସୁମିତ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଶୁକ୍ରବାରଠାରୁ ଆଉ ୧୫ଦିନ ଛୁଟି ନେଇଥିବା ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ ଉନ୍ନୟନ ଅଧିକାରୀ ଏମ.ଭି.କେ. ଅଶୋକ ସୂଚନା ଦେଇଛନ୍ତି। ତାଙ୍କ ଓକିଲ ସୁରେନ୍ଦ୍ର ବେହେରା କହିଛନ୍ତି, ଗତ ୪ ତାରିଖରେ ଜିଲାଜଜ୍ ଯେଉଁ ରାୟ ଦେଇଥିଲେ ସେଥିରେ ସୁମିତ ମାସିକ ୧୭ହଜାର ଟଙ୍କା ଭରଣପୋଷଣ ବାବଦରେ ଦେବେ ବୋଲି ଉଲ୍ଲେଖ ରହିଥିଲା। ତପସ୍ୱିନୀ ଶାଶୁଘରେ ରହିବେ ବୋଲି କୌଣସି ନିର୍ଦ୍ଦେଶ ନ ଥିଲା। କିନ୍ତୁ ପ୍ରଶାସନିକ ଅଧିକାରୀମାନେ ଜୋରଜବରଦସ୍ତ ତପସ୍ୱିନୀଙ୍କୁ ଶାଶୁଘରେ ରଖିଛନ୍ତି। ପୂର୍ବରୁ ତପସ୍ୱିନୀ ମାମଲା ରୁଜୁ କରିଥିବାରୁ ଶ୍ୱଶୁର ନିଜକୁ ଅସୁରକ୍ଷିତ ମନେ କରି ଘର ଛାଡ଼ିଥିବା ଓକିଲ ବେହେରା କହିଛନ୍ତି।

## ସଂକ୍ଷେପରେ

### ୩ ମାସରେ ୨.୪ ଲକ୍ଷ ନିଯୁକ୍ତି ସୃଷ୍ଟି

**ଭୁବନେଶ୍ୱର,୭।୧:** କୋଭିଡ୍ ସମୟ ମଧ୍ୟରେ ବି ଦେଶର ଅର୍ଥନୈତିକ ସୁଧାର ଜାରି ରହିଥିବା ବେଳେ ମାତ୍ର ୯୦ ଦିନରେ ୫ ଲକ୍ଷରୁ ଅଧିକ ସାକ୍ଷାତକାର ସହିତ ପେସାଦାରମାନଙ୍କ ଲାଗି ଭୁବନେଶ୍ୱର ଭାରତର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ସହର ଭାବେ ଉଭା ହୋଇଛି ବୋଲି ଭାରତର ସର୍ବବୃହତ ପେସାଦାର ଓ ନିଯୁକ୍ତି ପ୍ଲାଟଫର୍ମ ଅପ୍‌ନା ଡଟ୍ କମ୍ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ବିଗତ ତିନି ମାସରେ ଏହି ସହରରେ ୨.୪ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ଏହି ପ୍ଲାଟ୍‌ଫର୍ମ ରେକର୍ଡ କରିଛି। ଭୁବନେଶ୍ୱର ହେଉଛି ପୂର୍ବ ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପେଣ୍ଠସ୍ଥଳ ଯେଉଁଠିରେ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେଉଛି।

### ବିକାଶରେ ସହଯୋଗ କରୁଛି ଏମ୍‌ଏଫ୍‌ଆଇଏନ

**ମୁମ୍ବାଇ,୭।୧:** ମାଇକ୍ରୋଫାଇନାନ୍ସ ଶିଳ୍ପ ଅର୍ଥ ଲଗାଣ କ୍ଷେତ୍ରରେ ରହୁଥିବା ତାରତମ୍ୟ ଦୂର କରିଆସୁଛି ଏବଂ ବନ୍ଧକମୁକ୍ତ ସହଜ ଋଣ ଯୋଗାଇଦେଇ ଅର୍ଥନୀତିର ସର୍ବନିମ୍ନ ସ୍ଥାନରେ ବାସ କରୁଥିବା ଲୋକଙ୍କ ନିକଟରେ ପହଞ୍ଚୁଛି। ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିଶେଷକରି ଗ୍ରାମାଞ୍ଚଳ ପରିବ୍ୟବସ୍ଥାରେ ଉନ୍ନତି ସହିତ ସ୍ଥିରତା ଆଣିବା କ୍ଷେତ୍ରରେ ଜଳାଭାବ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଥିବାବେଳେ ମାଇକ୍ରୋଫାଇନାନ୍ସ ଶିଳ୍ପ ୱାଶ (ଡବ୍ଲୁଏସଏଚ) ଋଣକୁ ଉତ୍ସାହିତ କରୁଛି। ପରିବାରଗୁଡ଼ିକର ପରିସର ମଧ୍ୟରେ ନିରାପଦ ଜଳ ଏବଂ ଉନ୍ନତ ପରିମଳ ବ୍ୟବସ୍ଥା ସମୟ ବଢ଼ାଇବା ସହିତ ନିମ୍ନ ଆୟକାରୀ ପରିବାରଗୁଡ଼ିକ ନିମନ୍ତେ ଉକ୍ତ ସମୟକୁ ଆୟ ସୃଷ୍ଟିକାରୀ ଉଦ୍ଦେଶ୍ୟରେ ଉପଯୋଗ କରିଥାଏ।

# ଚଳିତ ବର୍ଷ ୯.୨% ବୃଦ୍ଧି ପାଇବ ଭାରତୀୟ ଅର୍ଥନୀତି

ନୂଆଦିଲ୍ଲୀ,୭।୧

ଭାରତୀୟ ଅର୍ଥନୀତି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବେ ନିଜର ସ୍ଥିତିକୁ ଫେରାଇ ଆଣିବା ପାଇଁ ଟ୍ରାକ୍‌ରେ ରହିଆସିଛି। ଶୁକ୍ରବାର ସରକାରୀ ଆକଳନ ଅନୁଯାୟୀ ଜିଡିପି ସମ୍ପ୍ରସାରଣକୁ ୯.୨% ହ୍ରାସ କରିବା ପରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୯.୨% ଅଭିବୃଦ୍ଧି ସ୍ତର ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ଦ୍ୱାରା ଏହାର ପ୍ରଥମ ଅଗ୍ରିମ ଆକଳନରେ ଏପ୍ରିଲ ୨୦୨୧ରୁ ମାର୍ଚ୍ଚ ୨୦୨୨ ଆର୍ଥିକ (୨୦୨୧-୨୨ ଆର୍ଥିକ ବର୍ଷ) ବର୍ଷର ୯.୫% ବିସ୍ତାର ପୂର୍ବାନୁମାନ ସହିତ ତୁଳନା କରାଯାଇଛି। ଏନ୍‌ଏସ୍‌ଓ ଦ୍ୱାରା ଏହାର



ପ୍ରଥମ ଅଗ୍ରିମ ଆକଳନ ଏପ୍ରିଲ ୨୦୨୧ରୁ ମାର୍ଚ୍ଚ ୨୦୨୨ ଆର୍ଥିକ (୨୦୨୧-୨୨ ଆର୍ଥିକ ବର୍ଷ) ବର୍ଷର ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା କରାଯାଇଛି। ପୂର୍ବ ଆର୍ଥିକ ବର୍ଷରେ ମଧ୍ୟ ଅର୍ଥନୀତି ୭.୩% ଚୁକ୍ତି କରିଥିଲ। ଆର୍ଥିକ ବର୍ଷରେ ଏକଚତୁର୍ଥାଂଶ ବାକିଥିବା ବେଳେ ଓମିକ୍ରନ୍ ଭାରିଆଣ୍ଟ ଦ୍ୱାରା ଚାଳିତ ଦୈନିକ କୋଭିଡ୍-୧୯ ମାମଲାରେ ବୃଦ୍ଧି ଘଟିଛି, ଯାହା ଡେଲ୍ଟାକୁ ପ୍ରାଧାନ୍ୟ ବିସ୍ତାର କରିବାକୁ ଯାଉଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୯.୨% ଅଭିବୃଦ୍ଧି ସହିତ ଅର୍ଥନୀତି ମୁଖ୍ୟତଃ କୃଷି, ଖଣି ଏବଂ ଉତ୍ପାଦନ କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ହେତୁ ପ୍ରକୃତ କ୍ଷେତ୍ରରେ ପ୍ରି- କୋଭିଡ୍ ସ୍ତରକୁ ଅତିକ୍ରମ କରିବ। ୨୦୨୧-୨୨ରେ କନ୍‌ଷ୍ଟାଣ୍ଟ ପ୍ରାଇସ୍ (୨୦୨୧-୨୨)ରେ ପ୍ରକୃତ ଜିଡିପି କିମ୍ବା ଜିଡିପି (ମୋଟ ଘରୋଇ ଉତ୍ପାଦ) ୧୪୭.୫୪ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯେପରିକି ୨୦୨୦-୨୧ ବର୍ଷର ଜିଡିପିର ପ୍ରୋଭିଜନାଲ ଆକଳନ ତୁଳନାରେ ୧୩୫.୧୩ ଲକ୍ଷ କୋଟି ଟଙ୍କା ୩୧ ମେ ୨୦୨୧ରେ ଅତିକ୍ରମ କରିଥିଲା। ୨୦୨୧-୨୨ ମଧ୍ୟରେ ପ୍ରକୃତ ଜିଡିପିର ଅଭିବୃଦ୍ଧି ୨୦୨୦-୨୧ରେ ୭.୩% ସଂକୋଚନ ତୁଳନାରେ ୯.୨% ହେବ ବୋଲି ଏନ୍‌ଏସ୍‌ଓ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ଏସ୍ ଆଣ୍ଡ ପି ଦ୍ୱାରା ୯.୫%ର ପୂର୍ବାନୁମାନଠାରୁ କମ୍ ଥିବାବେଳେ ମୁଡି ଇନ୍‌ଭେଷ୍ଟର୍ସ ସର୍ଭିସ ଗତ ସପ୍ତାହରେ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ୯.୩ % ରେ ରଖିଛି। ଫିଚ୍ ରେଟିଂ ୮.୭% ବିସ୍ତାରର ଆକଳନ କରିଛି। ବିଶ୍ୱ ବ୍ୟାଙ୍କ ସର୍ବାଧିକ ୮.୩ % ଅଭିବୃଦ୍ଧି ହାରକୁ ପ୍ରୋଜେକ୍ଟ କରିଥିବା ବେଳେ ଓଇସିଡି ଏହାକୁ ୯.୭% ରେ ରଖିଛି।

# ଯଜ୍ଞ ଦ୍ୱାରା ପରିବେଶର ସୁନ୍ଦରତା ଆସିଥାଏ

ନୂଆଦିଲ୍ଲୀ,୭।୧

ଦେଶର ପ୍ରମୁଖ ଅନୁଷ୍ଠାନ ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକଙ୍କ ଦ୍ୱାରା ଏକ ସରଳ ଅଧ୍ୟୟନ ଜରିଆରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ମୁଖକୁ ଆସିଛି। ଆମ ପରିବେଶର ବିଭିନ୍ନ ପାଥୋଜେନିକ୍ ବ୍ୟାକ୍ଟେରିଆ ଉପରେ ଯଜ୍ଞର ପ୍ରଭାବ ରହିଛି। ଫଳରେ ଆଣ୍ଟିମାଇକ୍ରୋବାୟଲର ପ୍ରଭାବ କିପରି ରହିଛି ତାହାର ପ୍ରମାଣ କରାଯାଇଛି। ପଏହାର ପ୍ରଭାବ ହ୍ରାସ କରିବା ପାଇଁ ଯଜ୍ଞ ହେଉଛି ଏକ ନିରାପଦ ଓ ପରିବେଶ ଅନୁକୂଳ ପ୍ରତିକାର। ପରିବେଶକୁ ସୁସ୍ଥ ରଖିବାର ଉପାୟ ଯଜ୍ଞ ଦ୍ୱାରା ବେଶ୍ ପ୍ରଭାବଶାଳୀ ହୋଇପାରେ। ଜୀବାଣୁ ଏବଂ କବକ ପରି ମାଇକ୍ରୋବାୟଲ ପାଥୋଜେନ୍ ଦ୍ୱାରା ହେଉଥିବା ସଂକ୍ରାମକ ରୋଗ ବିରୋଧରେ ଏହା ବୋଧହୁଏ ବେଶ୍ ଉପାଦେୟ ହୋଇଛି। ପରିବେଶ ସମ୍ପର୍କରେ ଅଧ୍ୟୟନ କରାଯାଇଥିବା ଏକ ପ୍ରମାଣ ଆଧାରିତ ପତ୍ରିକାରେ ଏହା ପ୍ରକାଶ ପାଇଛି। ଇଣ୍ଟିଗ୍ରେଟିଭ୍ ମେଡିସିନ, ଏକ ପ୍ରତିଷ୍ଠିତ ଆମେରିକୀୟ ବୈଜ୍ଞାନିକ ପତ୍ରିକାର ସୂଚନା ଏହା ପାଇଁ ବେଶ୍ ଉପଲବ୍ଧ।

**ପତଞ୍ଜଳିର ଆୟୁର୍ବେଦ ଉପାୟ**

ଏ ସମ୍ପର୍କରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ପ୍ରାଚୀନ ପ୍ରଥା ଅନୁସାରେ ପରିବେଶକୁ ଶୁଦ୍ଧ କରିବାର ଯଜ୍ଞ ଏକ ଉପାୟ। ଉକ୍ତ ଉପାୟ ବିଷୟରେ ମଧ ପ୍ରଥମ ଥର ପାଇଁ ବୈଜ୍ଞାନିକ ପ୍ରମାଣ କରାଯାଇଛି। ସେଗୁଡ଼ିକ ସହ ସମ୍ପର୍କିତ ପ୍ରାଚୀନ ଭାରତୀୟଙ୍କର ଦୈନନ୍ଦିନ ଅଭ୍ୟାସ ପାଇଁ ବୈଜ୍ଞାନିକ ଅନୁସନ୍ଧାନ ନିତ୍ୟ ବ୍ୟବହାର୍ଯ୍ୟ ହୋଇଛି। ବିଶେଷକରି ପରିବେଶ ପ୍ରଦୂଷଣ ପ୍ରୋଟୋକଲ୍ ଆଧାରରେ ଏହା କରାଯାଇଛି ବୋଲି ଆଚାର୍ଯ୍ୟ ଜୋର ଦେଇ କହିଛନ୍ତି।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ୍

କଟକ,୭।୧

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍‌ର ୫୦ତମ ବାର୍ଷିକ ସାଧାରଣ ପରିଷଦ(ଏଜିଏମ୍) ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ଦାଶ ସଭାରେ ଉପସ୍ଥିତ ଥିବା ସମସ୍ତ ଅଂଶୀଦାର,ସମବାୟ ସମିତିଗୁଡ଼ିକର ପ୍ରଶାସକ, ସଭାପତି ଓ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ।

ବ୍ୟାଙ୍କର ସିଇଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବ୍ୟାଙ୍କର ୨୦୧୯ରୁ ୨୧ ଆର୍ଥିକ ବର୍ଷର ସମୀକ୍ଷା ବିବରଣୀ, ଆୟ ବ୍ୟୟ, ବଜେଟ ଏବଂ ଲାଭାଂଶ ବଣ୍ଟନ ଆଦି ବିଷୟ ବିସ୍ତୃତ ଭାବରେ ଉପସ୍ଥାପନ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଉକ୍ତ ସଭାରେ ଯାଜପୁରର କାମଧେନୁ ମାର୍କେଟିଂ




ସମବାୟ ସଂସ୍ଥାର ପ୍ରତିନିଧ ଦିଗମ୍ବର କର ପ୍ରତ୍ୟକ୍ଷ ଭାବେ ଆଲୋଚନାରେ ଭାଗନେଇ ସମବାୟ ସମିତି ଓ ବ୍ୟାଙ୍କର ସମୂହ ଉନ୍ନତି ପାଇଁ ଗଠନମୂଳକ ପ୍ରସ୍ତାବ ଉତ୍ଥାପନ କରିଥିଲେ। ଉପସ୍ଥିତ ସାଲେପୁର ପ୍ରତିନିଧ ସାଲେପୁର ଠାରେ ଏକ ଏଟିଏମ୍ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ବରୀ, ସୁକିନ୍ଦା ଓ ଦାନଗଦିର ପ୍ରଶାସକ ଦେବେନ୍ଦ୍ର ନାୟକ ସମସ୍ତ ଋଣଗ୍ରହୀତା ଚାଷୀମାନଙ୍କୁ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ରଖିଥଲେ। ଜୟଶ୍ରୀ ଏଗ୍ ଆଣ୍ଡ ମିଟ୍ (ପିପିସିଏସ୍) ସମିତିର ବରିଷ୍ଠ ସଭ୍ୟ ପ୍ରତାପ ଚନ୍ଦ୍ର ସାମଲ ତାଙ୍କର ସୁଚିନ୍ତିତ ପରାମର୍ଶ ଦେଇ ସମବାୟ ବ୍ୟାଙ୍କରେ ସରକାରଙ୍କ ଅର୍ଥ ଜମା ରଖିବା ପାଇଁ ବ୍ୟାଙ୍କର ପ୍ରଶାସକଙ୍କୁ ଅନୁରୋଧ କରିଥିଲେ।

# ଇନ୍‌ଡେଲ ମନିର ବଜାର ପ୍ରବେଶ

ଭୁବନେଶ୍ୱର,୭।୧

ଇନଡେଲ କର୍ପୋରେସନର ଛାମୁଆ କମ୍ପାନୀ ଇନଡେଲ ମନି ଲିମିଟେଡ ପକ୍ଷରୁ ୧୦ଟି ଶାଖାର ଶୁଭାରମ୍ଭ କରାଯାଇଛି। ଖୋର୍ଦ୍ଧା (ଲୁଇସ ରୋଡ ଏବଂ ଭୁବନେଶ୍ୱର-ଖୋର୍ଦ୍ଧା), ପୁରୀ (ପିପିଲି ଓ ନିମାପଡା), କଟକ (ଲିଙ୍କରୋଡ, ସାଲେପୁର ଓ ଜଗତପୁର), ବାଲେଶ୍ୱର (ଏଫଏମ ଗୋଲେଇ ଏବଂ ବାଲେଶ୍ୱର) ଏବଂ ଯାଜପୁରରେ ଶାଖାଗୁଡ଼ିକୁ ଇନଡେଲ ମନିର ନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଉମେଶ ମୋହନନ ଏବଂ ଇନଡେଲ ମନିର ବିଜନେସ ହେଡ ଜିଥ ରାଜ, ଇନଡେଲ ମନିର ଜୋନାଲ ହେଡ ଭି ବିଜୟ କୁମାର ଉଦଘାଟନ କରିଛନ୍ତି। ଇନଡେଲ ମନି ଓଡ଼ିଶାରେ ଆଉ ୧୫ଟି ଶାଖା ଖୁବଶୀଘ୍ର ଖୋଲିବ ଏବଂ ଏହାର ସମୁଦାୟ ସମ୍ପ୍ରସାରଣ ଅଭିଯାନ ଦ୍ୱାରା ରାଜ୍ୟରେ ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏସ୍‌ଓ ଡିଭିଜନର ୧ମ ବାର୍ଷିକ ଉତ୍ସବ

ବ୍ରହ୍ମପୁର,୭।୧

ଦକ୍ଷିଣ ଓଡ଼ିଶା(ଏସ୍‌ଓ)ରେ ବିଦ୍ୟୁତ୍ ବିତରଣ ଲାଗି ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ନିକଟରେ ସଫଳ ପରିଚାଳନାର ୧ମ ବାର୍ଷିକ ଉତ୍ସବ କୋଭିଡ୍ କଟକଣାରେ ପାଳନ କରାଯାଇଛି। କମ୍ପାନୀ ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଭିତ୍ତିଭୂମିରେ ଉନ୍ନତି ଆଣିବା ଓ ଏହାର ଗ୍ରାହକମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ଲାଗି ନିବେଶ ଜାରି ରଖିଛି। ଟିପିଏସ୍‌ଓଡିଏଲ୍ ଏବେ ୪୮,୭୫୧ ବର୍ଗ କି.ମି. ବ୍ୟାପ୍ତ ବ୍ୟାପକ ବିତରଣ ଅଞ୍ଚଳରେ ୨୩.୬୯ ପଞ୍ଜୀକୃତ ଗ୍ରାହକ ସଂଖ୍ୟାକୁ ନେଇ ୯୫ ଲକ୍ଷ ଜନସଂଖ୍ୟାକୁ ସେବା ପ୍ରଦାନ କରୁଛି। ଏ ସମ୍ପର୍କରେ ଟାଟା ପାୱାରର ସଭାପତି (ଟି ଆଣ୍ଡ ଡି) ସଞ୍ଜୟ ବାଙ୍ଗା କହିଛନ୍ତି, ଗତ ଏକ ବର୍ଷରେ ଅନେକ ଆହ୍ୱାନ ସୃଷ୍ଟି ହୋଇଥିଲା ଏବଂ ତଥାପି ଟିପିଏସ୍‌ଓଡିଏଲ୍‌ରେ ଆମ କର୍ମଚାରୀମାନେ ଗ୍ରାହକମାନଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଲାଗି ରହିଥିବା ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିଥିଲେ।

## ଫୁର୍‌ସତ୍



ମନୀଷା କୋଇରାଳା

# ଭଂସାଲିଙ୍କ ୱେବ୍ ସିରିଜ୍‌ରେ କାମ କରିବେ ମନୀଷା

**ମୁମ୍ବାଇ:** ବହୁ ବର୍ଷ ଧରି ବଡ଼ ପରଦାଠାରୁ ଦୂରେଇ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ମନିଷା କୋଇରାଲା। ଏବେ ସେ ପୁଣିଥରେ ଧମାକାଦାର ଏଣ୍ଟ୍ରି କରିବାକୁ ଯାଉଥିବା ଜଣାପଡିଛି। ଏକ ୱେବ୍ ସିରିଜରେ ମନିଷା କାମ କରିବେ। ନିର୍ଦ୍ଦେଶକ ସଞ୍ଜୟ ଲିଲା ଭଂସାଲିଙ୍କ ଅପକମିଂ ୱେବ୍ ସିରିଜ 'ହିରା ମଣ୍ଡି'ରେ ମନିଷା ନଜର ଆସିବେ। ଏଥିପାଇଁ ତାଙ୍କୁ ଆପ୍ରୋଚ କରାଯାଇଛି। ଏହି ସିରିଜକୁ ଦର୍ଶକେ ଉତ୍ସାହର ସହ ଅପେକ୍ଷା ରଖିଛନ୍ତି । ବହୁଦିନ ହେବ ଏହାକୁ ନେଇ କାମ ଚାଲିଛି। ଏବେ ଖବର ଆସୁଛି କି ମନିଷା ଏଥିରେ ତାଙ୍କର ଦମ୍ ଦେଖାଇବେ। ଏହା ଏକ ସାନଦାର ୱେବ ସିରିଜ ହେବାକୁ ଯାଉଥିବା ବେଳେ ସଞ୍ଜୟ ଲିଲା ଭଂସାଲି ଲଗାତାର ଏଥିପାଇଁ କାଷ୍ଟିଂ କରି ଚାଲିଛନ୍ତି । ମନିଷା କୁଆଡେ ଏଥିପାଇଁ ହଁ ଭରିଥିବା କୁହାଯାଉଛି। ଯଦି ଏହା ହେଲା, ତେବେ ଦୀର୍ଘ ୨୫ ବର୍ଷ ପରେ ମନିଷା ସଞ୍ଜୟ ଲିଲା ଭଂସାଲିଙ୍କ ସହ କାମ କରିବେ। ଏହା ପୂର୍ବରୁ ସେ ଫିଲ୍ମ 'ଖାମୋସି'ରେ ସଞ୍ଜୟଙ୍କ ସହ ଏକାଠି କାମ କରିଥିଲେ। ତେବେ ଭଂସାଲିଙ୍କ ୱେବ୍ ସିରିଜ ପାଇଁ ହୁମା କୁରେସି ଓ ସୋନାକ୍ଷୀ ସିହ୍ନାଙ୍କୁ ସାଇନ କରାଯାଇ ସାରିଛି। ଏହି ୱେବ୍ ସିରିଜ ଏକ ଭିନ୍ନ କାହାଣୀ ଉପରେ ଆଧାରିତ। ସ୍ୱାଧୀନତା ପୂର୍ବରୁ ଲାହୋରର ଏକ ଜିଲାରେ ଲୁଚି ରହିଥିବା ସାଂସ୍କୃତିକ ବାସ୍ତବିକତା, ଦରବାରରେ ଥିବା ବ୍ୟକ୍ତିବିଶେଷଙ୍କ କାହାଣୀ ଉପରେ ଏହା ଆଲୋକପାତ କରିବ।

# ମହିଳାଙ୍କ ଚୁଟିରେ ଛେପ ପକାଇ ବିବାଦରେ ହବିବ

ମୁଜାଫରନଗର

ଖ୍ୟାତନାମା ହେୟାର ଷ୍ଟାଇଲିଷ୍ଟ ଜାୱେଦ୍ ହବିବ ଜଣେ ମହିଳା ଗ୍ରାହକଙ୍କ ଚୁଟିରେ ଛେପ ପକାଉଥିବାର ଭିଡିଓ ଭାଇରାଲ ହେବା ପରେ ମୁଜାଫରନଗର ପୋଲିସ ତାଙ୍କ ବିରୋଧରେ ମାମଲା ଦାଏର କରିଛି। ମହିଳାଙ୍କ ଅଭିଯୋଗ କ୍ରମେ ହବିବଙ୍କ ବିରୋଧରେ ଆକ୍ରମଣ କରିବା, ଆପରାଧିକ ବଳପ୍ରୟୋଗ, ଶାନ୍ତି ଭଙ୍ଗ କରିବା ଏବଂ ମହାମାରୀ ଆଇନ ଉଲ୍ଲଂଘନ କରିବା ଅଭିଯୋଗରେ ମାମଲା



ରୁଜୁ ହୋଇଛି। ଇତିମଧ୍ୟରେ ଅଭିଯୁକ୍ତ ହବିବ ସୋସିଆଲ ମିଡିଆ ଜରିଆରେ କ୍ଷମା ମାଗିଛନ୍ତି। ବେଳେବେଳେ ଆମେ ଶୋ'କୁ କୌତୂହଳପ୍ରଦ କରିଥାଉ। ଏହା କାହାକୁ ଆଘାତ ଦେଇଥିଲେ, ସେଥିପାଇଁ ମୁଁ ହୃଦୟରୁ କ୍ଷମା ମାଗୁଛି ବୋଲି ହବିବ ଏକ ଭିଡିଓରେ କହିଛନ୍ତି। ମନସୁରପୁର ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ଆଇପିସିର ଧାରା ୩୫୫, ୫୦୪ ଏବଂ ମହାମାରୀ ଆଇନରେ ମାମଲା ରୁଜୁ ହେବା ସହ ଅଧିକ ତଦନ୍ତ ଜାରି ରହିଛି। ଗୁରୁବାର ଏକ ହିନ୍ଦୁ ସଂଗଠନର ସଦସ୍ୟମାନେ ହବିବଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାକୁ ଓହ୍ଲାଇଥିଲେ।

**WATER AND LAND MANAGEMENT INSTITUTE**
(An Autonomous Training Institute under DOWR, Govt. of Odisha)
Pratapnagari, Telengapentha, Cuttack, Odisha, Pin-754001
(0671) 2586426, 2586432, Fax:- 2586430
Email_Id: walmi_orissa@rediffmail.com
Website: www.walmiodisha.com or www.walmi odisha.org

**TENDER ENQUIRY No. 01/2021-22**

No.A-816:- Sealed Tenders are invited from the qualified man power agencies/ service providers for providing the services of Junior Engineer (Civil), Amin, Community Organiser and CAD & WM Expert to WALMI, Odisha for Soft Component Activities in Rengali Irrigation Project (Ph-2), The details of tender will be web-hosted in the WALMI Website: www.walmiodisha.com. The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above. The cost of tender document & EMD is to be remitted in the form of Bank Draft/ Demand Draft in favour of the Deputy Director, WALMI payable at Bhubaneswar or Cuttack, The manpower agencies/ service providers are to send their bids to Deputy Director, WALMI with EMD and Tender fee on or before 17.01.2022 by 3.00 P.M. which is the last date of receipt of application. The time and date of opening of the Technical Proposal is on the same day at 4.00 P.M in the Office chamber of Deputy Director, WALMI. The application received after the due date and time due to any reason shall not be entertained.

OIPR-32199/11/0002/2122 Sd./- Deputy Director, WALMI, Odisha

**ଭୂ-ଅର୍ଜନ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ରେତ୍ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି**
(କ୍ୟାମ୍ପ ଅଫିସ୍, ଭବାନୀପାଟଣା)

ପତ୍ର ସଂଖ୍ୟା: ୦୪ ତା୦୪।୦୧।୨୦୨୨

**ନୋଟିସ୍**

No. A-818: ଏତଦ୍ୱାରା ଗୁଣ୍ଡୁରି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମୌଜା: ପାଡ଼ପଙ୍ଗା, ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି ଗ୍ରାମବାସୀଙ୍କୁ ଜଣାଇ ଦିଆଯାଉଛି ଯେ, ପାଡ଼ପଙ୍ଗା ଗ୍ରାମର ଏ.୦.୬୪ଡି. ଜମି ରେତ୍ ଜଳସେଚନ ପ୍ରକଳ୍ପର ଅତିରିକ୍ତ ବୁଡ଼ି ଅଞ୍ଚଳ ନିମନ୍ତେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅଧିସୂଚନା ସଂଖ୍ୟା ୩୧୬ ତା୧୫।୦୯।୨୦୨୧ରିଖ ମୁତାବକ ଅଧିଗ୍ରହଣ କରାଯାଉଛି। ଏହି ଅଧିଗ୍ରହଣ ଦ୍ୱାରା ପାଡ଼ପଙ୍ଗା ଗ୍ରାମ (କଲୋନୀ ପଡ଼ା) କ୍ଷତିଗ୍ରସ୍ତ ହେଉଅଛି ଓ ବିସ୍ଥାପନ ପାଇଁ ପ୍ରସ୍ତାବ ଅଛି। ଏହି ନିମନ୍ତେ ଉକ୍ତ ଗ୍ରାମରେ ଏକ ଜନଶୁଣାଣି ତା୧୨।୦୧।୨୦୨୨ରିଖରେ କରିବାକୁ ସ୍ଥିର କରାଯାଇଅଛି।

ଏଣୁ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ତା୧୨।୦୧।୨୦୨୨ରିଖ ଦିବା ୧୧ଘଣ୍ଟା ସମୟରେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ହେବେ।

ସ୍ୱା./- ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ
ରେତ ଜଳସେଚନ ପ୍ରକଳ୍ପ, କୁସୁମଖୁଣ୍ଟି, କଳାହାଣ୍ଡି
OIPR-32426/11/0003/2122

**ତହସିଲଦାରଙ୍କ କାର୍ଯ୍ୟାଳୟ, ଲାଠିକଟା, ଜିଲ୍ଲା: ସୁନ୍ଦରଗଡ଼**
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No. F-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଲାଠିକଟା ତହସିଲ ଅଧୀନରେ ଥିବା ତିନି (୩)ଗୋଟି ସୈରାତ ଉତ୍ସ (ବାଲି ଓ ପଥର ଲଘୁ ଖଣିଜ ଦ୍ରବ୍ୟ)କୁ ଆଗାମୀ ପାଞ୍ଚ (୫) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ (www.sundergarh.nic.in)ରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, ଲାଠିକଟା
OIPR-24246/11/0002/2122

**OFFICE OF THE EXECUTIVE ENGINEER, L.I. DIVISION, CUTTACK**
No. CAD-2734: e-mail: eeolic_ctc@yahoo.in

**e-Procurement Notice**
Bid Identification No. 18/OLIC (CTC)/Dt.05.01.2022

The Executive Engineer, Lift Irrigation Division, Cuttack on behalf of Odisha Lift Irrigation Corporation Limited, Bhubaneswar invites Percentage Rate Bids in Online mode for Drilling & Installation of 150mm dia Cluster Shallow Tube Wells in different blocks of Cuttack & Jagatsinghpur districts from reputed drilling contractors having **OWN RIG & Experience** in similar nature of works. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Package | 2 (Two) |
| 2. | Estimated Cost | Rs.22.37 lakh to Rs.26.32 lakh |
| 3. | Cost of Tender Paper | Rs.6000/- (In Online Mode) + 5% GST as revers charge basis vide Challan No. **21AAACO5986G1ZF** of OLIC |
| 4. | Date & time of publication | Dt.07.01.2022 from 10.00 A.M. |
| 5. | Date & time of closing | Dt.12.01.2022 at 5.00 P.M. |
| 6. | Date & time of Opening of Bid | Dt.13.01.2022 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender if any, can be seen in the website.

OIPR-32238/11/0021/2122 Sd./- Executive Engineer

**ODISHA POLICE**
**DISTRICT HEAD QUARTERS, JAJPUR**
Address: At: Office of the Superintendent of Police, Jajpur
At/P.O.: Panikoili, District - Jajpur,
Odisha, PIN - 755043
Contact No. 06726-240112
E-mail: spjjp.odpol@nic.in
No. 32/RO Date: 05.01.2022

**TENDER CALL NOTICE FOR HIRING OF VEHICLES**

No. D-269: Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial Bid) are mentioned in the tender document which may be downloaded from the Jajpur district website **https://jajpur.nic.in**. Interested agencies may submit their tenders in a sealed envelope with super scribing on the top of the sealed envelopes as "Tender for Hiring of Vehicles for NH Patrol on monthly basis to Superintendent of Police, Jajpur".
The tender should reach the office of the undersigned by **23.01.2022 (till 5.30 P.M.)**. The tenders will be opened on **24.01.2022 at 11.00 A.M.** for finalization of Technical Bid. The financial bid will be opened on **24.01.2022 at 11.30 A.M.** The undersigned reserves the right to reject any or all the tenders without assigning any reason thereof.

Sd./- Superintendent of Police, Jajpur
OIPR-12103/11/0001/2122

**OFFICE OF THE SR. PROJECT MANAGER** No. CAD-2733
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)
**PURI PROJECT DIVISION NO. II, PURI**
E-mail Id: obccpuridivnii@gmail.com / puridiv2@obcc.in
Letter No. 29 Date: 06.01.2022

**BID IDENTIFICATION NO. 10/2021-22 | TENDER CALL NOTICE**

**3.** The **Sr. Project Manager, Puri Division-II,** Odisha Bridge & Construction Corporation Limited (O.B. & C.C. Ltd.), Puri, on behalf of Governor of Odisha, invites Percentage bids in Double Cover system for the following works from 'B' & 'C' Class Contractors registered with the State Government, and contractors of equivalent grade/class registered with Central Government/ MES/ Railways or Manufacturers, Authorized Manufacturers having MSME registration throughout india to be eventually drawn up in P-1 form/ other available forms for execution of the works, on prodection of definite proof from the appropriate authority. But successful bidder other than State/ MES/ Railways/ CPWD/ MSME Company in equivalent rank must register under the State PWD before signing the agreement.

| Sl No. | Name of work | Approx. Value of work (Rs. in lakhs) | Concerned Tender Inviting Authority | EMD (To be remitted Online) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | **Construction of SFRC boundary wall for Khandolite stockyard at Samanga, Puri** | 35.00 | Sr. Project Manager, Puri Project Division No.-II, O.B. & C.C. Ltd., Puri | Nil | Rs.6,720/- | 'B' Class & 'C' Class and Authorized Manufacturers having MSME registration throughout India | 3 (Three) calendar months |

**14.** The Bid document shall be available in the website https://tendersodisha.gov.in from **04.30 P.M. of Dt. 07.01.2022 to 04.30 P.M. of Dt.17.01.2022** for online Bidding. **15.** The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. **16.** The bid shall be received **only through "online" on or before 04.30 P.M. of Dt. 17.01.2022. 17.** Bids received online shall be opened at **05.00 P.M. on Dt. 17.01.2022** in the office of the Sr. Project Manager, Puri Division-II, Odisha Bridge & Construction Corporation Ltd., Odisha, Puri. If the office happens to be close on the last date of opening the bids as specified, the bids will be opened on the next working day at the same time and venue. **18.** The authority reserves the right to cancel any or all bids without assigning any reason thereof. **19.** Further details with any addendum, corrigendum, cancellation can be seen from the website only **https://tendersodisha.gov.in**.

OIPR-34152/11/0006/2122 Sd./- Sr. Project Manager, Puri Project Divn. No.-II, O.B. & C.C. Ltd., Puri

**୧୦ରୁ ସବୁ କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା**

**ରାଉରକେଲା ଅଫିସ,:** ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଆସନ୍ତା ୧୦ ତାରିଖରେ କୋଭିଡ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଆରଏମ୍‌ସି ସମ୍ମିଳନୀ କକ୍ଷରେ ଏହାର ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେଣୁ ସମସ୍ତ କର୍ମଚାରୀ ଉପସ୍ଥିତ ରହିବାକୁ ଆରଏମ୍‌ସି ଅତିରିକ୍ତ କମିଶନର ସୁଧାଂଶୁ ଶେଖର ଭୋଇ ସୂଚନା ଦେଇଛନ୍ତି।

# ବୃଦ୍ଧି ପାଉଛି କରୋନା ପଜିଟିଭ

**ଝାରସୁଗୁଡା ଅଫିସ୍,୭।୧**



**ଝାରସୁଗୁଡା ଜିଲା**
- ଡିଆର୍‌ଡିଏ ଅଫିସ୍‌ରେ ୨୦ ପଜିଟିଭ୍
- ୩ଦିନ ପାଇଁ ଅଫିସ୍ ବନ୍ଦ
- ବିମାନ ବନ୍ଦରରେ ଯାତ୍ରୀଙ୍କ ସ୍ୱାବ୍ ସଂଗ୍ରହ

ରାଜ୍ୟରେ କରୋନା ସଂକ୍ରମଣର ତୃତୀୟ ଲହର ଆରମ୍ଭ ହୋଇଛି। ସପ୍ତାହ ହେଲାଣି ଝାରସୁଗୁଡା ଜିଲାରେ ହୁ ହୁ ହୋଇ କରୋନା ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଗୋଟିଏ ଦିନରେ ୧୦୬ ପଜିଟିଭ୍ ରହିଥିବା ବେଳେ ପଜିଟିଭ୍ ସକ୍ରିୟ ସଂଖ୍ୟା ଏବେ ୨୮୮ରହିଛି। ଜିଲାରେ ଅଦ୍ୟାବଧି ୨୦ରୁ ଊର୍ଦ୍ଧ୍ୱ ଅଞ୍ଚଳକୁ ଜିଲା ପ୍ରଶାସନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। ଏଥିମଧ୍ୟରେ ଡିଆର୍‌ଡିଏ କାର୍ଯ୍ୟାଳୟରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ୨୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାର କେତେକ ପୋଲିସ ଅଧିକାରୀ ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଜିଲା ପ୍ରଶାସନ ତରଫରୁ ଶୁକ୍ରବାରଠାରୁ ୩ଦିନ ପାଇଁ ଡିଆର୍‌ଡିଏ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଛି। କଣ୍ଟାକ୍ଟ ଟ୍ରେସିଂ କଲା ପରେ ଜଣାପଡିଛି ଡିଆର୍‌ଡିଏ କାର୍ଯ୍ୟାଳୟ ସହ ବେଦାନ୍ତ କମ୍ପାନୀର ଲିଙ୍କ୍ ରହିଛି। ଫଳରେ ବେଦାନ୍ତକୁ କୋଭିଡ୍ କ୍ଲଷ୍ଟର ଭାବେ ନିଆଯାଇଛି। ଏଠାରେ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲାପାଳ ସରୋଜ କୁମାର ସାମଲ ଗଣମାଧ୍ୟମକୁ କହିଛନ୍ତି। ସେ ଆହୁରି କହିଛନ୍ତି, ଜିଲାରେ ବିମାନ ବନ୍ଦର, ରେଳ ଜଙ୍କଶନ୍, ବିଭିନ୍ନ କଳକାରଖାନା ଓ ଖଣି ଖାଦାନ ରହିଛି। ଏଠାକୁ ପ୍ରତିଦିନ ଲୋକେ ଯାତାୟାତ କରୁଛନ୍ତି। ଫଳରେ କୋଭିଡ୍ ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ବିମାନ ବନ୍ଦର, ରେଳ ଜଙ୍କଶନ ଆଦି ସ୍ଥାନରେ ଯାତ୍ରୀଙ୍କ ସମ୍ପୂର୍ଣ୍ଣ ପରିଚୟ ରଖାଯାଇ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା କରାଯିବ। ଏହି କ୍ରମରେ ଭିଏସ୍ଏସ୍ ବିମାନ ବନ୍ଦରରେ ଶୁକ୍ରବାରଠାରୁ ଯାତ୍ରୀଙ୍କ ସ୍ୱାବ୍ ସଂଗ୍ରହ ଆରମ୍ଭ କରାଯାଇଛି। ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ ରେଳଷ୍ଟେଶନରେ ଯାତ୍ରୀଙ୍କ ସ୍ୱାବ୍ ସଂଗ୍ରହ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ସାମଲ କହିଛନ୍ତି। ଏହାକୁ ଦୃଷ୍ଟିରେ ଜିଲା ପ୍ରଶାସନ ତରଫରୁ ତଦାରଖ ଟିମ୍‌କୁ ବୃଦ୍ଧି କରାଯାଇ ଅଧିକ କ୍ରିୟାଶୀଳ କରାଯାଇଛି । ଜିଲାରେ ଅଧିକ ସ୍ୱାବ୍‌ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସହିତ ୧୫ରୁ ୧୮ବର୍ଷ ବୟସ୍କ ପିଲାମାନଙ୍କୁ ମଧ୍ୟ ଭ୍ୟାକ୍ସିନ ଦିଆଗଲାଣି ବୋଲି ଜିଲାପାଳ ସାମଲ କହିଛନ୍ତି ।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଶ୍ରମିକ ମୃତ

**ଝାରସୁଗୁଡା ଅଫିସ୍,୭।୧:** ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଶ୍ରମିକ ଅସୁସ୍ଥ ହୋଇ ସପ୍ତାହେ ହେଲା ଚିକିତ୍ସିତ ହେଉଥିଲେ। ଶୁକ୍ରବାର ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଜଣାପଡିନାହିଁ। ଖବର ପାଇ ଝାରସୁଗୁଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ଶୀତଳ ଭଣ୍ଡାରରେ ରଖିଛି । ଏ ନେଇ ପୋଲିସ ଝାରସୁଗୁଡା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ମୃତକ ଜଣେ ଦିନମଜୁରିଆ। ତାଙ୍କ ନାମ ଦୀପକ ନାୟକ(୪୩) ଓ ଘର ରାଜଗାଙ୍ଗପୁର। ତେବେ ଝାରସୁଗୁଡା ପୋଲିସ୍ ଏ ସମ୍ପର୍କରେ ରାଜଗାଙ୍ଗପୁର ପୋଲିସ ସହିତ ଯୋଗାଯୋଗ କରିବା ପରେ ଏମିତି କେହି ବ୍ୟକ୍ତି ନ ଥିବା ଜଣାପଡିଛି ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

**ଧମା,୭।୧(ଡି.ଏନ୍.ଏ.):** ପୂର୍ବତନ ମାନେଶ୍ୱର ବ୍ଲକ ଅଧକ୍ଷ ତଥା ସ୍ଥାନୀୟ ସମାଜସେବୀ ଗିରିଗୋବର୍ଦ୍ଧନ ପଣ୍ଡାଙ୍କ ପରଲୋକ ଘଟିଛି। ଗତ ରାତି ୧୦ଟା୩୦ରେ ଧମା ସ୍ଥିତ ବାସଭବନରେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସମ୍ବଲପୁରସ୍ଥିତ ଏକ ଘରୋଇ ନର୍ସିଂ ହୋମକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥିବା କହିଥିଲେ। ଶୁକ୍ରବାର ସକାଳେ ତାଙ୍କର ଶେଷଦର୍ଶନରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଭାଜପା ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ। ସ୍ଥାନୀୟ ଇନ୍ଦ୍ରମଣି ଛଉଦୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁଅ ଅମିତାଭ ପଣ୍ଡା ମୁଖାଗ୍ନି ଦେଇଥିଲେ।

### ସମଲେଇ ଯୋଜନାକୁ ବିରୋଧ ଘୁନଘୁଟି ପଡା ମହିଳା ସମିତି ଆରଡିସିଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୭।୧(ବ୍ୟୁରୋ )-** ରାଜ୍ୟ ସରକାରଙ୍କ ସମଲେଇ ଯୋଜନାକୁ ବିରୋଧ କରି ଘୁନଘୁଟି ପଡା ମହିଳା ସମିତି ଶୁକ୍ରବାର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମଲେଇ ଯୋଜନାରେ ୪୫୦ବର୍ଷର ଘୁନଘୁଟି ପଡାର ଅସ୍ତିତ୍ୱ ହଜିଯିବ। ସମଲେଇ ମନ୍ଦିର ପାଖରେ ଦୀର୍ଘ ବର୍ଷ ହେବ ରହି ଆସୁଛନ୍ତି। ମୁଖ୍ୟତଃ ପଡାରେ ବସବାସ କରୁଥିବା ହରିଜନ ଆଦିବାସୀମାନେ ଏଠାରେ ଜୀବିକା ନିର୍ବାହ କରିଆସୁଛନ୍ତି। ସମଲେଇ ଯୋଜନାରେ ସେମାନଙ୍କୁ ବିସ୍ଥାପିତ କରା ନ ଯାଉ ବୋଲି ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### କୁଆଁରମୁଣ୍ଡାରେ କରୋନା ସଚେତନତା, ମାସ୍କ ଚେକିଂ

**କୁଆଁରମୁଣ୍ଡା,୭।୧(ଡି.ଏନ.ଏ.):** କୁଆଁରମୁଣ୍ଡାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ଶୁକ୍ରବାର ସ୍କ୍ୱାଡ୍ ଗଠନ କରାଯାଇଛି। ସ୍କ୍ୱାଡ୍ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନବଜାର, ସାପ୍ତାହିକ ହାଟରେ ଗହଳିକୁ ରୋକିବା ନିମନ୍ତେ ସଚେତନତା ଆରମ୍ଭ କରିଛି। କୌଣସି ସ୍ଥାନରେ ୪ଜଣରୁ ଅଧିକ ବ୍ୟକ୍ତି ଏକତ୍ର ହୋଇ ନ ବସିବା, ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ବଜାୟ ରଖିବା ନିମନ୍ତେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ, କୁଆଁରମୁଣ୍ଡା ତହସିଲଦାର ଡା. ରାଜେଶ କୁମାର ସାହୁ, ବ୍ଲକ ଏପିଓ ବିଷ୍ଣୁମୋହନ ନାୟକ ଓ ବିଡିଓ ପ୍ରମୁଖ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ରାଉରକେଲା ଅଫିସ,୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତବେଳେ ସୁରକ୍ଷାରେ ତ୍ରୁଟିକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଏଥିରେ କଂଗ୍ରେସ ଓ ପଞ୍ଜାବ ସରକାରଙ୍କ ଷଡଯନ୍ତ୍ର ଥିବା ଅଭିଯୋଗ କରି ଭାଜପା ପାନପୋଷ ସାଂଗଠନିକ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ସଭାପତି ଅଙ୍କୁଶ ବର୍ମାଙ୍କ ନେତୃତ୍ୱରେ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଶତାଧିକ ଭାଜପା ଯୁବକର୍ମୀ ଉପସ୍ଥିତ ରହି ପଞ୍ଜାବ ମୁଖ୍ୟମନ୍ତ୍ରୀ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକ, ନିହାର ରାୟ, ଶଶାଙ୍କ ଶେଖର ଜେନା, ଅଭିଷେକ ଧଳ, କାଜଲ ସିହ୍ନା, ଗଙ୍ଗାଧର ଦାଶ, ସାବିତ୍ରୀ ଦେବୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘର ବିଧାୟିକାଙ୍କୁ ଦାବିପତ୍ର

**ସୁନ୍ଦରଗଡ଼,୭।୧(ଡି.ଏନ୍.ଏ)**

ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସୁନ୍ଦରଗଡର ବିକାଶ ପାଇଁ ବରିଷ୍ଠ ନାଗରିକମାନଙ୍କର ପରାମର୍ଶ ଓ ଦିଗଦର୍ଶନ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ସଂଘର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବିଧାୟିକା ଭାବେ ସେ ସମସ୍ତପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟାବଳୀ ଏବଂ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା।



ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମ୍ପାଦକ ସମୀର କର ବିବରଣୀ ପାଠ କରିଥିଲେ। ଉପସଭାପତି ଈଶ୍ୱର ନାଏକ, କୋଷାଧ୍ୟକ୍ଷ ବାସୁଦେବ ସରାଫଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସଂଘର କର୍ମକର୍ତ୍ତା ଚିତ୍ତରଞ୍ଜନ ବହିଦାର, ଫୟାଜଅଲ୍ଲୀ, ପଦ୍ମଲୋଚନ ସରାଫ୍, ଇନକିଲାବ ଉମର, ଶଶାଙ୍କ ପଣ୍ଡା, ରମେଶ ଚନ୍ଦ୍ର ସେନ୍,ପ୍ରସନ୍ନ ବେହେରା, ଗଣେଶ୍ୱର ସାହୁ, ଚିତ୍ରବ୍ରତ ଦତ୍ତ, ଶରତ ଚନ୍ଦ୍ର ପାଣ୍ଡେ, ସୁଶୀଲ ଅଗ୍ରୱାଲ, ସାକ୍ଷୀଗୋପାଳ ଗୁରୁ, ହରିବନ୍ଧୁ ଠାକୁର, ସୁରେନ୍ଦ୍ର ପଣ୍ଡା, ସନ୍ତୋଷ ପାଲ, ରବିନାରାୟଣ ପଣ୍ଡା, ପୁଷ୍ପାମଂଜରୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଖାତରେ ଖସିଲା ଅଟୋ: ୪ ଗୁରୁତର

**ଦେବଗଡ଼,୭।୧(ଡି.ଏନ.ଏ.)**

ଦେବଗଡ ଥାନା ଅଧୀନ ସାମନ୍ତାପାଲି ଗ୍ରାମ ନିକଟ ରାଞ୍ଚି-ବିଜୟୱାଡା ରାଜପଥ କଡରେ ଥିବା ଖାତରେ ଏକ ଅଟୋ ଖସିପଡିବାରୁ ୪ଜଣ ଯାତ୍ରୀ ଗୁରତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଦେବଗଡ ଥାନା ଅଧୀନ ରଙ୍ଗମାଟିଆ ଗ୍ରାମର ଜିତେନ୍ଦ୍ର ଲୁହା କିଛିଦିନ ହେଲା ଅସୁସ୍ଥତା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହୋଇ ସେ ଏକ ଅଟୋ ରିକ୍ସାରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ରଙ୍ଗମାଟିଆ ଗ୍ରାମ ଘରକୁ ଫେରୁଥିବା ବେଳେ ତାଙ୍କ ସହ ସ୍ତ୍ରୀ ଜ୍ୟୋତି ଲୁହା, ଶାଶୁ ଜେମା ପାତ୍ର ଓ ଉକ୍ତ ଗ୍ରାମର ଧୋବେଇ ଛଞ୍ଚାଣ ମଧ ଯାଉଥିଲେ। ସାମନ୍ତାପାଲି ନିକଟ ରାଞ୍ଚି-ବିଜୟୱାଡା ରାଜପଥରେ ସମ୍ମୁଖ ପଟୁ ଆସୁଥିବା ଏକ ଟ୍ରକ୍ କଟ ମାରିବାରୁ ଅଟୋ ଚାଳକ ଚମକି ପଡି ଭାରସାମ୍ୟ ହରାଇଥିଲେ। ଫଳରେ ଅଟୋ ରାସ୍ତାର ବାମ କଡରେ ପ୍ରାୟ ୧୦ ଫୁଟ ତଳେ ଏକ ଖାତରେ ଖସିପଡିଥିଲା। ଫଳରେ ଉପରୋକ୍ତ ୪ ଗୁରୁତର ଆହତ ହୋଇଥିଲେ। ଆଟୋ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବର ପାଇ ଦେବଗଡ ଆଦର୍ଶ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପଦାନ



ଶିବ ମନ୍ଦିରରେ ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଦୀପଦାନ କରୁଛନ୍ତି।

**ଝାରସୁଗୁଡା ଅଫିସ୍,୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ବୁଧବାର ପଞ୍ଜାବ ଯାଉଥିବାବେଳେ ତାଙ୍କ ଗାଡିକୁ ବେଆଇନ ଭାବେ ଅଟକା ଯାଇଥିଲା। ଫଳରେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏଭଳି କାର୍ଯ୍ୟକୁ ଭାଜପା ମହିଳା ମୋର୍ଚ୍ଚା ନିନ୍ଦା କରିବା ସହ ସ୍ଥାନୀୟ ବିଟିଏମ୍ ଶିବ ମନ୍ଦିରରେ ସାମୂହିକ ଦୀପଦାନ ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ତାଙ୍କର ଦୀର୍ଘାୟୁ କାମନା କରାଯାଇଥିଲା। ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଜିଲା ପ୍ରଭାରୀ କଳ୍ପନା ଲେଙ୍କା, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ସଭାନେତ୍ରୀ ରୀନା ପଟେଲ, କିରଣବାଳା ନାୟକ, ବିମଳେନ୍ଦୁ ଭୋଳ, ରଘୁରାମ ପାଲ, ଆଲୋକ ସାହୁ, ବବୁଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନ୍ଦରଗଡ଼ ଜିଲାରେ ପୁଣି ଦିନକରେ ୪୫୪ ପଜିଟିଭ

**ସୁନ୍ଦରଗଡ, ୭।୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାରେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ଗତ ୩ଦିନ ମଧ୍ୟରେ କରୋନା ସଂକ୍ରମଣ ହାର ଉପରମୁହାଁ ହେବା ଏବେ ଚିନ୍ତା ବଢାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଶୁକ୍ରବାର ସକାଳେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସୁନ୍ଦରଗଡ଼ ଜିଲାରେ ଗତ ୨୪ଘଣ୍ଟା ମଧ୍ୟରେ ୪୫୪ଜଣଙ୍କ ନମୁନାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏଥି ମଧ୍ୟରେ ବାଲିଶଙ୍କରା ବ୍ଲକରେ ୭, ବଡଗାଁ ବ୍ଲକରେ ୯, ବୀରମିତ୍ରପୁର ପୌରାଞ୍ଚଳରେ ୧୧, ବିଶ୍ରା ବ୍ଲକରେ ୫୦, ବଣାଇଁ ବ୍ଲକରେ ୮, ହେମଗିର ବ୍ଲକରେ ୮, କୋଇଡା ବ୍ଲକରେ ୨, କୁଆଁରମୁଣ୍ଡା ବ୍ଲକରେ ୩, କୁତ୍ରା ବ୍ଲକରେ ୧୩, ଲହୁଣୀପଡା ବ୍ଲକରେ ୬, ଲାଠିକଟା ବ୍ଲକରେ ୧୦, ଲେଫ୍ରିପଡା ବ୍ଲକରେ ୬୧, ନୂଆଁଗାଁ ବ୍ଲକରେ ୫, ରାଜଗାଙ୍ଗପୁର ବ୍ଲକରେ ୨୮, ରାଉରକେଲା ସହରାଞ୍ଚଳରେ ୧୭୯, ସୁନ୍ଦରଗଡ଼ ସଦର ବ୍ଲକରେ ୩, ସୁନ୍ଦରଗଡ଼ ସହରରେ ୩୫ ଏବଂ ଟାଙ୍ଗରପାଲି ଓ ଗୁରୁଣ୍ଡିଆ ବ୍ଲକରେ ଜଣେ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ସୁନ୍ଦରଗଡ କଲେକ୍ଟୋରିଏଟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କର ନମୁନା ସଂଗ୍ରହ କରାଯାଇ କରୋନା ପରୀକ୍ଷା ପାଇଁ ପଠାଯାଇଛି। ସେହିପରି ରାତି ୯ଟାରୁ ସରକାରଙ୍କ ପକ୍ଷରୁ ଘୋଷିତ ରାତ୍ରିକାଳୀନ କର୍ଫ୍ୟୁକୁ କଡାକଡି ଭାବେ ପାଳନ କରାଯାଉଛି ।

## 'ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପାଇଁ ସରକାର ଯତ୍ନବାନ'

**ଦେବଗଡ଼, ୭।୧ (ଡି.ଏନ.ଏ.)**

ଦେବଗଡ଼ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ଯତ୍ନବାନ ଅଛନ୍ତି। ଗୁରୁବାର ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ ଅବସରରେ ଏହା କହିଛନ୍ତି ରାଜ୍ୟ ଶ୍ରମ ନିୟୋଜନ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ। ଗୁରୁବାର ମନ୍ତ୍ରୀ ସିଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାଏଲେସିସ ସେଣ୍ଟର ସ୍ଥାପନ ପାଇଁ ଭିତ୍ତିଭୂମି ନିରୀକ୍ଷଣ କରିବା ସହ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେ ଡାକ୍ତରଖାନାର ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସହ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୋଷ୍ଟମର୍ଟମ ସେଣ୍ଟରରେ ବିଦ୍ୟୁତ୍ ଓ ପାଣି ଅସୁବିଧା ଥିବା ଅବଗତ ହୋଇଥିଲେ। ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ ପାଇଁ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ ଏଡିଏମ୍‌ଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭେଷଜ ବିଶେଷଜ୍ଞ ଡାକ୍ତର ମନୋରଞ୍ଜନ ସାମଲ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପରିଚାଳକ ଉମେଶ ପ୍ରାସାଦ ଷଡ଼ଙ୍ଗୀ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିଚାଳକ ଯତୀନ ଭୈଷ୍ଣ୍ୱ, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ବରିଷ୍ଠ କର୍ମୀ ସତ୍ୟନାରାୟଣ ପାଣିଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମରଣାନ୍ତକ ଆକ୍ରମଣରେ ଆହତଙ୍କ ମୃତ୍ୟୁ: ହତ୍ୟା ମାମଲା ରୁଜୁ

**ସୁନ୍ଦରଗଡ଼,୭।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ବିଲେଇମୁଣ୍ଡା ନୂଆଡିହି ଗ୍ରାମରେ ଗତ ନଭେମ୍ବରରେ ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଆହତ ସନ୍ତୋଷ ବାରିକ(୩୫)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ପୂର୍ବରୁ ପୋଲିସ ଏହି ଘଟଣାରେ ୩୦୭ ଦଫାରେ ଏକ ମାମଲା (ନଂ.୧୭୫/୨୦୨୧) ରୁଜୁ କରିଥିଲା। ଏହା ଏବେ ହତ୍ୟା ମାମଲାକୁ ରୁପାନ୍ତରିତ ହୋଇଛି। ପ୍ରକାଶ ଯେ,ଗତ ନଭେମ୍ବର ୨୬ରେ ସାମାନ୍ୟ ପାଟିତୁଣ୍ଡକୁ ନେଇ ସନ୍ତୋଷଙ୍କ ଉପରେ ପଡୋଶୀ ରମେଶ ବାରିକ ଓ ବାପା ଖୋପୋ ବାରିକ ଟାଙ୍ଗିଆ ଓ ବାଡିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷ ଗୁରୁତର ଭାବେ ଆହତ ହୋଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ହେମଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସନ୍ତୋଷଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।ସେଠାରୁ ସନ୍ତୋଷଙ୍କୁ ଆଣି ଘରେ ରଖାଯାଇଥିଲାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ସନ୍ତୋଷଙ୍କ ସ୍ତ୍ରୀ ମୁକ୍ତା ବାରିକଙ୍କ ରିପୋର୍ଟ କ୍ରମେ ଅଭିଯୁକ୍ତ ରମେଶ ଓ ତାଙ୍କ ବାପା ଖୋପୋ ଗିରଫ ହୋଇ ବର୍ତ୍ତମାନ ଜେଲ ହାଜତରେ ଅଛନ୍ତି।

## ସଂରକ୍ଷିତ ଜଙ୍ଗଲରୁ ୭୦ ଅନୁପ୍ରବେଶକାରୀଙ୍କୁ ଉଚ୍ଛେଦ

**ନାକଟିଦେଉଳ,୭।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରେ ଗତ କିଛି ବର୍ଷ ହେଲା ଝାଡ଼ଖଣ୍ଡରୁ ଆସି କିଛି ଅନୁପ୍ରବେଶକାରୀ ଜଙ୍ଗଲ ସଫା କରି ବେନିୟମ ଭାବେ ବସବାସ କରିଆସୁଛନ୍ତି। ଏହାକୁ ନେଇ କିସିଣ୍ଡା ଅଞ୍ଚଳରେ ବିଭିନ୍ନ ଗ୍ରାମରେ ବହୁ ସମୟରେ ଉତ୍ତେଜନା ମୂଳକ ପରିସ୍ଥିତି ମଧ ଦେଖାଦେଇଛି । ଏହି ଅନୁପ୍ରବେଶକାରୀଙ୍କୁ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ହଟାଇବାକୁ ବନବିଭାଗ ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବନବିଭାଗର ଏକ ସ୍ୱତନ୍ତ୍ର ଦଳ ଲଣ୍ଡାକୋଟ ଜଙ୍ଗଲକୁ ସଫାକରି ବେଆଇନ ଭାବେ ବସବାସ କରୁଥିବା ପ୍ରାୟ ୭୦ରୁ ୮୦ଜଣଙ୍କ ଘର ଭାଙ୍ଗି ସେଠାରୁ ହଟାଇ ଥିବା ଜଣାପଡ଼ିଛି।



ଅନୁପ୍ରବେଶକାରୀଙ୍କୁ ଉଚ୍ଛେଦ କରାଯାଉଛି।

## କଟକଣାରେ ଜୀବନ, ଜୀବିକା ହେବନି ପ୍ରଭାବିତ

**ସମ୍ବଲପୁର, ୭।୧(ବ୍ୟୁରୋ)**

କୋଭିଡ୍ ମୁକାବିଲା ପାଇଁ ଜିଲା ପ୍ରଶାସନ ଜନସାଧାରଣଙ୍କ ସହଯୋଗ ଲୋଡିଛନ୍ତି। ଶୁକ୍ରବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ବାତୁଲା ଗଙ୍ଗାଧର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଜନସାଧାରଣଙ୍କୁ ସଚେତନ କରି କହିଛନ୍ତି ଯେ, କୋଭିଡ ମୁକାବିଲା ପାଇଁ ଜିଲା ପ୍ରଶାସନ ସରକାର କଟକଣା କରିଛନ୍ତି। ହେଲେ ଜନସାଧାରଣଙ୍କ ଜୀବନ ଜୀବିକା ପ୍ରଭାବିତ ନ ହେବ ସେନେଇ ଗୁରୁତ୍ୱ ଦିଆଯାଇଛି। ପୂର୍ବ ଭଳିଆ ବନ୍ଦ ପାଳନ ହେବ ନାହିଁ। ମାନବୀୟ ଆଧାରରେ ଲୋକଙ୍କୁ ସମସ୍ୟା ନ ହେବ ସେନେଇ ନିଷ୍ପତି ନିଆଯାଇଛି। ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବା, କର୍ଫ୍ୟୁ ଲାଗୁ କରାଯିବ ନାହିଁ। ତେଣୁ ଲୋକମାନେ ନିଜେ ପାଳନ କରନ୍ତୁ। ମାସ୍କ ପରିଧାନ, କରନ୍ତୁ, ସମାଜିକ ଦୂରତା, ସାନିଟାଇଜର ବ୍ୟବହାର କରନ୍ତୁ। ଏନଫୋର୍ସମେଣ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଭିଡ ସ୍ଥାନରେ ଚଢାଉ କରାଯିବ। କଟକଣା ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାରେ କୋଭିଡ୍ ସଂକ୍ରମଣ ହାର ବୃଦ୍ଧି ପାଇଛି । ପରିବାର ଲୋକଙ୍କୁ ମଧ ସୁସ୍ଥ ରଖିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ବୟସ୍କମାନଙ୍କୁ ଅଧିକ ଯତ୍ନ ନିଅନ୍ତୁ। ଅତି ଆବଶ୍ୟକ ନ ପଡିଲେ ଘରୁ ପଦାକୁ ବାହାରନ୍ତୁ ନାହିଁ ବୋଲି କହିଥିଲେ । ଏହାକୁ ରୋକାଯିବାକୁ ଜନଭାଗିଦାରୀ ଜରୁରି ରହିଛି ବୋଲି ଜିଲାପାଳ ପରିଡା ଓ ଏସପି ଗଙ୍ଗାଧର ସୂଚନା ଦେଇଛନ୍ତି। ପୂର୍ବାହ୍ନରେ ଜିଲାପାଳ ପରିଡା, ଏସ୍‌ପି ଗଙ୍ଗାଧର ପ୍ରମୁଖ ସହରର ବିଭିନ୍ନ ବଜାର, ମଲ, ଦୋକାନ ଗୁଡିକ ବୁଲି ସ୍ଥିତି ପରଖିଥିଲେ। ଦୋକାନ ମାଲିକମାନଙ୍କୁ କଟକଣା ପାଳନ କରିବାକୁ ପରାମର୍ଶ ଦେଇଥିଲେ ।



ସମ୍ବଲପୁର ଜିଲାପାଳ ଅଫିସ ପରିସରରେ ଖବରଦାତା ସମ୍ମିଳନୀରେ ଅଧିକାରୀମାନେ।

## ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

**ଝାରସୁଗୁଡା ଅଫିସ୍,୭।୧**

**ଝାରସୁଗୁଡା ଜିଲା**

ଝାରସୁଗୁଡା ଜିଲା ବେହେରାମାଲ ସ୍ଥିତ ଭାଜପା କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ରୀନା ପଟେଲଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲା ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ମୁଖ୍ୟଅତିଥି, ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ କଳ୍ପନା ଲେଙ୍କା, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ମଙ୍ଗଳ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ କୁମାର ପଣ୍ଡା, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ପ୍ରମୋଦ ସେନାପତି, ଉପସଭାପତି ମଞ୍ଜୁମାଳା ଗୁରୁ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ପ୍ରେମସେନ ରାୟ, ସମ୍ପାଦକ ସୋନୁ ଥିରାନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ମହିଳା ମୋର୍ଚ୍ଚାର ୮ଦଫା ସମ୍ବଳିତ ଦାବି ସହ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଏଥିମଧ୍ୟରେ ଦେଶରେ ମହିଳାମାନଙ୍କ ଉନ୍ନତି ତଥା ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଯୋଜନାକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏଥିରେ ଜିଲା ମହିଳା ମୋର୍ଚ୍ଚାର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।



କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିବା ଦଳୀୟ କାର୍ଯ୍ୟକର୍ତ୍ତା।

## ହୀରାକୁଦ ଜଳଭଣ୍ଡାରରେ ଅତିଥି ପକ୍ଷୀଙ୍କ ସମାଗମ





ସମ୍ବଲପୁରସ୍ଥିତ ହୀରାକୁଦ ଜଳଭଣ୍ଡାରରେ ଅତିଥି ପକ୍ଷୀଙ୍କ ସମାଗମ ହୋଇଥିବାରୁ ଶୁକ୍ରବାର ହୀରାକୁଦ ବନ୍ୟଜନ୍ତୁ, ବରଗଡ ଓ ଝାରସୁଗୁଡା ଜଙ୍ଗଲ ବିଭାଗ ମିଳିତ ଭାବେ ପକ୍ଷୀ ଗଣନା କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜାନୁୟାରୀ ୮/୨୦୨୨ Sambalpur, Saturday, January 8/ 2022

## ସଂକ୍ଷେପରେ

### ଦୈନିକ ସଂକ୍ରମଣ ଲକ୍ଷେ ଟପିଲା

**ନୂଆଦିଲ୍ଲୀ,୭।୧:** ଭାରତରେ ଦୈନିକ କୋଭିଡ୍ ସଂକ୍ରମଣ ଲକ୍ଷେ ଟପିଛି। ଶୁକ୍ରବାର ୧,୧୭,୧୦୦ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା ପୂର୍ବଦିନ ମାମଲା ତୁଳନାରେ ୨୮.୮ ପ୍ରତିଶତ ଅଧିକ। ଏଥିସହିତ ଦିନକରେ ୩୦୨ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏହାକୁ ମିଶାଇ ଦେଶରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୪,୮୩,୧୭୮ରେ ପହଞ୍ଚିଛି। କେରଳରେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୨୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପଶ୍ଚିମବଙ୍ଗରେ ୧୯ ଜଣଙ୍କ ଜୀବନ ଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୬ରେ ଭାରତରେ ପ୍ରଥମ ଥର ପାଇଁ ଦୈନିକ ସଂକ୍ରମଣ ୧ ଲକ୍ଷ ଅତିକ୍ରମ କରିଥିଲା। ଦେଶରେ ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୩,୦୦୭ରେ ପହଞ୍ଚିଛି।

### ଲୋକଙ୍କ ଜୀବନ ନେଉଛି ଓମିକ୍ରନ୍

**ଜେନେଭା,୭।୧:** କରୋନା ଭୂତାଣୁର ଓମିକ୍ରନ୍ ଭାରିଆଣ୍ଟ ସାରା ବିଶ୍ୱରେ ଲୋକଙ୍କ ଜୀବନ ନେଉଛି। ତେଣୁ ନୂଆ ଭାରିଆଣ୍ଟକୁ ସାମାନ୍ୟ ଭାବି ଅବହେଳା ନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ବହୁସଂଖ୍ୟାରେ ଲୋକ ନୂଆ ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହେଉଛନ୍ତି। ବିଭିନ୍ନ ଦେଶରେ ଏହା ଡେଲ୍ଟା ସଂକ୍ରମଣକୁ ଅତିକ୍ରମ କରିଗଲାଣି। ହସ୍ପିଟାଲଗୁଡ଼ିକରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଓମିକ୍ରନ୍ ଭାରିଆଣ୍ଟ ଟିକା ନେଇଥିବା ରୋଗୀଙ୍କୁ ଡେଲ୍ଟା ଭଳି ଗୁରୁତର କରୁ ନାହିଁ। ସେଥିପାଇଁ ଏହାକୁ ସାମାନ୍ୟ ଭାବିବା ଠିକ୍ ନୁହେଁ ବୋଲି ଡବ୍ଲ୍ୟୁଏଚ୍ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି।



### ନୂଆ ଗାଇଡ୍‌ଲାଇନ

### ବିଦେଶୀଙ୍କ ଲାଗି ୭ ଦିନ ସଙ୍ଗରୋଧ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୭।୧:** କେନ୍ଦ୍ର ସରକାର ବିଦେଶୀ ଯାତ୍ରୀମାନଙ୍କ ଲାଗି ଶୁକ୍ରବାର ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛନ୍ତି। ବିଦେଶରୁ ଆସୁଥିବା ପ୍ରତ୍ୟେକ ଯାତ୍ରୀଙ୍କ ଲାଗି ୭ ଦିନ ହୋମ୍ କ୍ୱାରାଣ୍ଟାଇନ (ସଙ୍ଗରୋଧ) ବାଧ୍ୟତାମୂଳକ କରାଯାଇଛି। ଜାନୁୟାରୀ ୧୧ରୁ ଏହା ଲାଗୁ ହେବ। ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ଯାତ୍ରୀଙ୍କୁ ବିମାନ ଯାତ୍ରା ପୂର୍ବରୁ ସ୍ୱଘୋଷିତ ଫର୍ମରେ ସମ୍ପୂର୍ଣ୍ଣ ତଥା ବାସ୍ତବିକ ତଥ୍ୟ ଏବଂ ୧୪ ଦିନର ଟ୍ରାଭେଲ ହିଷ୍ଟ୍ରି ଅନ୍‌ଲାଇନ ଏୟାର ସୁବିଧା ପୋର୍ଟାଲରେ ଦାଖଲ କରିବାକୁ ହେବ। କୋଭିଡ୍ ପରୀକ୍ଷା ବିମାନ ଯାତ୍ରା କରିବାର ପୂର୍ବ ୭୨ ଘଣ୍ଟା ମଧ୍ୟରେ ହୋଇଥିବା ଆବଶ୍ୟକ। ଭାରତରେ ପହଞ୍ଚିବା ପରେ ସେମାନଙ୍କର ପରୀକ୍ଷା କରାଯିବ। ଏଥିପାଇଁ ସେମାନଙ୍କୁ ଏୟାର ସୁବିଧା ପୋର୍ଟାଲରେ ଅନ୍‌ଲାଇନରେ ପୂର୍ବରୁ ବୁକିଂ କରିବାକୁ ହେବ। ସମସ୍ତ ଯାତ୍ରୀ ୭ ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିବେ ଏବଂ ଅଷ୍ଟମ ଦିନରେ ଆର୍‌ଟି-ପିସିଆର୍ ପରୀକ୍ଷା କରାଇବେ। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନେ ପରବର୍ତ୍ତୀ ୭ ଦିନ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ନେଗେଟିଭ୍ ଥିଲେ କ୍ୱାରାଣ୍ଟାଇନରେ ରହିବେ ଏବଂ ପଜିଟିଭ୍ ହୋଇଥିଲେ କଠୋର ଆଇସୋଲେଶନ ନିୟମ ମାନିବାକୁ ପଡ଼ିବ।

# ଟେକ୍ ଫଗ୍: ଘୃଣା ବିସ୍ତାର ଅସ୍ତ୍ର

## ଟାର୍ଗେଟରେ ମହିଳା ଖବରଦାତା, ସମାଲୋଚକ, ବିରୋଧୀ




ନୂଆଦିଲ୍ଲୀ,୭।୧

ଇସ୍ରାଏଲ୍‌ର ପେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରି ବିବାଦ ଥମି ନ ଥିବାବେଳେ ଭାଜପା ଆଇଟି ସେଲ୍ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଶାସକ ଦଳର ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାଣ୍ଡେଲ କରୁଥିବା ଏହି ଶାଖା ଗୈରିକ ଦଳର କୃତ୍ରିମ ଲୋକପ୍ରିୟତା ବୃଦ୍ଧି ଓ ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ ଏକ ଅଭିନବ କୌଶଳ ଆପଣାଇଛି। ଆଇଟି ସେଲ୍ 'ଟେକ୍ ଫଗ୍' ଶୀର୍ଷକ ଏକ ସ୍ୱତନ୍ତ୍ର ଆପ୍ଲିକେଶନ ବିକଶିତ କରିଛି। ଉକ୍ତ ଆପ୍ ଜରିଆରେ ଫେସ୍‌ବୁକ୍ ଓ ଟୁଇଟର ସମେତ ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ଭାଜପାକୁ ଅତ୍ୟଧିକ ଲୋକପ୍ରିୟ କରାଉଛି। କେବଳ ଏତିକି ନୁହେଁ, ଭାଜପାକୁ ସମାଲୋଚନା କରୁଥିବା ୟୁଜର୍ସ ବିଶେଷକରି ମହିଳା ଖବରଦାତାଙ୍କୁ ଧମକ ଦେଇ ହଇରାଣ କରିବା ପାଇଁ ଟେକ୍ ଫଗ୍ ଏକ ଅସ୍ତ୍ର ପାଲଟିଛି। ଏଥିରେ ରାଜନୈତିକ ବିରୋଧୀ, ସମାଲୋଚକ ଓ ନିର୍ଦ୍ଦିଷ୍ଟ ସମୁଦାୟକୁ ଟାର୍ଗେଟ କରାଯାଉଛି। ଦକ୍ଷିଣପନ୍ଥୀ ନିର୍ବାଚନୀ ଏଜେଣ୍ଡା ପାଇଁ ଘୃଣା ବିସ୍ତାର କରାଯାଉଛି। ଉକ୍ତ ଆପ୍ ଜିଓ ରେପ୍ଲିକେଟେଡ୍ ସର୍ଭର ଜରିଆରେ ପରିଚାଳିତ ହେଉଥିବାରୁ ଏହାକୁ ଠାବ କରିବା ସମ୍ଭବ ନୁହେଁ। କେନ୍ଦ୍ରରେ କ୍ଷମତାସୀନ ଦଳ, ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେୱାଇଏମ୍) ଏବଂ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏହାକୁ ଆକ୍ସେସ୍ କରୁଛନ୍ତି। ଏକ ପ୍ରମୁଖ ଜାତୀୟ ୱେବ୍‌ସାଇଟ୍ ପକ୍ଷରୁ ୨ ବର୍ଷ ଧରି ଅନୁସନ୍ଧାନ କରାଯିବା ପରେ ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ ହୋଇଛି। ତେବେ ବିଜେୱାଇଏମ୍ ଏହାକୁ ଆକ୍ସେସ୍ କରିଥିବା ଅଭିଯୋଗକୁ ଖଣ୍ଡନ କରିଛି।

ରିପୋର୍ଟ ଅନୁସାରେ ତଦନ୍ତରୁ ଜଣାପଡ଼ିଛି ଯେ, ଟେକ୍ ଫଗ୍ ଆପ୍ଲିକେଶନ ଟୁଇଟର ହ୍ୟାଶ୍‌ଟ୍ୟାଗ୍‌କୁ ହାଇଜ୍ୟାକ୍ କରିବାରେ ସକ୍ଷମ। ଏହା ସକ୍ରିୟ ନ ଥିବା ହ୍ୱାଟ୍ସଆପ୍ ଆକାଉଣ୍ଟଗୁଡ଼ିକୁ କବ୍‌ଜା କରି ସେଥିରେ ଭାଜପା ପାଇଁ ପ୍ରୋପାଗାଣ୍ଡା (ଜନମତକୁ ପ୍ରଭାବିତ କରିବା ସକାଶେ ପ୍ରଚାର) ବିସ୍ତାର କରୁଛି। ଏଥିସହ ଭାଜପାକୁ ସମାଲୋଚନା କରୁଥିବା ମହିଳା ଖବରଦାତାମାନଙ୍କୁ ଅନ୍‌ଲାଇନ୍‌ରେ ହଇରାଣ କରୁଛି। ସେମାନଙ୍କ ବିରୋଧରେ ଯୌନ ଉତ୍ପୀଡ଼ନକାରୀ ଟିପ୍ପଣୀ ଓ ଧମକ ଦିଆଯାଉଛି। ଟେକ୍ ଫଗ୍ ଜରିଆରେ ଏହାର ୟୁଜର୍ସ ଇ-ମେଲ୍ ଏବଂ ଟେକ୍ସଟ୍ ମେସେଜ୍ ଭେରିଫିକେଶନ ବିନା ଟୁଇଟର୍ ତଥା ଫେସ୍‌ବୁକ୍ ଆକାଉଣ୍ଟକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଆନ୍ତି। ଟେକ୍ ଫଗ୍ ହ୍ୱାଟ୍ସଆପ୍‌ରେ ଲୋକଙ୍କ ନିଷ୍କ୍ରିୟ ଆକାଉଣ୍ଟଗୁଡ଼ିକୁ ଆୟତ୍ତ କରି କଣ୍ଟାକ୍ଟରେ ଥିବା ଲୋକଙ୍କ ନିକଟକୁ ମେସେଜ୍ ପଠାଇଥାଏ। ରାଜନୈତିକ ଅଭିଯାନ ପାଇଁ ଅନ୍ୟମାନଙ୍କୁ ଅନ୍‌ଲାଇନ୍‌ରେ ଟ୍ରୋଲ କରିବାରେ ଏହା ବିଶେଷଭାବେ ସହାୟକ ହୋଇଥାଏ ବୋଲି ଉକ୍ତ ରିପୋର୍ଟରେ ଦାବି କରାଯାଇଛି।




ଟୁଇଟରରେ ଦେବାଙ୍ଗ ଦବେଙ୍କ ପ୍ରୋଫାଇଲ୍ ଫଟୋ

ଟେକ୍ ଫଗ୍ ମ୍ୟାନେଜର ଦେବାଙ୍ଗ ଦବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ଅଫିସରେ କାମ କରୁଥିଲେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେତେକ ଆକାଉଣ୍ଟକୁ ପରିଚାଳନା କରିଥାଆନ୍ତି। ଏପରି କି ନିର୍ବାଚନ କମିଶନ ମଧ୍ୟ ଦେବାଙ୍ଗଙ୍କୁ କେତେକ କାମ ଠିକାରେ ଦେଇଥିବା କୁହାଯାଉଛି। ତେବେ ଟେକ୍ ଫଗ୍ ସହିତ ନିଜ ସମ୍ପୃକ୍ତିକୁ ଦେବାଙ୍ଗ ଖଣ୍ଡନ କରିଛନ୍ତି।

## ସଂସଦୀୟ କମିଟି ତଦନ୍ତ କରୁ: ଓ'ବ୍ରାଏନ୍

ନୂଆଦିଲ୍ଲୀ,୭।୧

ଭାଜପା ଆଇଟି ସେଲ୍ ଟେଣ୍ଡ୍‌ସରେ ଜାଲିଆତି କରି କେତେକ ଅଚଳ ହ୍ୱାଟ୍ସଆପ୍ ଆକାଉଣ୍ଟ ଜରିଆରେ ମେସେଜ ପଠାଉଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ଏହାର ତଦନ୍ତ କରୁ ବୋଲି ସେ ପ୍ୟାନେଲ ଅଧ୍ୟକ୍ଷ ଆନନ୍ଦ ଶର୍ମାଙ୍କ ନିକଟକୁ ପତ୍ର ଲେଖିଛନ୍ତି।

ରାଜ୍ୟ ସଭାରେ ଟିଏମ୍‌ସି ନେତା ଓ'ବ୍ରାଏନ୍ ସ୍ୱରାଷ୍ଟ୍ର ବ୍ୟାପାର ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ



ଆନନ୍ଦ ଶର୍ମାଙ୍କୁ ଗୁରୁବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, 'ଟେକ୍ ଫଗ୍' ନାମରେ ଏକ ଗୁପ୍ତ ଆପ୍‌କୁ ଭାଜପା ଆଇଟି ସେଲ୍ ବ୍ୟବହାର କରୁଥିବା ସାମ୍ନାକୁ ଆସିଛି। ଏହି

### ବିପଦରେ ଜାତୀୟ ସୁରକ୍ଷା

ଆପ୍ଲିକେଶନ ଏନ୍‌କ୍ରିପ୍ଟେଡ୍ ମେସେଜିଂ ପ୍ଲାଟ୍‌ଫର୍ମଗୁଡ଼ିକ ଭିତରକୁ ପ୍ରବେଶ କରି ସାମାଜିକ ଗଣମାଧ୍ୟମରେ ହେଉଥିବା କଥୋପକଥନର ତଥ୍ୟ ହାସଲ କରିବାରେ ସକ୍ଷମ। ଏହା ଜାତୀୟ ସୁରକ୍ଷା ଓ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବା ସହ ନାଗରିକଙ୍କ ପ୍ରିଭେସି ନିରାପତ୍ତାକୁ ଗମ୍ଭୀର ଭାବେ ପ୍ରଭାବିତ କରିପାରେ। ତେଣୁ ତୁରନ୍ତ ଏହାର ତଦନ୍ତ ଜରୁରୀ ବୋଲି ଷ୍ଟାଣ୍ଡିଂ କମିଟି ସଦସ୍ୟ ଥିବା ଓ'ବ୍ରାଏନ୍ ଦାବି କରିଛନ୍ତି।

କଂଗ୍ରେସ ମୁଖପାତ୍ର ପବନ ଖେରା ଟୁଇଟରରେ ହ୍ୟାଶ୍‌ଟ୍ୟାଗ୍ ଟେକ୍ ଫଗ୍ ବ୍ୟବହାର କରି ଲେଖିଛନ୍ତି, ମୋଦି ସରକାର କିପରି ନିଜ ବିଭାଜନକାରୀ ପ୍ରୋପାଗାଣ୍ଡା ପାଇଁ ଘୃଣିତ ଓ କୃତ୍ରିମ ସହାୟତା ନେଉଛନ୍ତି ଏହା ହେଉଛି ତାହାର ଉଦାହରଣ।



ପବନ ଖେରା




୨୦୨୦ରେ କରୋନା ମୁକାବିଲା ପାଇଁ କେନ୍ଦ୍ର ସରକାର ଲକ୍‌ଡାଉନ୍ ଜାରି କରିଥିବାବେଳେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ସହରରେ ଜୀବିକା ହରାଇ ଗାଁକୁ ମୁହାଁଇଥିଲେ। ସେମାନେ ଚାଲିଚାଲି ଯାଉଥିବା ଦୃଶ୍ୟ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଥିଲା। ଏହାକୁ ନେଇ ମେ' ୪ରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଘୋଷଣା କରିଥିଲେ, ଦାଦନ ଶ୍ରମିକମାନଙ୍କ ଟ୍ରେନ୍ ଯାତ୍ରା ଖର୍ଚ୍ଚ ପ୍ରତ୍ୟେକ ରାଜ୍ୟର ପ୍ରଦେଶ କଂଗ୍ରେସ କମିଟି ବହନ କରିବ। ଏହାର ଜବାବରେ ଟେକ୍ ଫଗ୍‌କୁ ବ୍ୟବହାର କରାଯାଇଥିଲା। ସେହିଦିନ ରାତି ୮ଟା ୨୫ରେ 'ହ୍ୟାଶଟ୍ୟାଗ୍ ଶ୍ରମିକଙ୍କ ବିରୋଧରେ କଂଗ୍ରେସ' ସୋସିଆଲ ମିଡିଆରେ ଟ୍ରେଣ୍ଡ କରିଥିଲା।

# ୧୦ ଲକ୍ଷ ଛୁଇଁପାରେ ଦୈନିକ ସଂକ୍ରମଣ



ନୂଆଦିଲ୍ଲୀ,୭।୧

ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଦେଶରେ କୋଭିଡ୍‌ର ତୃତୀୟ ଲହର ଆସିଯାଇଛି। ଏହା ଜାନୁୟାରୀ ଶେଷ ସୁଦ୍ଧା ଶୀର୍ଷ ଛୁଇଁବ ଏବଂ ଦୈନିକ ସଂକ୍ରମଣ ୧୦ ଲକ୍ଷରେ ପହଞ୍ଚିବ ବୋଲି ବେଙ୍ଗାଲୁରୁର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ଏବଂ ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍

### ଜାନୁୟାରୀ ଶେଷରେ ତୃତୀୟ ଲହର ଶୀର୍ଷ

(ଆଇଏସ୍‌ଆଇ) ପକ୍ଷରୁ କୁହାଯାଇଛି। ନୂଆ ମଡେଲ ଅଧ୍ୟୟନ ଅନୁଯାୟୀ ବିଭିନ୍ନ ରାଜ୍ୟରେ ଜାନୁୟାରୀ ମଧ୍ୟଭାଗରୁ ଫେବୃୟାରୀ ୧୫ ମଧ୍ୟରେ ସଂକ୍ରମଣ ପିକ୍ ହୋଇ ମାର୍ଚ୍ଚରୁ କମିବା ଆରମ୍ଭ ହେବ ବୋଲି ଏଥିରେ କୁହାଯାଇଛି। ଦିଲ୍ଲୀରେ ଜାନୁୟାରୀ ମଧ୍ୟଭାଗରେ ସଂକ୍ରମଣ ଶୀର୍ଷରେ ପହଞ୍ଚିବାକୁ ଥିବାବେଳେ ଫେବୃୟାରୀ ପ୍ରଥମ ସପ୍ତାହରେ ତାମିଲନାଡୁରେ ପିକ୍‌ରେ ପହଞ୍ଚିବ। ବିଭିନ୍ନ ସ୍ଥାନରେ ଗହଳି ଯୋଗୁ ଓମିକ୍ରନ୍ ସଂକ୍ରମଣ ଅତିମାତ୍ରାରେ ବଢ଼ିଚାଲିଛି। ଆଇଆଇଟି କାନପୁରର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲଙ୍କ ମତରେ ଜାନୁୟାରୀ ଶେଷ ଭାଗରେ ତୃତୀୟ ଲହର ପିକ୍‌ରେ ପହଞ୍ଚିବ। ସେତେବେଳକୁ ଦୈନିକ ସଂକ୍ରମଣ ୪ରୁ ୮ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ନୂଆଦିଲ୍ଲୀ ଓ ମୁମ୍ବାଇରେ ଆଗାମୀ ୧୦ ଦିନ ମଧ୍ୟରେ ସଂକ୍ରମଣ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ। ତେବେ ତୃତୀୟ ଲହର ମାର୍ଚ୍ଚ ପରେ ରହି ନ ପାରେ ବୋଲି ଅଗ୍ରୱାଲ ଆଶାବ୍ୟକ୍ତ କରିଛନ୍ତି। ଲକ୍‌ଡାଉନ କଟକଣା କଠୋର କଲେ ତୃତୀୟ ଲହର ବିଳମ୍ବ ହେବା ସହ ଏହା ଅଧିକ ଦିନ ରହିପାରେ। ତେବେ ଏହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ବୋଝ ହେବ ନାହିଁ ବୋଲି ଆଇଆଇଟି ପ୍ରଫେସର କହିଛନ୍ତି।




# ଫିରୋଜପୁରରେ କେନ୍ଦ୍ରୀୟ ଟିମ୍

ଚଣ୍ଡିଗଡ଼/ଫିରୋଜପୁର,୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ହୋଇଥିବା ସୁରକ୍ଷାରେ ତ୍ରୁଟିକୁ ନେଇ ତଦନ୍ତ କରୁଥିବା ଏକ କେନ୍ଦ୍ରୀୟ ଟିମ୍ ଶୁକ୍ରବାର ଫିରୋଜପୁର ଗସ୍ତ କରିଛି। ଏହି ପ୍ରସଙ୍ଗରେ ପଞ୍ଜାବ ସରକାର ମାମଲା ରୁଜୁ କରିଥିବା କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ ରିପୋର୍ଟରେ ଅବଗତ କରାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଗଠିତ ତଦନ୍ତକାରୀ ଟିମ୍‌ର ନେତୃତ୍ୱ କ୍ୟାବିନେଟ ସେକ୍ରେଟାରିଏଟ୍ ସୁରକ୍ଷା ସଚିବ ସୁଧୀର କୁମାର ସାକ୍ସେନା ନେଉଥିବାବେଳେ ଏଥିରେ ଗୋଇନ୍ଦା ବ୍ୟୁରୋ ଯୁଗ୍ମ ନିର୍ଦ୍ଦେଶକ ବଲବୀର ସିଂ ଏବଂ ସ୍ପେଶାଲ



ଅପରେଶନ ଗ୍ରୁପ୍ ଆଇଜି ଏସ୍. ସୁରେଶ ସଦସ୍ୟ ଅଛନ୍ତି। ଯଥାଶୀଘ୍ର ସମ୍ଭବ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ୩ ଜଣିଆ ତଦନ୍ତକାରୀ ଟିମ୍ ମୋଦିଙ୍କ ଜାନୁୟାରୀ ୫

### ମୋଦିଙ୍କ ସୁରକ୍ଷାରେ ତ୍ରୁଟି: ମାମଲା ରୁଜୁ କଲେ ପଞ୍ଜାବ ସରକାର

ଗସ୍ତ ବେଳେ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କିତ ବିସ୍ତୃତ ବିବରଣୀ ହାସଲ ଲାଗି ଶୁକ୍ରବାର ଫିରୋଜପୁର ଗସ୍ତ କରିଥିଲା। ଶୀତୁଆ ପାଗରେ ଟିମ୍ ସଦସ୍ୟମାନେ ଫିରୋଜପୁର ନିକଟସ୍ଥ ପ୍ୟାରାୟାନା ଫ୍ଲାଏଓଭରରେ ପଞ୍ଜାବର ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। କିପରି ଓ କେଉଁ ପରିସ୍ଥିତିରେ ସୁରକ୍ଷାରେ ତ୍ରୁଟି ହେଲା, ଯଦ୍ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍ ଫ୍ଲାଏଓଭର ଉପରେ ୧୫-୨୦ ମିନିଟ ଧରି ଫସିରହିଥିଲା ସେନେଇ ଟିମ୍ ସଦସ୍ୟମାନେ ପଚରାଉଚରା କରିଥିଲେ। ଫ୍ଲାଏଓଭର ଉପରେ ସେମାନେ ୪୫ ମିନିଟ ରହିବା ପରେ ବିଏସ୍‌ଏଫ୍ ସେକ୍ଟର ହେଡ୍‌କ୍ୱାର୍ଟର୍ସକୁ ଯାଇ ଅଧିକ ତଦନ୍ତ କରିଥିଲେ। ରାଜ୍ୟ ସରକାରଙ୍କ କେତେଜଣ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ କେନ୍ଦ୍ରୀୟ ଟିମ୍ ସମନ କରିଥିବା ଜଣାପଡ଼ିଛି। ଇତିମଧ୍ୟରେ ପଞ୍ଜାବ ମୁଖ୍ୟ ଶାସନ ସଚିବ ଅନିରୁଦ୍ଧ ତିୱାରୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପତ୍ର ଲେଖି ଘଟଣା ଉପରେ ଏଫ୍‌ଆଇଆର୍ କରାଯାଇଥିବା ଅବଗତ କରାଇଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ବେଳେ ବିକ୍ଷୋଭରତ ଅଜ୍ଞାତ ଚାଷୀମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ଏଥିରେ କୁହାଯାଇଛି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ଛାତ୍ରୀଛାତ୍ରଙ୍କୁ କରୋନା ଟିକା**

ଖପ୍ରାଖୋଲ,(ଡି.ଏନ.ଏ.): ସରକାର କରୋନା ନିୟନ୍ତ୍ରଣ ପାଇଁ ଏବେ ୧୫ରୁ ୧୮ ବର୍ଷ ବୟସର ଛାତ୍ରୀଛାତ୍ରଙ୍କୁ ମାଗଣାରେ କରୋନା ଟିକା ଦେବା ବ୍ୟବସ୍ଥା କରିଛନ୍ତି। ଖପ୍ରାଖୋଲ ବ୍ଲକ ଘୁନସର ଆରବିଏସେସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୦ ଜଣ ଛାତ୍ରୀ ଛାତ୍ର ଏକାସାଙ୍ଗରେ ଟିକା ନେଇଥିବା ଜଣାଯାଇଛି। ବିଦ୍ୟାଳୟର ଅଧକ୍ଷ ରଜତ କୁମାର ମିଶ୍ର ଓ ପରିଚାଳନା କମିଟି ସଦସ୍ୟ ଅଚ୍ୟୁତା ନନ୍ଦ ସାହୁଙ୍କ ଉପସ୍ଥିତିରେ ଟିକା ପ୍ରଦାନ କରାଯାଇଥିଲା। ଟିକା ପ୍ରଦାନକାରୀ ଟିମ୍‌ର କାଦମ୍ବିନୀ ପୁରୋହିତ, ବବିତା ପଧାନ, ଆସିନା ବଗର୍ତା, ବିକାଶ ତ୍ରିପାଠୀ ପ୍ରମୁଖ ଟିକା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କରୋନା ପଜିଟିଭ ଚିହ୍ନଟ ପରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବନ୍ଦ

**ବଲାଙ୍ଗୀର ଅଫିସ,୭।୧:** ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପୁରୁଣା ପିଜି ହଷ୍ଟେଲରେ ରହୁଥିବା ଜଣେ ଛାତ୍ର ଓ ଦୁଇଜଣ ଲାଇବ୍ରେରି ଷ୍ଟାଫ୍ କରୋନା ପଜିଟିଭ ଚିହ୍ନଟ ହେବା ପରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଗୁରୁବାର ଦିନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପିଜି ହଷ୍ଟେଲରେ ରହୁଥିବା ଜଣେ ଛାତ୍ର କରୋନା ପଜିଟିଭ ବୋଲି ଜଣାପଡିଥିଲେ। ଏହି ରିପୋର୍ଟ ଆସିବା ପରେ ବିଶ୍ୱବିଦ୍ୟାଳୟର ସମସ୍ତ କ୍ଲାସ୍‌କୁ ୧୫ ତାରିଖ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିବା ନିଷ୍ପତ୍ତି ନିଆଯାଇଥିଲା। ଏହାସହିତ ସୋମବାର ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଶୁକ୍ରବାର ଦିନ ବିଶ୍ୱବିଦ୍ୟାଳୟର ଦୁଇଜଣ ଲାଇବ୍ରେରି ଷ୍ଟାଫ୍ କରୋନା ପଜିଟିଭ ଜଣାପଡିଥିଲେ। ଏଭଳି ରିପୋର୍ଟ ଆସିବା ପରେ ବିଶ୍ୱବିଦ୍ୟାଳୟ ଷ୍ଟାଫ୍‌ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ କୁଳପତି ପ୍ରଫେସର ମହାପାତ୍ର ପରାମର୍ଶ ଦେଇଛନ୍ତି।

### ସାନ୍ଧୁଲ ନଦୀରେ ବ୍ୟାରେଜ ପାଇଁ ମଞ୍ଜୁରି

**ପଲମ,୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ପ୍ରବାହିତ ସାନ୍ଧୁଲ ନଦୀରେ ବ୍ୟାରେଜ ପ୍ରକଳ୍ପ ନିର୍ମାଣ ସକାଶେ ରାଜ୍ୟ କ୍ୟାବିନେଟ ମଞ୍ଜୁରି ଦେଇଛି। ମ.ରାମପୁର ବ୍ଲକ ତୁଟା ଗ୍ରାମ ନିକଟରେ ହେବାକୁ ଥିବା ସାନ୍ଧୁଲ ବ୍ୟାରେଜ ପ୍ରକଳ୍ପରେ ୧୨୬ କୋଟି ୪୬ଲକ୍ଷ୮୨ ହଜାର ଚାରି ଶହ ଅଠାନବେ ଟଙ୍କା ଖର୍ଚ୍ଚ ହେବ। ସେହିପରି ୫ବର୍ଷ ଲାଗି ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୧ କୋଟି ସତାଅଶି ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମତି ମିଳିଛି। ୩୦ ମାସ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହେବା ଲକ୍ଷ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୨୯ଟି ଗ୍ରାମର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇ ପାରିବ। ଉକ୍ତ ପ୍ରକଳ୍ପ ନିର୍ମାଣ ଲାଗି ଧାର୍ଯ୍ୟ ହେବା ପରେ ଚାଷୀ ମହଲରେ ଖୁସିର ଲହରୀ ଖେଳି ଯାଇଛି।

### ପ୍ରଥମ ପର୍ଯ୍ୟାୟରେ ୨୪ ହଜାର ପାଠ୍ୟ ପୁସ୍ତକ ଯୋଗାଣ

**ଲୋଇସିଂହା,୭।୧(ଡି.ଏନ.ଏ.):** ଗଣଶିକ୍ଷା ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ପାଠ୍ୟପୁସ୍ତକ ଶୁକ୍ରବାର ଯୋଗାଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୪ ହଜାର ୪୧୧ ପାଠ୍ୟ ପୁସ୍ତକ ଆସିଥିବା ଜଣାଯାଇଛି। ୨୦ଟି ପଞ୍ଚାୟତକୁ ନେଇ ଲୋଇସିଂହା ପଞ୍ଚାୟତ ସମିତି ଗଠିତ। ବ୍ଲକରେ ୧୦୮ଟି ଗାଁ ରହିଛି। ବ୍ଲକରେ ୧୨୧ଟି ସରକାରୀ ସ୍କୁଲ ରହିଛି। ତନ୍ମଧ୍ୟରୁ ୫୨ ପ୍ରାଥମିକ, ୪୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୨୨ ହାଇସ୍କୁଲ ରହିଛି। ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ସରକାରୀ ସ୍କୁଲକୁ ଆକୃଷ୍ଟ କରିବା ପାଇଁ ସରକାର ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ କରୁଛନ୍ତି। ଏହି କ୍ରମରେ ଶୁକ୍ରବର ଲୋଇସିଂହା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ବହି ଯୋଗାଣ ହୋଇଛି। ଷ୍ଟୋର ଦାୟିତ୍ୱରେ ଥିବା ପୂର୍ବତନ ସିଆରସିସି ପର୍ଶୁରାମ ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହି ସବୁ ବ୍ଲକ ପରିସରର ବ୍ଲକ କଲୋନୀ ସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହରେ ରଖାଯାଇଛି।

### ପରଲୋକରେ କବିରାଜ ଲିଙ୍ଗରାଜ ପଟ୍ଟନାୟକ

**କୋକସରା,୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମର କବିରାଜ ଲିଙ୍ଗରାଜ ପଟ୍ଟନାୟକ (୭୫)ଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ଏହି ଖବର ପରେ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇ ଆତ୍ମୀୟ ଓ ଅଞ୍ଚଳବାସୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତାଙ୍କ ୨ ପୁଅ, ୩ ବିବାହିତା ଝିଅ, ପୁଅ ବୋହୂ, ନାତିନାତୁଣୀ ରହିଥିଲେ। ବଡ଼ପୁଅ ସତ୍ୟେନ୍ଦ୍ର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ଅଞ୍ଚଳର ଜଣେ ନିଷ୍ଠାପର ସାମାଜିକ କର୍ମୀଙ୍କୁ ହରାଇ ଝରିଆଗୁଡା ଗାଁ ସମେତ ରେଙ୍ଗାଲପାଲି ପଞ୍ଚାୟତରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ପଞ୍ଚାୟତ କର୍ମଚାରୀରୁ ଅବସର ନେବା ପରେ ଅଞ୍ଚଳର ଜନସେବା ପାଇଁ ସେ କବିରାଜ କାମକୁ ବାଛି ନେଇଥିଲେ। ମାନବିକତା ନିଦର୍ଶନ କରି ସେ ନିଜ ଅଞ୍ଚଳରେ ରହୁଥିବା ଗରିବ ଅସହାୟ ଲୋକଙ୍କ ସେବାରେ ସମର୍ପିତ ରହୁଥିଲେ। ହଠାତ ଛାତିରେ ଯନ୍ତ୍ରଣା ହେବାରୁ ପରିବାରବର୍ଗ ତାଙ୍କୁ କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ବେହେରାରେ ଫାଣ୍ଡି ସ୍ଥାପନ ଦାବି ଜୋର

**ବେହେରା,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳ ବେହେରାଠାରେ ପୋଲିସ ଫାଣ୍ଡି ସ୍ଥାପନ ଦାବି ଜୋର ଧରୁଛି। ବେହେରା ଗ୍ରାମ ଦଣ୍ଡପାଟ ଅଞ୍ଚଳର ମୁଖ୍ୟ ବାଣିଜ୍ୟିକ କେନ୍ଦ୍ରବିନ୍ଦୁ। ଏହା ଜିଲାର ସବୁଠାରୁ ବଡ ପଞ୍ଚାୟତ। ପାଖାପାଖି ୧୩ଟି ପଞ୍ଚାୟତ ସହିତ ପଡୋଶୀ ନବରଙ୍ଗପୁର ଜିଲା ଓ ଛତିଶଗଡର ପ୍ରାୟ ୨ଲକ୍ଷରୁ ଅଧିକ ଲୋକ ବିଭିନ୍ନ କାମ ପାଇଁ ନିର୍ଭର କରନ୍ତି। ବିଜୁହାଇୱେ ପାର୍ଶ୍ୱସ୍ଥ ବେହେରାଠାରେ ଇଲେକ୍ଟ୍ରିକାଲ ଷ୍ଟ୍ରକଚର, ମହାବିଦ୍ୟାଳୟ, ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଡାକଘର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦୁଇଟି ପେଟ୍ରୋଲ ପମ୍ପ, ଗ୍ୟାସ ଡିପ, ଫରେଷ୍ଟ ଓ ଆରଆଇ ଅଫିସ ରହିଛି। ଏଠାରୁ କୋକସରା ଥାନା ୧୫ କି.ମି. ଓ ଧର୍ମଗଡ ଥାନା ୨୦ କି.ମି. ଦୂରରେ ରହିଥିବାରୁ ଅନ୍ତଃରାଜ୍ୟ ଓ ଅନ୍ତଃ ଜିଲା ଚୋରା ବ୍ୟାପରୀ, କଳାବଜାରୀ ଓ ଅନୈତିକ ଲୋକଙ୍କ ଅଡ୍ଡାସ୍ଥଳି ପାଲଟିଛି। ଏଥିପାଇଁ ଅନେକ ଦିନରୁ ଏଠାରେ ଏକ ପୋଲିସ ଫାଣ୍ଡି ସ୍ଥାପନ ପାଇଁ ଦାବି ହୋଇଆସୁଛି। ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ରମନ୍ତ୍ରୀ ଓ କଳାହାଣ୍ଡି ଏସ୍‌ପିଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ ମଧ୍ୟ ଏଯାଏଁ ହୋଇ ନ ଥିବାରୁ ଅସନ୍ତୋଷ ଜାହିର କରିଛନ୍ତି। ଇଣ୍ଟରନେଟ୍‌ରେ ଓଡିଶା ପୋଲିସ ସାଇଟ୍ ଖୋଲିଲେ ଦୀର୍ଘ ୨୦୧୫ ମସିହାରୁ ବେହେରା ଫାଣ୍ଡି ଅଟକି ରହିଥିବା ଦେଖାଯାଉଛି। ଏଣୁ ବେହେରାଠାରେ ତୁରନ୍ତ ଏକ ପୋଲିସ ଫାଣ୍ଡି ସ୍ଥାପନ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

**ସେମାନେ ଯାହା କୁହନ୍ତି ...**



"୧୯୯୭ ମସିହାରେ ବେହେରା ବଙ୍ଗଳାରେ ୭ ଦିନ ପାଇଁ ଅସ୍ଥାୟୀ ଫାଣ୍ଡି ଖୋଲା ଯାଇଥିଲା। ନିଜେ ଏସ୍‌ପି ଆସି ଫାଣ୍ଡି ପାଇଁ ସ୍ଥାନ ଦେଖିଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟ ବଶତଃ ଆଜି ପର୍ଯ୍ୟନ୍ତ ଫାଣ୍ଡି ହୋଇପାରି ନାହିଁ।

**ପ୍ରଶାନ୍ତ ତିୱାରୀ, ଜିଲା ବିଜେଡି ସମ୍ପାଦକ**



"ବେହେରାରେ ଫାଣ୍ଡି ସ୍ଥାପନ ପାଇଁ ଆମେ ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ଏସ୍‌ପିଙ୍କୁ ନିବେଦନ କରିଥିଲୁ, କିନ୍ତୁ ଆଜିଯାଏ ହୋଇପାରିନାହିଁ।

**ରଜତ ବଂଶଲ, ଯୁବ ବ୍ୟାପରୀ, ବେହେରା**



"ବେହେରାରେ ସବୁ ପ୍ରକାର ଭିତ୍ତିଭୂମି ଥାଇ ଫାଣ୍ଡି ନ ହେବା ଦୁର୍ଭାଗ୍ୟର ବିଷୟ। ଆଗାମୀ ଦିନରେ ଏଥିପାଇଁ ଲୋକେ ରାଜରାସ୍ତାକୁ ଓହ୍ଲାଇବେ।

**ଘନଶ୍ୟାମ ପଟେଲ, ପୂର୍ବତନ ଜିଲା ପରିଷଦ ସଭ୍ୟ, ଧର୍ମଗଡ ଜୋନ ୨**

# କଳାହାଣ୍ଡିରେ ୫୧୬ ମୋବାଇଲ ଟାୱାର




ଭିଡିଓ କନ୍‌ଫରେନ୍ସରେ ଅତିଥିବୃନ୍ଦ।

**ଭବାନୀପାଟଣା,୭।୧(ସ୍ୱ.ପ୍ର.)**

**ଭିଡିଓ କନ୍‌ଫରେନ୍ସରେ କେନ୍ଦ୍ରମନ୍ତ୍ରୀଙ୍କ ଘୋଷଣା**

କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ୫୧୬ଟି ମୋବାଇଲ ଟାୱାର ନିର୍ମାଣ କରାଯିବ ବୋଲି କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସନ୍ଧ୍ୟାରେ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ଘୋଷଣା କରିଛନ୍ତି। ଭବାନୀପାଟଣା ଦୂର ସଞ୍ଚାର ନିଗମ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓ ଦିଲ୍ଲୀରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନଲାଇନ୍‌ରେ ଯୋଡି ହୋଇଥିଲେ। କାର୍ଯ୍ୟକ୍ରମରେ ଟେଲିକମ୍ ବିଭାଗ ଟିଡିଏମ୍ ସିର୍ଦ୍ଧାଥ୍ ଶଙ୍କର ରାୟ, ଏଜିଏମ୍ ବିପିନ ବିହାରୀ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଗଜାନନ ପ୍ରଧାନ, ଜିଲା ଭାଜପା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା, ଭାରତ ଭୂଷଣ ଦେଓ, ରମେଶ ମାଝି, ପ୍ରମୋଦ ଜୈନ, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଜାତୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲା ଉପସଭାନେତ୍ରୀ ବିନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, କଳାହାଣ୍ଡି ଜିଲାର ଅନେକ ଦୁର୍ଗମ ଅଞ୍ଚଳରେ ଏବେବି ମୋବାଇଲ ସେବା ପହଞ୍ଚି ପାରିନାହିଁ। ଫଳରେ ଛାତ୍ରୀଛାତ୍ର ଅନଲାଇନ ପାଠପଢା, କମ୍ପ୍ୟୁଟର, ଇଣ୍ଟରନେଟ୍ ବ୍ୟବହାର ଓ ସାଧାରଣ ଜନତା ଆବଶ୍ୟକ ବେଳେ ଲୋକଙ୍କ ସହ ଯୋଗାଯୋଗ କରିପାରୁନାହାନ୍ତି। ଏହାକୁ ନେଇ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ସଂସଦରେ ଅଭିଯୋଗ କରିଥିଲେ।

# ଆଦିବାସୀ ସଂଘର ବ୍ଲକ କାର୍ଯ୍ୟାଳୟ ଘେରାଉ

**ବେଲପଡା,୭।୧(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀ କୋଟା କାଟିବାକୁ ନେଇ ଆଦିବାସୀ କଲ୍ୟାଣ ମହାସଂଘ ବଲାଙ୍ଗୀର ପକ୍ଷରୁ ବେଲପଡା ଶାଖାର ଆଦିବାସୀ କର୍ମକର୍ତ୍ତାମାନେ ବେଲପଡା ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏହି ଅବସରରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ମହାସଂଘ ବେଲପଡା ଶାଖାର ବ୍ଲକ ସଭାପତି ବସନ୍ତ ମାଝୀଙ୍କ ନେତୃତ୍ୱରେ ଅଞ୍ଚଳର ମହିଳା ଓ ପୁରୁଷ ପୂର୍ବାହ୍ନରେ ସ୍ଥାନୀୟ ତାରିଣୀ ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ଅପରାହ୍ନ ଗୋଟାଏ ସମୟରେ ଆଦିବାସୀ କର୍ମୀମାନେ ପାରମ୍ପାରିକ ନାଚ ସହ ଅସ୍ତ୍ରଶସ୍ତ୍ର ଧରି ସହର ପରିକ୍ରମା କରିବା ପରେ ବେଲପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ପୋଲିସ କର୍ମଚାରୀଙ୍କୁ ଧସ୍ତାଧସ୍ତି କରିବା ସହ ବ୍ଲକ ସମ୍ମୁଖରେ ଥିବା ୨ଟି ପୋଷ୍ଟରଙ୍କୁ ଚିରି ଦେଇଥିଲେ। ଏହି ଆନ୍ଦୋଳନରେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘର ନିରନ ବିଶି, ବ୍ଲକର ମୁଖ୍ୟ ଉପଦେଷ୍ଟା ପୁରୁଷୋତ୍ତମ ଧରୁଆ, ସମ୍ପାଦକ ରାଜକିଶୋର ଛତ୍ରିଆ, କୁନୁ ମୁଣ୍ଡା, ଇଶ୍ୱର ମିର୍ଦ୍ଧା, ମହେନ୍ଦ୍ର ଧରୁଆ, ଲଳିତ ମିର୍ଦ୍ଧା,ପୁରନ୍ଦର ଛତ୍ରିଆ, ଜଗଜୀବନ ଭୋଇ, ସୟ ଛତ୍ରିଆ, ପଙ୍କଜ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

# ଲାଞ୍ଜିଗଡ଼ରେ ପୁଣି ୨ କରୋନା ପଜିଟିଭ୍

**ଲାଞ୍ଜିଗଡ଼,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳରେ ଗୁରୁବାର ଜଣେ ନେପାଳ ଫେରନ୍ତା କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଶୁକ୍ରବାର ପୁଣି ୨ଜଣ ଚିହ୍ନଟ ହୋଇଛନ୍ତି। ଏ ନେଇ ବ୍ଲକ ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କା ସୂଚନା ଦେଇଛନ୍ତି। ୨ ଜଣଙ୍କ ମଧ୍ୟରୁ ଜଣେ ଲାଞ୍ଜିଗଡ଼ ଆଶ୍ରମପଡାର ହୋଇଥିବା ବେଳେ ଅନ୍ୟ ଜଣେ ରାୟଗଡା ଜିଲା ମୁନିଗୁଡା ଅଞ୍ଚଳର ବୋଲି ସେ କହିଛନ୍ତି। ଏହାସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି ବୋଲି ସୂଚନା ମିଳିଛି।

# ମଦ ବିକ୍ରି ବନ୍ଦ ପାଇଁ ଥାନା ଘେରିଲେ ମହିଳା

**ଦେଓଗାଁ,୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବହଲି ଛକ ତଥା ଗାଁରେ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ବନ୍ଦ କରିବା ଦାବିରେ ଶୁକ୍ରବାର ଅପରାହ୍ନରେ ଗାଁର ୩ଟି ସ୍ୱୟଂ ସହାୟକ ଦଳର ମହିଳାମାନେ ଥାନା ଘେରାଉ କରିଛନ୍ତି। ଅଭିଯୋଗ ଅନୁସାରେ ମଦ ବିକ୍ରି ବୃଦ୍ଧି ଯୋଗୁ ଗାଁରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ମହିଳାମାନେ ନିଜକୁ ଆଉ ସୁରକ୍ଷିତ ମଣୁ ନାହାନ୍ତି। ସନ୍ଧ୍ୟା ସମୟରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏହି ଛକରେ ବାରମ୍ବାର ଲୁଟତରାଜ ହେଉଥିବା ନଜରି ରହିଛି। ମଦ ବିକ୍ରି ବନ୍ଦ ପାଇଁ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲା ସ୍ତରରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ




ଦକ୍ଷତା ବୃଦ୍ଧି ସୂଚନା ପୁସ୍ତକ ଉନ୍ମୋଚନ କରି ସମସ୍ତଙ୍କୁ ପ୍ରଦାନ କରାଯାଇଛି।

**କେସିଙ୍ଗା,୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିର ୱାର୍ଡ ନଂ. ୮ ବିଜୁ ଆଦର୍ଶ କଲୋନୀ (ପଲକାପଡା)ସ୍ଥିତ ପରିଚୟ ଗୃହଠାରେ ୫-ଟି ଜାଗା ସମ୍ପର୍କ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଉପଜିଲାପାଳ ଡ.ବିଶ୍ୱଜିତ ଦାଶ ଯୋଗଦେଇ ତୃତୀୟ ଲହର କୋଭିଡ୍‌କୁ ଭୟ ନ କରି ମାସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ପାଳନ ପାଇଁ କହିଥିଲେ। ବସ୍ତିବାସିନ୍ଦାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଆବଶ୍ୟକ ଭିତ୍ତିଭୂମି ଯଥା ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପକ୍କାରାସ୍ତା, ରାସ୍ତା ଆଲୋକୀକାରଣ, ଶୌଚାଳୟ, ଶିକ୍ଷା, ସାସ୍ଥ୍ୟ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ଶିକ୍ଷା, ସ୍ମାର୍ଟ ସ୍କୁଲ ନିର୍ମାଣ, ବର୍ଜ୍ୟବସ୍ତୁ ପ୍ରସ୍ତୁତି କେନ୍ଦ୍ର, ଚିଲଡ୍ରେନ ପାର୍କ ନିର୍ମାଣ ଆଦି ସୁବିଧା କରାଯାଇଛି। ଏହି ସବୁକୁ ରକ୍ଷଣାବେକ୍ଷଣ କରିବା ସହିତ ନୂତନ କାର୍ଯ୍ୟକ୍ରମ କରିବା ପାଇଁ ଏନ୍‌ଏସି ସହ ପଲକାପଡା ଗୋଷ୍ଠୀ କେନ୍ଦ୍ର ବସ୍ତିବାସିନ୍ଦଙ୍କ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ବସ୍ତିବାସିନ୍ଦଙ୍କ ବିଷୟରେ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ କେସିଙ୍ଗା ତହସିଲଦାର ଜ୍ୟୋତିର୍ମୟ କର, ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ଯୋଗଦେଇ ଜାଗା ମିଶନ ବିଷୟରେ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ପଲକାପଡା ଗୋଷ୍ଠୀ କେନ୍ଦ୍ର ସଭାନେତ୍ରୀ ବୈଶାଖୀ ଶିଖା, ସମ୍ପାଦକ ଗୋବର୍ଦ୍ଧନ ଶିଖା, ଏନ୍‌ଏସି ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବସ୍ତିବାସିନ୍ଦାଙ୍କ ନିମନ୍ତେ ପ୍ରସ୍ତୁତି ଦକ୍ଷତା ବୃଦ୍ଧିର ସୂଚନା ପୁସ୍ତକ ଉପଜିଲାପାଳ ଉନ୍ମୋଚନ କରି ସମସ୍ତଙ୍କୁ ପ୍ରଦାନ କରିଥିଲେ।

# ୪ ହାଇୱେ ଲୁଟେରା ଗିରଫ: ଲୁଟ୍ ଟଙ୍କା, ବାଇକ୍ ଜବତ

**ବଲାଙ୍ଗୀର ଅଫିସ, ୭।୧**

ବଲାଙ୍ଗୀର ସଦର ଥାନା ପୋଲିସ ୪ ଜଣ ହାଇୱେ ଲୁଟେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗତ ବୁଧବାର ବିଳମ୍ବିତ ରାତିରେ ୨୬ ନମ୍ବର ଜାତୀୟ ରାଜପଥର ସିନ୍‌ଖମନ୍ ପୋଲ ଉପରେ ଦେଓଗାଁ ପଟକୁ ଯାଉଥିବା ଏକ ଡିଜେଲ ଟ୍ୟାଙ୍କର (ଓଡି୦୫ଏଏସ୍୨୭୪୯)କୁ ୪ ଜଣ ଲୁଟେରା ଅଟକାଇ ଡ୍ରାଇଭରଙ୍କୁ ମାଡ ମାରି ତାଙ୍କଠାରୁ ୭ ହଜାର ୬ ଶହ ଟଙ୍କା ଏବଂ ଦୁଇଟି ମୋବାଇଲ ଫୋନ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ କଟକ ଜିଲାର ଡ୍ରାଇଭର ଅର୍ଜ୍ଜୁନ ନାୟକ ସଦର ଥାନାକୁ ଆସି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନାଧିକାରୀ ଶ୍ରୀକାନ୍ତ ସାହୁ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାଉନ୍ତମୁଣ୍ଡା ଗ୍ରାମର ଲକି ଓରଫ୍ ଡୁଲେଶ୍ୱର ସୁନା (୨୦), କୁଟାସିଂହା ଗ୍ରାମର ସନ୍ତୋଷ ବସ୍ତିଆ (୨୭), ବଲାଙ୍ଗୀର ତାଲପାଲିପଡର ସାନୁ ଓରଫ୍ ସୋନୁ ନାଏକ (୨୧) ଓ ମଝିଆ ଓରଫ୍ ସୁଶାନ୍ତ ଭୋଇ (୨୧)ଙ୍କୁ ଗିରଫ କରିଥିଲେ। ଗିରଫ ୪ ଅଭିଯୁକ୍ତଙ୍କ ଠାରୁ ଲୁଟ୍ ହୋଇଥିବା ଟଙ୍କା, ଦୁଇ ମୋବାଇଲ ଫୋନ୍, ଗୋଟିଏ ମୋଟର ସାଇକେଲ, ଛୁରୀ ଓ ଏକ ପଥର ଜବତ କରିଥିଲେ।

# ଏକ ସପ୍ତାହ ପାଇଁ ବଡଭାଇ ଘରକୁ ବାହାରିଲେ ମା' ସୁନାଦେଈ



ସୁନାଦେଈଙ୍କ ଛତର ଧରି ଫରସରା ଅଭିମୁଖେ ଯାଉଛନ୍ତି।

**ନୂଆପଡ଼ା ଅଫିସ,୭।୧**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟରେ ଅବସ୍ଥିତ ଚକୋଟିଆ ଭୁଞ୍ଜିଆମାନଙ୍କ ଇଷ୍ଟଦେବୀ ମା' ସୁନାଦେଈ ଏକ ସପ୍ତାହ ପାଇଁ ବଡ ଭାଇଘରକୁ ଯାଉଛନ୍ତି। ପ୍ରାପ୍ତ ସୂଚନାନୁସାରେ ବୋଡେନ ବ୍ଲକ ଫରସରା ଗାଁରେ ଆସନ୍ତା ୧୧ରେ ଧରୁଆ ବୁଢାଙ୍କ ଗାଦିଯାତ୍ରା ଓ ୧୨ରେ ସୁନାଦେଈ, ଧରୁଆ ବୁଢାର ଛତର ବୋଏଲ ଯାତ୍ରା ଅନୁଷ୍ଠିତ ହେବ। ଏହିକ୍ରମରେ ସୁନାଦେଈଙ୍କ ବଡଭାଇ ଧରୁଆ ବୁଢା ସୁନାଦେଈଙ୍କୁ ଗାଦିଯାତ୍ରାରେ ନିମନ୍ତ୍ରଣ କରିଛନ୍ତି। ଶୁକ୍ରବାର ସୁନାଦେଈ ପୂଝାରୀ ବିଶ୍ରାମ ଛତ୍ରିଆଙ୍କ ସହିତ ଗାଁର ଶତାଧିକ ଲୋକ ସୁନାଦେଈ ଛତର ଧରି ଫରସରା ଅଭିମୁଖେ ବାହାରିଛନ୍ତି। ସୁନାବେଡାରୁ ଖାଲି ପାଦରେ ଚାଲି ଚାଲି ଯାଇ ଛତର ୧୧ରେ ଫରସରାରେ ପହଞ୍ଚିବ। ୧୨ରେ ଧରୁଆ ବୁଢା ସହିତ ଫରସରା ଗାଁରେ ବୋଏଲ ବୁଲି ପୁଣି ସୁନାବେଡାକୁ ଫେରିବ। ଏହି ଛତର ପଦଯାତ୍ରା ଶୁକ୍ରବାର ଚେରେଚୁଆଁରେ ରହିବ। ଶନିବାର ପୂର୍ବାହ୍ନରୁ ଖୋଲି ଭିତର ଝରନାମାଲ, ନାଗପଡା, ବୋଡେନ ଦେଇ ଫରସରା ଗାଁକୁ ଯିବ। ଯେଉଁ ଗାଁରେ ସୁନାଦେଈଙ୍କ ଛତର ରାତ୍ରି ରହିବ ସେହି ଗାଁରେ ସେହିଦିନ ମା'ଙ୍କୁ ବୋଦା ବଳି ଦେବାର ପ୍ରଥା ରହିଛି। ୧୨ରେ ବୋଏଲ ଛତର ଯାତ୍ରା ସରିବା ପରେ ସୁନାବେଡାକୁ ଆସି ସୁନାଦେଈଙ୍କୁ ବୋଦାବଳି ଦେଇ ପୁଣି ମନ୍ଦିରରେ ସ୍ଥାପନ କରିବେ।

# ବେଲପଡାରେ ଅଲ୍ ଓଡିଶା ଫୁଟବଲ ଟୁର୍ନାମେଣ୍ଟ: ବଲାଙ୍ଗୀର ସ୍ପୋର୍ଟ୍ସ ବିଜୟୀ

**ବେଲପଡା,୭।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡା ହାଇସ୍କୁଲ ଖେଳ ପଡିଆରେ ଶୁକ୍ରବାର ବେଲପଡା ଟାଉନ କ୍ଲବ ପକ୍ଷରୁ ଦଶମ ବର୍ଷ ଅଲ୍ ଓଡିଶା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ମ୍ୟାଚ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଓ ଲୋଇସିଂହା (ଏସ୍‌ଉଆଇଏସ୍ ସୁଜିଆ ଏଫ୍‌ସି) ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ମୁଖ୍ୟଅତିଥି, ସମାଜସେବୀ ଶଙ୍କର ପ୍ରସାଦ ଜୈନ, ବିଧାୟକ ପ୍ରତିନିଧି ଗଣେଶ କୁମ୍ଭାର ସମ୍ମାନିତ ଅତିଥି ଥିଲେ। ରେଫରି ଭାବରେ ଦୋଲଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ସେଠ,ନସିଂ ସ୍ୱାମୀ ନାଇଡୁ ଓ ରାଜେନ୍ଦ୍ର ଧରୁଆ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ସଭାପତି ଫାଟୁ ପାଲ, ସଂପାଦକ ଆଲୋକ କୁମାର ବେହେରା, ଅଜିତ ବେହେରା, ଜନାର୍ଦ୍ଦନ ବାରିକ,ରାହୁଲ ବାଗ, ଯଦୁମଣି ଦଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।

# ୧୦ ତମ ଦେଓଗାଁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଦେଓଗାଁ ଚାମ୍ପିୟନ

**ଦେଓଗାଁ,୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ନେହେରୁ ଖେଳପଡିଆରେ ୫ଦିନ ଧରି ଚାଲିଥିବା ୧୦ତମ ଦେଓଗାଁ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଦେଓଗାଁ ବବି ଇଲେଭେନ ଓ ଭୂତିଆରବାହାଲ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଗାଁ (ବବି ଇଲେଭେନ) ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଖେଳକୁ ଅନ୍ତ ମଲ୍ଲିକ ଓ ନନ୍ଦି ନନ୍ଦ ପରିଚାଳନା କରିଥିଲେ। ସପନ କୁମାର ଅଗ୍ରୱାଲ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ରାଜା ଓ ମ୍ୟାନ ଅଫ ଦି ସିରିଜ ରାମ ସାହୁ ଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ବିଜେଡି ସଭାପତି ନିହାର ରଞ୍ଜନ ସ୍ୱାଇଁ, ଦେଓଗାଁ ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ରାଶି ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଯୁବନେତା କାର୍ତ୍ତିକ ମଲ୍ଲିକ, ଯୁବ ସମାଜସେବୀ ଶଙ୍କର ପ୍ରସାଦ ଅଗ୍ରୱାଲ ଯୋଗଦେଇ ଖେଳାଳି ବୃନ୍ଦଙ୍କୁ ଉତ୍ସାହିତ କରିଥିଲେ।

# କୋଭିଡ୍ କଟକଣା ଜାରି କଲା ଜିଲା ପ୍ରଶାସନ

**ବଲାଙ୍ଗୀର ଅଫିସ, ୭।୧**

ସମଗ୍ର ଦେଶ ତଥା ରାଜ୍ୟରେ ଓମିକ୍ରନ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ କଟକଣା ଜାରି କରାଯାଇଛି। ଜିଲାପାଳ କାର୍ଯ୍ୟାଳୟ ଜରୁରୀ ଶାଖା ପକ୍ଷରୁ ଜିଲାର ସମସ୍ତ ମ୍ୟୁନିସିପାଲିଟି, ଏନ୍‌ଏସି, ବ୍ଲକ୍ ସ୍ତରରେ ଥିବା ସମସ୍ତ ପ୍ରକାଶ ମାର୍କେଟ, ଦୋକାନ ବଜାରରୁ ଜନଗହଳି କମାଇବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହାସହିତ ଜନସାଧାରଣ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରଖିବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଏବଂ ସାନିଟାଇଜର ବ୍ୟବହାର କରି କିଭଳି କୋଭିଡ ଗାଇଡଲାଇନ୍ ପାଳନ କରିବେ ତାହା ସୁନିଶ୍ଚିତ କରିବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ସମସ୍ତ ମ୍ୟୁନିସିପାଲିଟି ,ଏନ୍‌ଏସିର ନିର୍ବାହୀ ଅଧିକାରୀ, ସମସ୍ତ ବିଡିଓ ,ତହସିଲଦାର, ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଯାଇ ଗୁରୁବାର ଠାରୁ କଟକଣା ଜାରି କରିବାକୁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ଚଞ୍ଚଳ ରାଣା ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ କୋଭିଡ ଓ ଓମିକ୍ରନ୍ ମୁକାବିଲା ପାଇଁ ସମସ୍ତ ଦିଗକୁ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ସମ୍ଭାବ୍ୟ କୋଭିଡ ଓ ଓମିକ୍ରନ୍ ମୁକାବିଲାକୁ ନେଇ ଜିଲାରେ ଅକ୍ସିଜେନ୍ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ରାଣାଙ୍କୁ ପଚରାଯିବାରେ କହିଥିଲେ, ବଲାଙ୍ଗୀର ଏକମାତ୍ର ଜିଲା ଯେଉଁଠାରେ ତିନୋଟିରୁ ଦୁଇଟି ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯାଇ ସାରିଛି। ଗୋଟିଏ ସପ୍ତାହ ପୂର୍ବରୁ ଏଠାରେ ଅକ୍ସିଜେନ୍ ସିଲିଣ୍ଡର ବ୍ୟବହାର ବନ୍ଦ କରାଯାଇଛି। ସିଧା ପ୍ଲାଣ୍ଟରୁ ଭୀମଭୋଇ ହସ୍ପିଟାଲର ବିଭିନ୍ନ ୱାର୍ଡକୁ ଅକ୍ସିଜେନ୍ ଯୋଗାଣ କରାଯାଉଛି। ଅକ୍ସିଜେନ୍ ପ୍ଲାଣ୍ଟରୁ ହିଁ ପୂରା ମେଡିକାଲ କଲେଜ ହସ୍ପିଟାଲକୁ ଅକ୍ସିଜେନ୍ ଯୋଗାଣ ହେଉଛି। ଏବେ ଦୁଇଟି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ଏଲଏମ୍‌ଓ ପ୍ଲାଣ୍ଟର ନିର୍ମାଣ ସାମାନ୍ୟ ବାକି ଅଛି ବୋଲି ସେ ସୂଚନା ଦେଇଛନ୍ତି। ହସ୍ପିଟାଲର ସମସ୍ତ କୋଭିଡ ୱାର୍ଡକୁ ସେଣ୍ଟ୍ରାଲ ପାଇପ ଲାଇନ୍‌ରେ ଅକ୍ସିଜେନ୍ ଯୋଗାଣ ବ୍ୟବସ୍ଥା କରାଯାଇସାରିଛି। ଆଉ ଗୋଟିଏ ଦୁଇଟି ୱାର୍ଡ ଯେଉଁଟା ପ୍ଲାଣ୍ଟ ଠାରୁ ସାମାନ୍ୟ ଦୂରରେ ରହିଛି ସେଠାକୁ ପାଇପ୍‌ଲାଇନ୍ ସଂଯୋଗ ହୋଇନାହିଁ। ପିଲ୍‌ମନରି ୱାର୍ଡ ଓ ଜେନେରାଲ ୱାର୍ଡଗୁଡିକରେ ମଧ୍ୟ ଅକ୍ସିଜେନ୍ ପାଇପ୍‌ଲାଇନ୍ ସଂଯୋଗ ହୋଇସାରିଛି ବୋଲି କହିଥିଲେ। ଏହାସହିତ ଟିଟିଲାଗଡ ହସ୍ପିଟାଲରେ ମଧ୍ୟ ଆଗାମୀ ୭ ଦିନ ମଧ୍ୟରେ ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଯିବ। ଅକ୍ସିଜେନ୍ ପ୍ଲାଣ୍ଟ ପରିଚାଳାନା ପାଇଁ ସ୍ଥାନୀୟ ଆଇଟିଆଇର ୧୦ ଜଣ ପିଲାଙ୍କୁ ତାଲିମ ଦିଆଯାଇଛି ବୋଲି ଜିଲାପାଳ ରାଣା କହିଥିଲେ।

**ବଲାଙ୍ଗୀରରେ ଅକ୍ସିଜେନ୍ ମହଜୁଦ୍: ଜିଲାପାଳ**



## ମିଶନ ଶକ୍ତି ଗୃହର ଭୂମି ପୂଜନ

ବୌଦ୍ଧ (ସ୍ୱ.ପ୍ର.): ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ଆଗକୁ ନେବାକୁ ବର୍ତ୍ତମାନ ସମସ୍ତ ବ୍ଲକରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି । ଶୁକ୍ରବାର ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକଠାରେ ମିଶନ ଶକ୍ତି ଗୃହର ଭୂମିପୂଜନ କରାଯାଇଛି । ଏହି ଭୂମି ପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଭୂମି ପୂଜନ କରିଥିଲେ । ଏହି ଗୃହ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବ । ଏହି ଭୂମି ପୂଜନ ଉତ୍ସବରେ ହରଭଙ୍ଗା ବିଡିଓ ସ୍ମିତା ରଥ, ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଅଙ୍କୁର ସେଠୀ, ପୂର୍ତ୍ତ ବିଭାଗ କର୍ମଚାରୀ ଓ ବ୍ଲକର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**ଡୁଙ୍ଗୁରିପାଲି,୭।୧(ଡି.ଏନ.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣକୁ ବାଦ୍ ଦିଆଯାଇଥିବାରୁ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଭାଜପା ପକ୍ଷରୁ ଶୁକ୍ରବାର ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୁଖା ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି କ୍ଷୀରୋଦ ବୁଡେକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଝାରୀ, ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ରକିଶୋର ମହଲା, ଡୁଙ୍ଗୁରିପାଲି ମଣ୍ଡଳ ସଭାପତି ନିତେଇ ପାଲ, ବିକାଶ ଶତପଥୀ, ରଥ ସାହୁ, ବିକାଶ ହାତୀ, ଅଶୋକ ଜୁଆଡି, ସନ୍ତୋଷ ସାହୁ, ଶିବ ମୁଗଦି, ଚର୍ତ୍ତୁଃଭୁଜ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ପଛୁଆ ବର୍ଗଙ୍କୁ ଯେଉଁ ସାମ୍ବିଧାନିକ ଅଧିକାର ଦିଆଯାଇଛି ତାହା ସୁନିଶ୍ଚିତ କରିବା ପରେ ପଞ୍ଚାୟତ ନିର୍ବାଚନ କରାଯାଉ ବୋଲି ଦାବି କରାଯାଇଛି ।

### ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ: ବାବା ବିଶ୍ୱନାଥ ଓ ମୁଣ୍ଡାପଡ଼ା ବିଜୟୀ

**ବାଉଁଶୁଣୀ,୭।୧(ଡି.ଏନ.ଏ.):** ବୌଦ୍ଧ ଜିଲା ଅଁଳାପାଲି ପଞ୍ଚାୟତ ଦନ୍ତାପାଲି ଖେଳପଡ଼ିଆ ଠାରେ ଶୁକ୍ରବାର ଗାନ୍ଧିଜୀ ଯୁଥ କ୍ଲବ ତରଫରୁ ୨୮ ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଦିନ ମ୍ୟାଚରେ ମୁଖ୍ୟଅତିଥି ଭାବେ ପ୍ରଦୀପ ମହାକୁଡ଼, ସମ୍ମାନିତ ଅତିଥି ଭାବେ ପ୍ରବୀଣ ବିଶି ଯୋଗ ଦେଇଥିଲେ । ପ୍ରଥମରେ ବାବା ବିଶ୍ୱନାଥ ସହିତ ଟାଟରକିଲା ମଧ୍ୟରେ ଖେଳ ହୋଇଥିଲା। ବାବା ବିଶ୍ୱନାଥ ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମୁଣ୍ଡାପଡା ସହିତ ଗୋପୀନାଥପୁର ମଧ୍ୟରେ ହୋଇଥିଲା । ମୁଣ୍ଡାପଡା ଦଳ ଟାଇବ୍ରେକର ସାହାଯ୍ୟରେରେ ବିଜୟୀ ହୋଇଥିଲେ।

### ୪୪୬ ଶ୍ରମିକଙ୍କୁ କାର୍ଡ ବାଣ୍ଟିଲେ ମନ୍ତ୍ରୀ

**ପଦ୍ମପୁର,୭।୧(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୪୪୬ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ କରିଛନ୍ତି। ଏହି କାର୍ଡ ମାଧ୍ୟମରେ ଶ୍ରମିକମାନଙ୍କ ପାଇଁ ସରକାର କରିଥିବା ଯୋଜନା ସମ୍ପର୍କରେ ମନ୍ତ୍ରୀ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଭୋଜରାଜ ସିଂ ବରିହା, ନବ ବରିହା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ପ୍ରୀତମ ମେହେର, ମନୋରମା ମହାପାତ୍ର, ଭାରତୀ ପଟ୍ଟନାୟକ ଉପସ୍ଥିତ ଥିଲେ।

### କରୋନା ପଜିଟିଭ ଚିହ୍ନଟ ପରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବନ୍ଦ

**ବଲାଙ୍ଗୀର ଅଫିସ,୭।୧:** ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପୁରୁଣା ପିଜି ହଷ୍ଟେଲରେ ରହୁଥିବା ଜଣେ ଛାତ୍ର ଓ ଦୁଇଜଣ ଲାଇବ୍ରେରି ଷ୍ଟାଫ୍ କରୋନା ପଜିଟିଭ ଚିହ୍ନଟ ହେବା ପରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଗୁରୁବାର ଦିନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପିଜି ହଷ୍ଟେଲରେ ରହୁଥିବା ଜଣେ ଛାତ୍ର କରୋନା ପଜିଟିଭ ବୋଲି ଜଣାପଡିଥିଲେ । ରିପୋର୍ଟ ଆସିବା ପରେ ବିଶ୍ୱବିଦ୍ୟାଳୟର ସମସ୍ତ କ୍ଲାସ୍‌କୁ ୧୫ ତାରିଖ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିବା ନିଷ୍ପତ୍ତି ନିଆଯାଇଥିଲା। ସୋମବାର ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଶୁକ୍ରବାର ବିଶ୍ୱବିଦ୍ୟାଳୟର ଦୁଇଜଣ ଷ୍ଟାଫ୍ କରୋନା ପଜିଟିଭ ଜଣାପଡିଥିଲେ। ରିପୋର୍ଟ ଆସିବା ପରେ ବିଶ୍ୱବିଦ୍ୟାଳୟ ଷ୍ଟାଫ୍‌ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ କୁଳପତି ପ୍ରଫେସର ମହାପାତ୍ର ପରାମର୍ଶ ଦେଇଛନ୍ତି।

# ୧୦ ଦିନ ପରେ ବି ଧାନ ବିକ୍ରି ଟଙ୍କା ମିଳୁନି

**ସୋନପୁର,୭।୧(ନି.ପ୍ର.)**

**ଚିନ୍ତାରେ ସୁବର୍ଣ୍ଣପୁର ଜିଲାର ଚାଷୀ**

ସୁବର୍ଣ୍ଣପୁର ଜିଲାର ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସରକାରଙ୍କୁ ଧାନ ବିକ୍ରି କରି ଟଙ୍କା ପାଇନାହାନ୍ତି। ଧାନ ବିକ୍ରିର ୭୨ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବ ବୋଲି ସରକାର କହୁଥିବା ବେଳେ ବାସ୍ତବ ସ୍ଥିତି ଭିନ୍ନ ରହିଛି। ଜିଲାର ଶତାଧିକ ଚାଷୀ ଧାନ ବିକ୍ରିର ୧୦ ଦିନ ପରେ ବି ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତ ଚାଷୀ ଏବେ ଚିନ୍ତାରେ ଅଛନ୍ତି। ବିନିକା ବ୍ଲକ ମହାଦେବପାଲି ଗାଁର ଚାଷୀ ବିଜୟ କୁମାର ନାୟକଙ୍କ ଅଭିଯୋଗ ଅନୁଯାୟୀ, ସେ ଡିସେମ୍ବର ୨୯ ତାରିଖରେ ୭୫ କୁଇଣ୍ଟାଲ ଧାନ ସେଲେଡି ପ୍ୟାକ୍ସରେ ବିକ୍ରି କରିଥିଲେ। ଏ ବାବଦରେ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ହିସାବରେ ୧ଲକ୍ଷ ୪୫ହଜାର ୫୦୦ଟଙ୍କା ପାଇବା କଥା। ମାତ୍ର ରାଜ୍ୟ ଯୋଗାଣ ନିଗମ ଏ ପର୍ଯ୍ୟନ୍ତ ବ୍ୟାଙ୍କ ଜରିଆରେ ବିଜୟଙ୍କ ଆକାଉଣ୍ଟରେ ଟଙ୍କା ଜମା କରିନି। ବ୍ୟାଙ୍କକୁ ବାରମ୍ବାର ଦୌଡି ଚାଷୀ ନିରାଶ ହୋଇ ଫେରୁଛନ୍ତି। ସମାନ ଅଭିଯୋଗ କରିଛନ୍ତି ତରଭା ବ୍ଲକ ଅର୍ଡା ଗ୍ରାମର ଚାଷୀ ସୂର୍ଯ୍ୟଭାନୁ କର୍ମୀ। କର୍ମୀ ଡିସେମ୍ବର ୨୮ ତାରିଖରେ ମେଣ୍ଡା ପ୍ୟାକ୍ସରେ ୭୫ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ମାତ୍ର ସେ ଯେଉଁ ଆକାଉଣ୍ଟ ନମ୍ବର ଦେଇଥିଲେ ସେଥିରେ ଧାନ ବିକ୍ରି ଟଙ୍କା ଜମା ହୋଇନି। ସେ ପ୍ୟାକ୍ସ, ସମବାୟ ବିଭାଗ ଓ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଆସି ନିଜର ଦୁଃଖ ଜଣାଉଛନ୍ତି। ମେଣ୍ଡା ପ୍ୟାକ୍ସ ସମ୍ପାଦକ ଖଗେଶ୍ୱର ମହାକୁର କୁହନ୍ତି ତାଙ୍କ ପ୍ୟାକ୍ସ ଅଧୀନରେ ୧୦ରୁ ୧୨ ଜଣ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନି। ପରେ ଧାନ ବିକ୍ରି କରିଥିବା ଚାଷୀ ଟଙ୍କା ପାଇଲେଣି କିନ୍ତୁ ସୂର୍ଯ୍ୟଭାନୁଙ୍କ ଭଳି କିଛି ଚାଷୀ ଧାନ ବିକ୍ରି ଟଙ୍କା ପାଇନାହାନ୍ତି। ଚାଷୀଙ୍କ କାଗଜପତ୍ର ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଠିକ୍ ଅଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ସେ କହିଛନ୍ତି। ଗତ ଡିସେମ୍ବର ୬ ତାରିଖରୁ ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନ କ୍ରୟ ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନ ସୁଦ୍ଧା ୬୨ଟି ପ୍ୟାକ୍ସ ଓ ୩୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ଜିଲାର ୩୨ ହଜାର ୯୪୯ ଜଣ ଚାଷୀଙ୍କ ନିକଟରୁ ୧୮ ଲକ୍ଷ ୭୦ ହଜାର ୧୯୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଜିଲାର ଚାଷୀଙ୍କୁ ଧାନ ବିକ୍ରି ବାବଦ ୩୬୨ କୋଟି ଟଙ୍କା ପ୍ରଦାନ କରାଯିବା କଥା। କିନ୍ତୁ ଶୁକ୍ରବାର ସୁଦ୍ଧା ୨୨ ହଜାର ୩୬୨ ଜଣ ଚାଷୀଙ୍କୁ ୨୪୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଲାର ୧୦ ହଜାର ୫୮୬ ଜଣ ଚାଷୀ ୧୧୮ କୋଟି ଟଙ୍କା ପାଇବାକୁ ବାକି ଥିବା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି । ସେହିଭଳି ଚାଷୀଙ୍କ ଟୋକନ୍ ଆସିଥିବା ବେଳେ ଅଧିକାଂଶ ମଣ୍ଡିରେ ଧାନ ବିକ୍ରି ହୋଇପାରୁନି। ଏଭଳି ସ୍ଥିତିରେ ବିଭିନ୍ନ ମଣ୍ଡିରେ ଧାନ ବସ୍ତା ପଡିରହିଛି। ମିଲର୍ସ ଆସୁ ନ ଥିବାରୁ ପ୍ୟାକ୍ସ ଓ ଏସଏଚଜି ଧାନ କିଣୁ ନଥିବା ଅଭିଯୋଗ ହୋଇଛି। ଧାନ ବିକ୍ରି ପାଇଁ ୯୬ହଜାର ୫୦୦ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କୁହନ୍ତି ସଫ୍ଟୱାର ସମସ୍ୟା ଯୋଗୁ ୨୮ ଓ ୨୯ ତାରିଖରେ ଯେଉଁ ଚାଷୀ ଧାନ ବିକ୍ରି କରିଛନ୍ତି ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନି। ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକଙ୍କୁ ଚାଷୀଙ୍କ ତାଲିକା ଓ କାଗଜପତ୍ର ଉପରିସ୍ଥ ଅଧିକାରୀଙ୍କ ଜରିଆରେ ଭୁବନେଶ୍ୱର ଅଫିସକୁ ପଠାଇବାକୁ କୁହାଯାଇଛି। କମ୍ ଦିନ ଭିତରେ ଚାଷୀ ସେମାନଙ୍କ ଧାନ ବିକ୍ରି ଟଙ୍କା ପାଇବେ ବୋଲି ପାଣିଗ୍ରାହୀ କହିଛନ୍ତି।

## ଧାନମଣ୍ଡି ବୁଲି ଚାଷୀଙ୍କ ସମସ୍ୟା ଅନୁଧ୍ୟାନ



କୃଷକ ମୋର୍ଚ୍ଚା ସଭାପତି ବୌଦ୍ଧ ଜିଲାର ବିଭିନ୍ନ ଧାନମଣ୍ଡି ବୁଲି ଚାଷୀଙ୍କ ସମସ୍ୟା ଅନୁଧ୍ୟାନ କରୁଛନ୍ତି ।

**ବୌଦ୍ଧ,୭।୧(ସ୍ୱ.ପ୍ର.)**

- ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତିଙ୍କ ବୌଦ୍ଧ ଗସ୍ତ
- କଟନୀ ଛଟନୀ ନେଇ ଚାଷୀଙ୍କ ଅଭିଯୋଗ

ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ପୁରୋହିତଙ୍କ ନେତୃତ୍ୱରେ ଏକ ୮ ଜଣିଆ ପ୍ରତିନିଧି ମଣ୍ଡଳୀ ଦୁଇଦିନିଆ ବୌଦ୍ଧ ଜିଲା ଗସ୍ତରେ ଆସି ବିଭିନ୍ନ ଧାନମଣ୍ଡି ବୁଲିବା ସହିତ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ତଥ୍ୟ ସଂଗ୍ରହ କରିଥିବା ଜଣାଯାଇଛି। ପୁରୋହିତଙ୍କ ନେତୃତ୍ୱରେ ଏହି ପ୍ରତନିଧି ମଣ୍ଡଳୀ ବୌଦ୍ଧ ବ୍ଲକର ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, କାଶଲପୁର ଓ ହରଭଙ୍ଗା ବ୍ଲକର ବୀରନରସିଂହପୁର ମଣ୍ଡି ପରିଦର୍ଶନ କରିଥିଲେ। ମଣ୍ଡିଗୁଡିକରେ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଚାଷୀମାନଙ୍କୁ ପଚାରିବା ସହିତ ସେ ସଂପର୍କରେ ମଣ୍ଡି ଦାୟିତ୍ୱରେ ଥିବା ସମବାୟ ସମିତିର କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ପ୍ରତ୍ୟେକ ମଣ୍ଡିରେ ଧାନ କଟନୀ ଛଟନୀ କରାଯାଉଥିବା ବେଳେ ଅଖା ବସ୍ତା ଟଙ୍କା ଦିଆଯାଉ ନ ଥିବା, ଧାନମଣ୍ଡିରେ ଖୋଲାରେ ଧାନ ପଡି ରହିବା ଏବଂ ସମବାୟ ସମିତି କର୍ତ୍ତୃପକ୍ଷ ତାର୍ପୋଲିନ ବ୍ୟବସ୍ଥା ନ କରିବା ଚାଷୀମାନେ ଅଭିଯୋଗ କରିଥିଲେ। ଭବିଷ୍ୟତରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିବାରେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ କର୍ମକର୍ତ୍ତାମାନେ ଚାଷୀଭାଇଙ୍କୁ ସହଯୋଗ କରିବାକୁ ପୁରୋହିତ ପରାମର୍ଶ ଦେଇଥିଲେ।

## ଯୋଗାଣ ବିଭାଗର ଚଢ଼ାଉ, ଧାନ ବୋଝେଇ ଟ୍ରକ୍ ଜବତ

**ସୋନପୁର,୭।୧(ନି.ପ୍ର.)**

**ନୟାଗଡ଼ରୁ ଆସୁଛି ଧାନ**



ନୟାଗଡ ଜିଲାର ଚାଷୀଙ୍କ ଠାରୁ କମ୍ ଦରରେ ଧାନ କିଣି ବ୍ୟବସାୟୀ ମାଲାମାଲ ହେଉଛନ୍ତି। ଏହି ଧାନକୁ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ବରଗଡ ଭଳି ଜିଲାର ମିଲର୍ସଙ୍କୁ ବିକ୍ରି କରାଯାଉଛି। ଜିଲାର ବ୍ୟବସାୟୀମାନେ ମଧ୍ୟ ବାହାର ଜିଲାର ଧାନ କମ୍ ଦରରେ କିଣି ବିଭିନ୍ନ ମଣ୍ଡିକୁ ଆଣୁଛନ୍ତି। ବୁଧବାର ରାତିରେ ଯୋଗାଣ ବିଭାଗ ବୌଦ୍ଧ ଜିଲାରୁ ଆସିଥିବା ଏକ ଧାନ ବୋଝେଇ ଟ୍ରକକୁ ଜବତ କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ଯୋଗାଣ ବିଭାଗ ପକ୍ଷରୁ ପୁଣି ଏକ ୧୪ ଚକିଆ ଧାନ ବୋଝେଇ ଟ୍ରକ୍ ଜବତ କରାଯାଇଛି। ଭାରପ୍ରାପ୍ତ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏସିଏସଓ ଲଳିତ ପଟ୍ଟନାୟକ ଓ ସୋନପୁର ଯୋଗାଣ ନିରୀକ୍ଷକ ଦେବାଶିଷ ତ୍ରିପାଠୀ ପଟାଭାଡି ରାସ୍ତାରେ ଚଢାଉ କରି ଧାନ ବୋଝେଇ ଟ୍ରକ୍ ଓଡି୨୩ଏମ-୫୭୨୭କୁ ଜବତ କରିଛନ୍ତି। ଏହି ଟ୍ରକ୍‌ରେ ୪୨୩ ବସ୍ତା ଧାନ ଥିଲା। ଓଜନ ପରେ ମୋଟ ଧାନର ଓଜନ ୨୮୦କୁଇଣ୍ଟାଲ ୩୩କିଲୋ ବୋଲି ଜଣାପଡିଛି। ଏହି ଧାନ ନୟାଗଡ ଜିଲାରୁ ବେଆଇନ ଭାବେ ଚାଲାଣ ହେଉଥିଲା। ଧାନ ବ୍ୟବସାୟୀ ନୟାଗଡ ଜିଲା ଶରଣକୁଳ ଅଞ୍ଚଳର ଦିଗାମ୍ବର ସାହୁଙ୍କ ଠାରୁ ଯୋଗାଣ ବିଭାଗ ଧାନ ଓ ଟ୍ରକ୍ ଜବତ କରିଛି। ଯୋଗାଣ ବିଭାଗ ଧାନ ଓ ଟ୍ରକ୍‌କୁ ଜବତ କରି ପାଣିସିଆଲିସ୍ଥିତ କ୍ରିଷ୍ଣା ରାଇସ ମିଲରେ ଜିମା ଦେଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଧାରା ୭ ଅନୁଯାୟୀ ଯୋଗାଣ ବିଭାଗ ମାମଲା ରୁଜୁ କରିଛି।

## ଭାଜପା ଓବିସି ମୋର୍ଚ୍ଚାର ବିକ୍ଷୋଭ

**ବିନିକା,୭।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭାଜପା ଓବିସି ମୋର୍ଚ୍ଚା ତରଫରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ମହାକୁର, ଜିଲା ଭାଜପା ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ଉପ-ସଭାପତି ଅଶୋକ ପୃଷ୍ଟି ଏବଂ ବଳିଷ୍ଠ ମହାକୁର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ। ବିନିକା ବ୍ଲକରେ ୫୮ପ୍ରତିଶତ ପଛୁଆ ବର୍ଗ ଜନସଂଖ୍ୟା । ବିଗତ ନିର୍ବାଚନଗୁଡିକରେ ବିନିକା ବ୍ଲକ ଓବିସି ବର୍ଗର ସ୍ଥାନ ସଂରକ୍ଷଣ ରଖାଯାଇଥିଲା । ଫଳରେ ଓବିସି ବର୍ଗର ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ହୋଇଥିଲେ। ମାତ୍ର ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି । ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ବ୍ୟାସଦେବ ବେହେରାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ବେଲପାହାଡ ଏଫ୍‌ସି ସେମିଫାଇନାଲକୁ ଉନ୍ନୀତ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସୋନପୁର,୭।୧(ନି.ପ୍ର.)**

**ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୯ମ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ ବେଲପାହାଡ ଏଫ୍‌ସି ବିଜୟୀ ହୋଇଛି। ବ୍ଲକ ଛକସ୍ଥିତ ରୟାଲ ପଡିଆରେ ବରଗଡ ୟୁନାଇଟେଡ ଓ ବେଲପାହାଡ ଏଫସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୨ଟି ଲେଖାଏ ଗୋଲ ସ୍କୋର କରିବାରୁ ମ୍ୟାଚ୍ ଡ୍ର ରହିଥିଲା। ପରେ ଟାଇବ୍ରେକର ପଦ୍ଧତିରେ ୪-୩ ବ୍ୟବଧାନରେ ବେଲପାହାଡ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ବେଷ୍ଟ ଡିଫେନ୍ସ ଭାବେ ରାହୁଲ ସୁନା, ବେଷ୍ଟ ମିଡ୍ ଫିଲ୍ଡ ମଳୟ ଚୌଧୁରୀ, ବେଷ୍ଟ ୱିଙ୍ଗର ନରୁ ଭୋଇ, ବେଷ୍ଟ ଗୋଲ କିପର କାହ୍ନୁ ବିଶ୍ୱାଳ ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ଇପା ମହାକୁରଙ୍କୁ ପୁରସ୍କୃତ କରା ଯାଇଥିଲା। ମ୍ୟାଚ୍‌କୁ ସୁଦାମ ଜଗଦଲା, ଜଗତ ଜଗଦଲା, ପ୍ରଶାନ୍ତ ସେଠୀ ଓ ଚୁଡାମଣି ମେହେର ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବକୁ ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପରିଚାଳନା କରିଥିଲେ। ଶନିବାର ବେଲପାହାଡ ଏଫସି ଓ ଜିଏମ୍‌ସି ବୌଦ୍ଧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଅନୁଗୋଳକୁ ହରାଇ ସୋନପୁର ଫାଇନାଲରେ



ଉଭୟ ଦଳର ଖେଳାଳି ଓ ଅତିଥିମାନେ ।

**ଅମରପାଲି,୭।୧(ଡି.ଏନ.ଏ.)**

**୨ୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ଖେଳପଡିଆରେ ପିସିସି ଆନୁକୂଲ୍ୟରେ ୨ୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ଅନୁଗୋଳକୁ ହରାଇ ସୋନପୁର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ଦୁଇଟି ଫର୍ମାଟରେ ହୋଇଥିଲା। ସୋନପୁର ଟସ ଜିଣି ପ୍ରଥମ ଫର୍ମାଟରେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୧୯ରନ କରିଥିଲା। ଦଳର ଅଭିଲାଷ ନାୟକ ୬୪ରନ କରିଥିବା ବେଳେ ଅନୁଗୋଳର ପଙ୍କଜ ବେହେରା ଓ ମହମ୍ମଦ ଆତିଫ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ଦଳ ନିର୍ଦ୍ଧାରିତ ୧୫ଓଭର ରେ ୭ ଉଇକେଟ ହରାଇ ୧୦୧ରନ କରିଥିଲା। ଦଳର ଭବାନୀ ବିଶ୍ୱାଳ ୨୯ ଓ ଅଜିତ ପଧାନ ୨୪ରନ କରିଥିଲେ। ସୋନପୁରର ଆକାଶ ପାତ୍ର ୩ଟି ଓ ଗୌରଭ ରାଉତ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସୋନପୁର ନିର୍ଦ୍ଧାରିତ ୮ ଓଭରରେ ୬ଉଇକେଟ ହରାଇ ୮୭ରନ କରିଥିଲା। ଦଳର ଗୌରଭ ରାଉତ ୩୨ ରନ କରିଥିବା ବେଳେ ଅନୁଗୋଳର ସିଦ୍ଧେଶ୍ୱର ବେହେରା ୩ଟି ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ଦଳ ନିର୍ଦ୍ଧାରିତ ୮ ଓଭରରେ ୬ଉଇକେଟ ହରାଇ ୬୫ରନ କରିଥିଲା। ଦଳର ରଞ୍ଜନ ବିଶ୍ୱାଳ ୨୦ରନ କରିଥବା ବେଳେ ବିପକ୍ଷ ସୋନପୁରର ସୁମନ ମହାରଣା ୩ଟି ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସୋନପୁର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବାଣିଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ସ୍ଥାନୀୟ ସରପଞ୍ଚ ଆଶା ସାହୁ, ବହଳପଦର ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତା, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୋନପୁରର ଅଭିଲାଷ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳରେ ସୁଶିଳ ପାଣ୍ଡେ ଓ ଦେବାଶିଷ ପଧାନ ଅମ୍ପାୟାର, ଲିଙ୍ଗରାଜ ପଧାନ ସ୍କୋରିଂ ଏବଂ ରଞ୍ଜନ ,ସଞ୍ଜିତ ଓ ପିଙ୍କୁ ଗାଇଗରିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ଦିନ ବ୍ଲୁ ଡାଇମଣ୍ଡ ବରଗଡ ଓ ଖଣ୍ଡହତା ମଧ୍ୟରେ ପୁଲ-ବି ର ପ୍ରଥମ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି।

## ବୀମା ଦାବିରେ ଆନ୍ଦୋଳନ ପ୍ରସ୍ତୁତି

**ପଦ୍ମପୁର, ୭।୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଗୋରୁବଜାର ପ୍ରାଙ୍ଗଣରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକଙ୍କ ସଭାପତିତ୍ୱରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଚଳିତବର୍ଷ ମରୁଡି ସତ୍ତ୍ୱେ ବୀମା କମ୍ପାନୀର ମନମୁଖୀ କାମ ଯୋଗୁ ଫସଲ ବୀମା ମିଳିବା ନେଇ ଆଶଙ୍କା ରହିଥିବାରୁ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୀମା କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ସହ ସମସ୍ତ ସରକାରୀ କଳ ଅଚଳ କରି ରାଜରାସ୍ତାକୁ ଓହ୍ଲାଇ ଜୋରଦାର ଆନ୍ଦୋଳନ କରାଯିବା ପାଇଁ ବୈଠକରେ ଗ୍ରହଣ କରାଯାଇଥିଲା। ସଙ୍ଗଠନର ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥି, ଚିନ୍ମୟ ପଣ୍ଡା, ରୋହିତ ପ୍ରଧାନ, ବିଜୟ ସାହୁ, କୈଳାଶ ବାରିକ, ନିରାକାର ସାହୁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାନପ୍ରସ୍ଥ ଅନ୍ତେବାସୀ କରିବେ ଅଙ୍ଗଦାନ



**ବରଗଡ଼ ଅଫିସ୍,୭।୧**

ବରଗଡ଼ ସହର ଉପକଣ୍ଠ ଶାନ୍ତି ତପୋବନ ଆଶ୍ରମ ବାନପ୍ରସ୍ଥର ୪ ଅନ୍ତେବାସୀ ସୁମିତ୍ରା ଶତପଥି, ଯାଜ୍ଞସେନୀ ପ୍ରଧାନ, ହିମାଂଶୁ ଶତପଥି ଏବଂ ରାଜକୁମାର ଗୁପ୍ତା ଅଙ୍ଗଦାନ କରିବେ। ଏଥିପାଇଁ ସେମାନେ ଆବଶ୍ୟକ କାଗଜାତ ଦାଖଲ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବରଗଡ଼ ମହିଳା ମାରୱାଡ଼ି ସମ୍ମେଳନ ପକ୍ଷରୁ ଶୁକ୍ରବାର ଏ ନେଇ ଶାନ୍ତି ତପୋବନ ଆଶ୍ରମରେ ଏକ ସମ୍ବର୍ଦ୍ଧନା ସମାରୋହ ହୋଇଥିଲା। ଉକ୍ତ ସମାରୋହରେ ଅଙ୍ଗଦାନ ପାଇଁ ଚୁକ୍ତି କରିଥିବା ଉକ୍ତ ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ମହିଳା ମାରୱାଡ଼ି ସମ୍ମେଳନର ଅଞ୍ଜୁ ଅଗ୍ରୱାଲ, ନରେନ୍ଦ୍ର ହୋତା, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ଦେବଦତ୍ତ ତ୍ରିପାଠୀ, ଲବଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଣାକାର ବଜାର ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୭।୧**

ବରଗଡ଼ ସହର ଉପକଣ୍ଠ ବେହେରାସ୍ଥିତ ବୁଣାକାର ବଜାର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ୧.୬୭ ଏକର ଜମିରେ ୯.୩୭କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ବଜାରକୁ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାରୋହରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବୁଣାକାରଙ୍କ ବିକ୍ରିବଟାର ସୁବିଧା ଏବଂ ଏହାର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ଆହୁରି ୬କୋଟି ୨୯ଲକ୍ଷ ମଞ୍ଜୁର କରିବା ସହିତ ବୁଣାକାର ବଜାର ପାଇଁ ୨.୦୯ଏକର ଜମି ପ୍ରଦାନ କରିଥିବା ଅତାବିରା ବିଧାୟିକା ଛୁରିଆ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ରାହୁଲ ଜୈନ, ହସ୍ତତନ୍ତ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ ଚନ୍ଦ୍ର ପଟେଲ, ବୟନ ଶିଳ୍ପ ଉପନିର୍ଦ୍ଦେଶକ ଶିଶିର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଓରମାସର ଡେପୁଟି କାର୍ଯ୍ୟନିର୍ବାହୀ ରାଜଗୋପାଳ ଦାଶ ସଭା ପରିଚାଳନା କରିଥିଲେ। ଜିଲା ତଥା ପଡ଼ୋଶୀ ଜିଲାର ୪୫ବୁଣାକାର ଏସ୍‌ଏଚ୍‌ଜି, ୩୦ ତନ୍ତୁବାୟ ସମିତି ଯୋଗଦାନ କରିଥିଲେ।




ବୁଣାକାର ବଜାର ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## ବୀମା କମ୍ପାନୀ ବିରୋଧରେ ବନ୍ଦ ପାଳନ

**ଝାରବନ୍ଧ,୭।୧(ଡି.ଏନ.ଏ)**

ବରଗଡ଼ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଛି। ଜିଲାର ପଦ୍ମପୁର ଉପଖଣ୍ଡରେ ଏହି ସ୍ଥିତି ସଙ୍ଗୀନ ହୋଇଛି। ମାତ୍ର ବୀମା କମ୍ପାନୀ ବୀମା ସହାୟତା ଦେବା ବଦଳରେ ସ୍ୱେଚ୍ଛାଚାରିତା ଆରମ୍ଭ କରିଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନରୁ ବଞ୍ଚିତ କରିବା ପାଇଁ ବୀମା କମ୍ପାନୀ ନାନା ଆଳ କରିଛି। ପ୍ରିମିୟମ ଭରିଥିବା ଚାଷୀଙ୍କ ନାମକୁ ଏବେ ତାଲିକାରୁ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ କରିଛି ବୀମା କମ୍ପାନୀ। କମ୍ପାନୀର ଏଭଳି ସ୍ୱେଚ୍ଛାଚାରିତା ପ୍ରତିବାଦରେ ଝାରବନ୍ଧ ଅଞ୍ଚଳର ଚାଷୀମାନେ ଗତ ୩ତାରିଖରୁ ଝାରବନ୍ଧ ତହସିଲ ଅଫିସ ଆଗରେ ଧାରଣାରେ ବସିଥିବାବେଳେ ଶୁକ୍ରବାର ଝାରବନ୍ଧ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା। ସବୁ ଦୋକାନ, ବଜାର, ସରକାରୀ, ବେସରକାରୀ ଦପ୍ତର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଅନ୍ୟପଟେ ଗ୍ରାମ୍ୟ ଉନ୍ନୟନ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୦ତାରିଖରେ ସମ୍ପୃକ୍ତ ବୀମା କମ୍ପାନୀ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ବିହିତ ପଦକ୍ଷେପ ନିଆଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଚାଷୀମାନେ ଧାରଣାରେ ଅଟଳ ରହିଛନ୍ତି। ଆଞ୍ଚଳିକ ଚାଷୀ ସଙ୍ଗଠନର ଭୁବନାନନ୍ଦ ନାୟକ, ପ୍ରମୋଦ ରାୟ, ତରୁଣ ପଟେଲ, ଅଶୋକ ସାହୁ, ସନ୍ତୋଷ ବେହେରା, ଲଳିତ ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ପାଇକମାଳର ଚାଷୀନେତା ରାହାସ ବିହାରୀ ସାହୁ, ବିଶ୍ୱନାଥ ରଣା, ଗାଇସିଲେଟର ଅରବିନ୍ଦ ପଣ୍ଡା, ଗଜପତି ସାହୁ, ପଦ୍ମପୁରର ନିରାକାର ସାହୁ, ଚାଷୀନେତା ରମେଶ ମହାପାତ୍ର ପ୍ରମୁଖ ଧାରଣାକୁ ସମର୍ଥନ କରି ଏଥିରେ ସାମିଲ ହୋଇଛନ୍ତି। ଏହାସହିତ ଝାରବନ୍ଧ ବ୍ୟବସାୟୀ ସଂଘ, ଯୁବା ସଂଘ, ସ୍ପୋର୍ଟିଂ ଆସୋସିଏଶନ ପ୍ରମୁଖ ଧାରଣାକୁ ସମର୍ଥନ କରିଛନ୍ତି।



ଚାଷୀମାନେ ଝାରବନ୍ଧ ତହସିଲ ଅଫିସ ଆଗରେ ଧାରଣାରେ ବସିଛନ୍ତି।